୪

ମୋପାସାଁ କାହାଣୀ

୪

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ମୋପାସାଁ କାହାଣୀ

[ଚତୁର୍ଥ ଭାଗ]

ଅନୁବାଦ :

ଅଧ୍ୟାପକ ଶ୍ରୀଧର ଦାସ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ :

ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର
ବିନୋଦବିହାରୀ, କଟକ-୨
ଶାଖା : ବ୍ରହ୍ମପୁର (ଗଞ୍ଜାମ)

ମୁଦ୍ରକ :

ସୁରେଖା ପ୍ରିଣ୍ଟର୍ସ
କଟକ-୨

ପ୍ରଥମ ମୁଦ୍ରଣ : ୧୯୭୮

ମୂଲ୍ୟ ଟ ୪-୦୦

Digitized by srujanika@gmail.com

ସୂଚୀ

୧ ।	ହତ୍ୟାର ପ୍ରତିଶୋଧ	୧
୨ ।	ସ୍ୱପ୍ନ ନା ସତ୍ୟ ?	୯
୩ ।	ମରଣ ପରେ	୧୬
୪ ।	ଡେଲ୍ଲ	୨୭
୫ ।	ଗ୍ରେଭ଼ର	୪୩
୬ ।	ପ୍ରତିଦାନ	୫୧
୭ ।	ପ୍ରଥମ ଓ ଶେଷ ପ୍ରେମ	୬୫
୮ ।	ଅପମାନ	୭୪

Digitized by srujanika@gmail.com

ମୋପାସାଁ କାହାଣୀ

ହତ୍ୟାର ପ୍ରତିଶୋଧ

ପାଓଲୋ ସାଭେରିନ ସ୍ୱାମୀଙ୍କୁ ହରାଇବା ପରେ ଏକମାତ୍ର ପୁତ୍ରକୁ ସଙ୍ଗରେ ଘେନି ବୈଧବ୍ୟଜୀବନ କଟାଉଥିଲି । ସାର୍ଡିନିଆ ପ୍ରଦେଶର ନିମ୍ନଭାଗରେ ଏକ କ୍ଷୁଦ୍ର ସହରରେ ସେ ରହୁଥିଲା । ଏହି ସହରଟି ଗୋଟିଏ ପାହାଡ଼ ନିକଟରେ ଅବସ୍ଥିତ ଥିଲା । ପାହାଡ଼ର ନିକଟରେ ସମୁଦ୍ର । ଇଟାଲି ଓ ସାର୍ଡିନିଆର ମତ୍ସ୍ୟଜୀବୀମାନଙ୍କ ମାଛଧରା ନୌକାଗୁଡ଼ିକ ଅନେକ ସମୟରେ ଏହି ପାହାଡ଼ ନିକଟରେ ଆଶ୍ରୟ ନେଉଥିଲେ । ସମୟେ ସମୟେ ଷ୍ଟିମର ଜାହାଜ ମଧ୍ୟ ଏଠାରେ ରହୁଥିଲା ।

ଧଳା ପାହାଡ଼ର ଉପରଭାଗରେ କେତେଗୁଡ଼ିଏ ଘର ଦେଖାଯାଉଥିଲା । ଦୂରରୁ ଏଗୁଡ଼ିକ ପକ୍ଷୀବସା ପରି ମନେ ହେଉଥିଲା । ସମୁଦ୍ରର ଲହରୀ ଅନବରତ ପାହାଡ଼ଆ କୂଳରେ ପିଟି ହେଉଥିବାରୁ ସେଠାରେ କୌଣସି ବୃକ୍ଷଲତା ଦେଖିବାକୁ ମିଳୁ ନ ଥିଲା ।

ସାଭେରିନର ଘରଟି ଗୋଟିଏ ମୁଣ୍ଡିଆ ଉପରେ ଥିଲା । ସମୁଦ୍ରର ଲହରୀ ଏହାର ପାଦଦେଶକୁ ଧୌତ କରୁଥିଲା । ଝରକାବାଟେ ଚାହିଁଲେ ଶୂନ୍ୟ ରୁକ୍ଷ ଦିଗନ୍ତ ଛଡ଼ା ଆଉ କିଛି ଦେଖାଯାଉ ନ ଥିଲା । ଏହି ଘରେ ତିନୋଟି ମାତ୍ର ପ୍ରାଣୀ

Digitized by srujanika@gmail.com

ରହୁଥିଲେ ; ବିଧବା ସାଭେରନ, ତାହାର ପୁତ୍ର ଆଣ୍ଟୋଇନ ଓ ସେ ଦୁହିଁଙ୍କର ଆଦରର କୁକୁର ସେମିଲାନ୍ତ । କୁକୁରଟି ଅତି ପ୍ରଭୁଭକ୍ତ ଥିଲା ଓ ଆଣ୍ଟୋଇନକୁ ଶିକାରରେ ସାହାଯ୍ୟ କରୁଥିଲା ।

ଦିନେ ଆଣ୍ଟୋଇନ ପାହାଡ଼ ଉପରକୁ ଯାଇଥିଲା । ଦୈବାତ୍ ସେଠାରେ ନିକୋଲାସ ବୋଲି ଜଣେ ଲୋକ ସଙ୍ଗରେ ତାର ଦେଖା ହେଲା । ଦୁହିଁଙ୍କ ଭିତରେ ବଚସା ହେଉ ହେଉ ମାରାମାରି ହୋଇଗଲା । ଫଳରେ ଆଣ୍ଟୋଇନର ମୃତ୍ୟୁ ଘଟିଲା । ନିକୋଲାସ ଘଟଣା ସ୍ଥଳରୁ ପଳାଇଗଲା । ଏହି ଦୁର୍ଘଟଣାର କିଛି ସମୟ ପରେ କେତେଜଣ ବାଟୋଇ ଦୟା କରି ଆଣ୍ଟୋଇନର ମୃତ ଦେହକୁ ବିଧବାର ଘରକୁ ନେଇ ଆସିଲେ ।

ଏକମାତ୍ର ପୁଅର ଶବକୁ ଦେଖି ବିଧବାର ଛାତି ବିଦାରି ହୋଇଗଲା । ସେ କିଛି ସମୟ ପର୍ଯ୍ୟନ୍ତ ନିର୍ବେଦ ହୋଇ ରହିଲା । ତାର କାନ୍ଦିବାର ଶକ୍ତି ରହିଲା ନାହିଁ । ସେ କେବଳ ବ୍ୟାକୁଳ ଭାବରେ ପୁଅର ରକ୍ତାକ୍ତ ମୁହଁକୁ ଚାହିଁ ରହିଲା । କିଛି ସମୟ ପରେ ସେ ତାର କ୍ଷୀଣ, କମ୍ପମାନ ହାତ ଦୁଇଟିକୁ ପୁଅର ଶବ ଉପରେ ଟେକି ରଖି କହିଲା, "ପୁଅ, ମୁଁ ତୋର ମୃତ୍ୟୁର ପ୍ରତିଶୋଧ ନେବି । ଏହା ଧ୍ରୁବ ସତ୍ୟ ।" କେତେଜଣ ଲୋକ ବୁଢ଼ୀକୁ ସାନ୍ତ୍ୱନା ଦେବାପାଇଁ ପାଖରେ ଥିଲେ । କିନ୍ତୁ ବୁଢ଼ୀ ସେମାନଙ୍କୁ ବିଦାୟ କରିଦେଲା ଓ ଦୁଆର ବନ୍ଦକରି ପୁଅର ଶବ ନିକଟରେ ବସି ରହିଲା । ଘରେ କେବଳ କୁକୁରଟି ଛଡ଼ା ଆଉ କେହି ରହିଲେ ନାହିଁ । ବୁଢ଼ୀ ପୁଅର ଶବ ପାଖରେ ନଇଁପଡ଼ି ତାର ଦେହକୁ ଚାହିଁ ରହିଲା । ତାର ଶରୀର ଅବଶ ; ଅଚଳ ; କେବଳ ଆଖିରୁ ଟୋପା ଟୋପା ଲୁହ ଗଡ଼ି ପଡ଼ୁଥିଲା । ପାଖରେ କୁକୁରଟି ବେଳେ ବେଳେ ଆକୁଳରେ ରାବ ଉଠାଉଥିଲା ।

Digitized by srujanika@gmail.com

ପୁଅର ଶବ ଦେହରେ ଥିବା କୁରୁଡାଟି ନାନା ସ୍ଥାନରେ ଚିରି ଯାଇଥିଲା ଓ ସେଥିରେ ରକ୍ତ ଲାଗି ରହିଥିଲା । ତାର ପାଇଜାମା ସେହିପରି ରକ୍ତାକ୍ତ ହୋଇଥିଲା । ତାର ହାତ, ମୁହଁ, ପାଦ ସବୁଠାରେ ରକ୍ତ ; ଏପରିକ ତାର ମୁଣ୍ଡର ବାଳ ଓ ମୁହଁର ଦାଢ଼ିରେ ରକ୍ତ ଜମାଟ ବାନ୍ଧି ରହିଥିଲା ।

ବୃଢା ପୁଅର ଶବକୁ କେତେବେଳଯାଏ ଚାହିଁ କହିବାକୁ ଆରମ୍ଭ କଲା । କୁକୁରଟା ତାର ରବ ବନ୍ଦ କରିଦେଲା । ବୃଢା କହିଲା, "ପୁଅ, ତୁ ମୋର ଧନ, ତୁ ମୋର ସବୁ । ତୋର ଏ ମୃତ୍ୟୁର ପ୍ରତିଶୋଧ ମୁଁ ନିଶ୍ଚୟ ନେବ । ତୁ ଶାନ୍ତିରେ ଆର ପୁରରେ ରହିବୁ । ମନେ ରଖିଥାଅ, ତୋ ମୃତ୍ୟୁର ପ୍ରତିଶୋଧ ଅବଶ୍ୟ ନେବ ; ଏ ତୋର ମାଆର ପ୍ରତିଜ୍ଞା । ତୁ ଜାଣୁ, ତୋର ମାଆ ଯାହା ପ୍ରତିଜ୍ଞା କରେ, ତାହା ନ କରି ଛାଡ଼େ ନାହିଁ ।"

ରାତିଟିଯାକ ସେ ଘରେ ବୃଢା ଓ କୁକୁର ଶବ ପାଖରେ ଅନିଦ୍ରା ହୋଇ ରହିଲେ । ପରଦିନ ସକାଳେ ଆଣ୍ଟୋଇନର ଶବକୁ ସମାଧି ଦିଆଗଲା । କେତୋଟି ଦିନ ଭିତରେ ସେ ଅଞ୍ଚଳର ଲୋକେ ଆଣ୍ଟୋଇନର ନାମ ସୁଦ୍ଧା ଭୁଲିଗଲେ !

ଆଣ୍ଟୋଇନର ଭାଇ ନ ଥିଲା, କୌଣସି ନିକଟ ସମ୍ପର୍କୀୟ ବନ୍ଧୁ ବାନ୍ଧବ ନ ଥିଲେ । ଥିଲା କେବଳ ସେହି ବୃଢା ମାଆଟି । ସେହି ମାଆଟି ପୁଅର ମୃତ୍ୟୁର ପ୍ରତିଶୋଧ ନେବ ବୋଲି ପ୍ରତିଜ୍ଞା କଲା ।

ସରୁ ରାସ୍ତାଟିର ଆର ପାଖରେ ସମୁଦ୍ର କୂଳରେ ଗୋଟିଏ ଶ୍ଵେତ ଧଳା ପଦାର୍ଥ ଦେଖାଯାଉଥାଏ । ବୃଢା ନିଜ ଘରର ଦ୍ୱାର ପାଖରେ ବସି ସକାଳେ ଓ ସନ୍ଧ୍ୟାରେ ସେହି ଧଳା ପଦାର୍ଥଟିକୁ ଅନେକ ବେଳଯାଏ ଚାହିଁରହେ । ଏଇଟି ହେଉଛି ସାର୍ଦ୍ଦିନିଆର

Digitized by srujanika@gmail.com

ଗୋଟିଏ ଗ୍ରେଷ୍ଟ ଗ୍ରାମ । ଡକାଏତମାନେ ଧରା ପଡ଼ିବାର ଆଶଙ୍କା ଦେଖିଲେ ଏହି ଗ୍ରାମରେ ଲୁଚି ରହୁଥିଲେ । ସୁବିଧା ଦେଖି ପୁଣି ନିଜ ଗ୍ରାମକୁ ଚାଲି ଯାଉଥିଲେ । ବୃଦ୍ଧାର ପୁଅକୁ ଯିଏ ହତ୍ୟା କରିଥିଲା, ସେହି ନିକୋଲାସ ଏହି ଗ୍ରାମରେ ଆଶ୍ରୟ ନେଇଥିବା ବିଷୟ ବୃଦ୍ଧା ଜାଣିଥିଲା ।

ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବୃଦ୍ଧା ଏହି ଗ୍ରାମକୁ ଚାହିଁ ରହିଥାଏ । କିପରି ପୁତ୍ରହନ୍ତା ଉପରେ ପ୍ରତିଶୋଧ ନେବ, ତାହାହିଁ ତାର ଏକମାତ୍ର ଚିନ୍ତା । ଏକେ ସେ ବୃଦ୍ଧା, ଦେହ ନିତାନ୍ତ ଦୁର୍ବଳ ; ସେ ମୃତ୍ୟୁର ଦ୍ୱାର ଦେଶରେ ଉପସ୍ଥିତ । ସାହାଯ୍ୟ କରିବାକୁ ତାର କେହି ନାହାନ୍ତି । ସେ କିପରି ପ୍ରତିହିଂସା ନେଇ ପାରିବ ? କିନ୍ତୁ ପୁତ୍ରର ମୃତ ଶରୀର ନିକଟରେ ସେ ଯେଉଁ ପ୍ରତିଜ୍ଞା କରିଛି, ତାକୁ କିପରି ପୂରଣ କରିବ ? ସେ ପ୍ରତିଜ୍ଞାକୁ ଭୁଲିବା ତା ପକ୍ଷରେ ସମ୍ଭବ ନ ଥିଲା ; ବିଳମ୍ବ କରିବାକୁ ସମୟ ମଧ୍ୟ ନ ଥିଲା । କିପରି ସେ ନିଜର ପ୍ରତିଜ୍ଞା ରକ୍ଷା କରିବ ତାହା ଭାବି ଭାବି ତାକୁ ରାତିରେ ନିଦ୍ରା ହେଉ ନ ଥାଏ ; କେତେବେଳେ ହେଲେ ତାର ମନରେ ଶାନ୍ତି ନ ଥାଏ ।

କୁକୁରଟି ତାର ପାଖେ ପାଖେ ରହିଥାଏ । ବେଳେବେଳେ ସେ ସେହି ଗ୍ରାମ ଆଡ଼କୁ ଚାହିଁ ଭୁକି ଉଠେ । ତାର ମୁନିବ ଆଣ୍ଟୋଇନ ମଲାଦିନୁ ସେ ଅନେକ ସମୟରେ ଏହିପରି ଭୁକୁଥିଲା । ସତେ ଅବା ଆଣ୍ଟୋଇନ ତାକୁ ପରପାରରୁ ଡାକୁଥିଲା ଓ ସେ ସେହି ଡାକର ପ୍ରତ୍ୟୁତ୍ତର ଦେଉଥିଲା ।

ଦିନେ ରାତିରେ ସେମିତିକା ଏହିପରି ଭୁକୁଥିଲା । ତାହା ଶୁଣି ଶୁଣି ବୃଦ୍ଧାର ମନରେ ଗୋଟାଏ ଉପାୟ ଖେଳିଗଲା । ଅବଶ୍ୟ ସେ ଉପାୟଟି ଘୋର ନିଷ୍ଠୁର, ପାଶବିକ ଓ ପ୍ରତିହିଂସାପୂର୍ଣ୍ଣ । ରାତି-

Digitized by srujanika@gmail.com

ଯାକ ସେ ସେହି ଉପାୟ ବିଷୟରେ ଚିନ୍ତାକଲା । ସକାଳ ହେବାରୁ ବୃଦ୍ଧା ଗୀର୍ଜାକୁ ଯାଇ ସେଠାରେ ଈଶ୍ୱରଙ୍କୁ ଅନ୍ତରର ସହ ପ୍ରାର୍ଥନା କଲା, "ହେ ପ୍ରଭୁ, ମୋର ମନରେ ଶକ୍ତି ଦିଅ, ମୋତେ ସହାୟ ହୁଅ, ମୋର ଏ ଦୁର୍ବଳ ଶରୀରରେ ଶକ୍ତି ଦିଅ ଯେପରି ମୁଁ ପୁତ୍ରହତ୍ୟାର ପ୍ରତିଶୋଧ ନେଇପାରିବି ।"

ଗୀର୍ଜାରୁ ଫେରିଆସି ସେ ସେମିଲାନ୍ତିକୁ ଗୋଟିଏ ଜାଗାରେ ବାନ୍ଧିଦେଇ ଘର ଭିତରେ ଇତସ୍ତତଃ ପାଦଚାରଣା କରିବାକୁ ଲାଗିଲା । ତାର ମନରେ ଶାନ୍ତି ନଥାଏ କି ସେ ସ୍ଥିର ହୋଇ ବସି ପାରୁ ନଥାଏ । ତାର ଦୃଷ୍ଟି ରହିଥାଏ, ସାର୍ଦିନିଆର ଉପକୂଳରେ । ସେହିଠାରେ ତାର ପୁତ୍ରହନ୍ତାର ଘର ।

ଏଣେ କୁକୁରଟି ବନ୍ଧା ହୋଇ ଦିନରାତି ରାବୁଥାଏ । ବୃଦ୍ଧା ସକାଳେ ତାକୁ ଗୋଟିଏ ପାତ୍ରରେ ସାମାନ୍ୟ ପାଣିଛଡ଼ା ଆଉ କିଛି ଖାଇବାକୁ ଦେଇ ନଥିଲା ।

ଦିନଯାକ କିଛି ଖାଇବାକୁ ନପାଇ, ଭୁକି ଭୁକି ସେମିଲାନ୍ତି ଦୁର୍ବଳ ହୋଇ ଶୋଇପଡ଼ିଲା । ପରଦିନ ସକାଳେ ବୃଦ୍ଧା ଦେଖିଲା, କୁକୁରର ଆଖି ଜକ୍ ଜକ୍ ଦିଶୁଛି, ତାର ଦେହର ରୁମ ଟାଙ୍କୁର ଉଠିଛି । ବୃଦ୍ଧାକୁ ଦେଖିଲାକ୍ଷଣି ସେ ଜଞ୍ଜିରକୁ ଟାଣିଲା । ସେ କିଛି ଖାଦ୍ୟ ପାଇବା ଆଶାରେ ବୃଦ୍ଧା ପାଖକୁ ଆସିବାର ବୃଥା ଚେଷ୍ଟା କଲା । ତଥାପି ବୃଦ୍ଧା ତାକୁ କିଛି ହେଲେ ଖାଇବାକୁ ଦେଲାନାହିଁ । ସନ୍ଧ୍ୟାବେଳକୁ କୁକୁରଟି କ୍ରୋଧରେ ଭୀଷଣ ମୂର୍ତ୍ତି ଧାରଣ କଲା; ତାର ରାବରେ ଆଖପାଖ କମ୍ପି ଉଠିଲା । ରାତିଟି ଏହିପରି କଟିଗଲା ।

ସକାଳ ହେଲା । ବୃଦ୍ଧା ଜଣେ ପଡ଼ୋଶି ଘରକୁ ଯାଇ କିଛି ନଡ଼ା ମାଗି ଆଣିଲା । ସେହି ନଡ଼ାକୁ ସେ ଖଞ୍ଜି, ଦଉଡ଼ିରେ ବାନ୍ଧି ଗୋଟିଏ ମଣିଷର ଆକାର ଦେଲା । ଘରେ ବୃଦ୍ଧାର ମୃତ ସ୍ୱାମୀଙ୍କର

Digitized by srujanika@gmail.com

ପୁରୁଣା ପାଇଜାମା ଓ କୁରୁତା ଥିଲ । ନଡ଼ାରେ ତିଆରି ମଣିଷ ମୂର୍ତ୍ତି ଦେହରେ ସେ ସେହି ପୋଷାକକୁ ପିନ୍ଧାଇ ଦେବାରୁ ତାହା ଠିକ୍ ଗୋଟିଏ ମନୁଷ୍ୟ ପରି ଦେଖାଗଲା ।

ସେମିଲାନ୍ତ ଯେଉଁଠାରେ ବନ୍ଧା ହୋଇଥିଲା, ସେଠାରୁ କିଛି ଦୂରରେ ବୃଦ୍ଧା ଗୋଟିଏ ଲମ୍ବବାଡ଼ ପୋତିଲା । ହୁରୁଡ଼ାଟିକୁ ନେଇ ସେ ସିଧାକରି ବାଡ଼ ଦେହରେ ବାନ୍ଧିଦେଲା । ଟିକିଏ ଦୂରରୁ ଚାହିଁଲେ ଜଣାଯିବ ଯେ ଜଣେ ମନୁଷ୍ୟ ଛିଡ଼ା ହୋଇଅଛି । ପୁରୁଣା କନା ସାହାଯ୍ୟରେ ସେହି ହୁରୁଡ଼ାର ମୁଣ୍ଡଟି ତିଆରି ହୋଇଥିଲା ।

ସେମିଲାନ୍ତ ଭୋକରେ ଅଥୟ; କିନ୍ତୁ ବୃଦ୍ଧା ତାକୁ କିଛି ମାତ୍ର ଖାଇବାକୁ ଦେଲାନାହିଁ । ଦୁଃଖ ଓ କଷ୍ଟରେ ସେ ଏହି କୃତ୍ରିମ ମନୁଷ୍ୟ ମୂର୍ତ୍ତିକୁ ଚାହିଁ ରହିଲା ।

ଏଣେ ବୃଦ୍ଧା ମାଂସ ଦୋକାନକୁ ଯାଇ କିଛି ଅନ୍ନ ଓ ମାଂସ କିଣି ଆଣିଲା ଓ ତାକୁ ନେଇ ଅଗଣାରେ ସିଝାଇଲା । ମାଂସ ଓ ଅନ୍ନର ବାସନା ପାଇ ସେମିଲାନ୍ତ ଅଥୟ ହେଲା । ତାର ପାଟିରୁ ଲାଳ ବୋହିବାକୁ ଲାଗିଲା ଓ ସେ ଅସ୍ଥିର ହୋଇ ଡେଇଁଲା । ସେହି ସିଝା ଅନ୍ନ ଓ ମାଂସକୁ ନେଇ ବୃଦ୍ଧା ଗୋଟିଏ କନାରେ ଗୁଡ଼ାଇ ସେହି କୃତ୍ରିମ ମନୁଷ୍ୟର ଗଳାରେ ବାନ୍ଧିଦେଲା । ମାଂସର ରସ ଓ ଝୋଳ ନଡ଼ା ଭିତରକୁ ଭେଦିଗଲା । ତାହାପରେ ସେ କୁକୁରକୁ ଫିଟାଇ ଦେଲା ।

ସେମିଲାନ୍ତ ମୁହୂର୍ତ୍ତିକ ଭିତରେ ସେହି କୃତ୍ରିମ ମନୁଷ୍ୟ ପାଖକୁ ଦଉଡ଼ିଗଲା ଓ ତାର ବେକ ଉପରେ ଆଗ ଗୋଡ଼ ଦୁଇଟା ରଖି ଗଳାକୁ ବିଦାରି ପକାଇଲା । ପାଟିରେ କିଛି ମାଂସ ଧରି ସେ ତଳକୁ ଖସି ପଡ଼ିଲା । ମାଂସତକ ଖାଇସାରି ସେ ପୁଣି ଡେଇଁ ପଡ଼ି ହୁରୁଡ଼ାର ଗଳାକୁ କାମୁଡ଼ି ଆହୁରି କିଛି ମାଂସ ଆଣି ଖାଇଲା ।

Digitized by srujanika@gmail.com

ଏହାପରେ କେତେଥର ଖାଇବାପରେ ବୃଢ଼ା କୁକୁରକୁ ବାନ୍ଧି ପକାଇଲା । ପୁଣି ଦୁଇଦିନ ଯାଏ ତାକୁ କିଛି ଖାଇବାକୁ ଦିଆଗଲା ନାହିଁ; ବାନ୍ଧି ରଖାଗଲା । ତୃତୀୟ ଦିନ ପୂର୍ବ ପରି କୃତ୍ରିମ ମନୁଷ୍ୟର ଗଳାରେ କିଛି ମାଂସ ବାନ୍ଧି କୁକୁରକୁ ଫିଟାଇ ଦିଆଗଲା ଓ ତାକୁ କୁହାଗଲା—ଯାଆ, ଖାଆ । ବୃଢ଼ା ଏହା କହିବା ସଙ୍ଗେ ହୁରୁଡ଼ାର ଗଳାକୁ ସଙ୍କେତ ଦେଲା । ସେମିଲାନ୍ତ ଅବିଳମ୍ବେ ଡେଇଁପଡ଼ି ଗଳାକୁ ବିଦାରି ସେଥିରୁ ମାଂସ ଆଣି ଖାଇଲା ।

ତିନିମାସ ପର୍ଯ୍ୟନ୍ତ କୁକୁରକୁ ଏହିପରି ଶିକ୍ଷା ଦିଆଗଲା । ଏଣିକି ଆଉ ତାକୁ ବାନ୍ଧି ରଖିବା ବା ଉପବାସରେ ରଖିବା ଦରକାର ହେଲା ନାହିଁ । ବୃଢ଼ା 'ଯାଆ-ଖାଆ' କହି ଅଙ୍ଗୁଳି ସଙ୍କେତ ଦେଲାମାତ୍ରେ ସେମିଲାନ୍ତ କୃତ୍ରିମ ମନୁଷ୍ୟର ଗଳାକୁ କାମୁଡ଼ି ତାର ଖାଦ୍ୟ ଆଣି ଖାଇଲା ।

ଆଉରି କିଛିଦିନ ପରେ ବୃଢ଼ା କୃତ୍ରିମ ମନୁଷ୍ୟର ଗଳାରେ କୌଣସି ଖାଦ୍ୟ ଦ୍ରବ୍ୟ ନ ବାନ୍ଧି କୁକୁରକୁ ଆଦେଶ ଦେଉଥିଲା— ଯାଆ, ଖାଆ । କୁକୁର ପୂର୍ବପରି ଡେଇଁପଡ଼ି ଗଳାକୁ କାମୁଡ଼ି ଚିକି ଚିକି କରି ପକାଉଥିଲା । ଅବଶ୍ୟ ଏହାପରେ ତାକୁ କିଛି ଖାଦ୍ୟ ଦିଆଯାଉଥିଲା ।

ବୃଢ଼ା ଦେଖିଲା କୁକୁରର ଶିକ୍ଷା ସମାପ୍ତ ହେଲାଣି । ସେ 'ଯାଆ' ବୋଲି କହି ଅଙ୍ଗୁଳିରେ ସଙ୍କେତ ଦେଲାମାତ୍ରେ ସେମିଲାନ୍ତ ଗର୍ଜନ କରି ଡେଇଁ କୃତ୍ରିମ ମନୁଷ୍ୟର ଗଳାକୁ କାମୁଡ଼ି ବିଦାରି ପକାଉଥିଲା ।

ଦିନେ ସକାଳେ ବୃଢ଼ା ସାଭେରିନ ଗୀର୍ଜାକୁ ଯାଇ ଭକ୍ତିପୂର୍ଣ୍ଣ ହୃଦୟରେ ପ୍ରାର୍ଥନା କଲା । ଗୀର୍ଜାରୁ ଆସି ସେ ତାର ମୃତ ସ୍ୱାମୀର ପାଇଜାମା, କୁରୁତା ଓ ଟୋପି ବାହାର କରି ପିନ୍ଧିଲା ଓ

Digitized by srujanika@gmail.com

କୁକୁରଟି ସହିତ ଧୀବର ପଲ୍ଲୀ ଆଡକୁ ଚାଲିଲା । ଏଥି ପୂର୍ବରୁ ସେ ଦୁଇଦିନ ହେଲା ସେମିଲାନ୍ତକୁ କିଛି ଖାଇବାକୁ ଦେଇନଥିଲା । କିନ୍ତୁ ହାତରେ ଗୋଟିଏ ଖାଦ୍ୟପୁଡ଼ିଆ ନେଇଥିଲା ।

ଲୋକେ ଦେଖିଲେ ଜଣେ ଦୁର୍ବଳ ବୃଦ୍ଧଲୋକ ନଇଁ ନଇଁ ଧୀବର ପଲ୍ଲୀ ଆଡ଼କୁ ଯାଉଛି । ସାଥିରେ ଗୋଟିଏ କୁକୁର । ଗ୍ରାମ ନିକଟରେ ପହଞ୍ଚି ସେହି 'ବୃଦ୍ଧ' ଗୋଟିଏ ମଦଖଟି ଭିତରକୁ ପଶିଯାଇ ପଚାରିଲା—ନିକୋଲାସର ଘର କେଉଁଠି ? କେହି ଜଣେ ଉତ୍ତର କଲା—ନିକୋଲାସ, ସେତ ଏବେ ବଡ଼େଇ କାମ କରୁଛି । ତା ଘର ଏଇ ପାଖରେ । ଏହା କହି ସେ ନିକୋଲାସର ଘର ଦେଖାଇ ଦେଲା ।

'ବୃଦ୍ଧ' ସେହି ଘରକୁ ଯାଇ କବାଟ ମେଲାଇ ଦେଇ ଡ଼ାକିଲା —ନିକୋଲାସ ? ନିକୋଲାସ ?

ନିକୋଲାସ ବାହାରି ଆସିଲା ମାତ୍ରେ ବୃଦ୍ଧବେଶୀ ସାଭେରିନ୍ କୁକୁରକୁ କହିଲା—ଯାଆ, ଖାଆ ।

ସେମିଲାନ୍ତ ଦୁଇଦିନ ଉପବାସ ରହି ଖିପ୍ପ ହୋଇ ଉଠିଥିଲା । ବୃଦ୍ଧାର ତୁଣ୍ଡରୁ 'ଖାଆ' ଶୁଣିବା ମାତ୍ରେ ସେ ଡେ଼ଇଁପଡ଼ି ନିକୋଲାସର ଗଳାକୁ ଧରି ଝୁଣି ପକାଇଲା । ସେ ବିଚରା ଆକୁଳ ହୋଇ କୁକୁରକୁ ଧରି ତଳେ ପଡ଼ିଗଲା । କିଛି ସମୟଯାଏ ସେ ଗୋଡ଼ ହାତ ଛାଟି ନିଜକୁ କୁକୁର ଦାନ୍ତରୁ ମୁକ୍ତ କରିବାକୁ ଚେଷ୍ଟା କଲା । କିନ୍ତୁ ତାର ଚେଷ୍ଟା ବୃଥା ହେଲା । ଅଳ୍ପ କେତେ ମିନିଟ ମଧ୍ୟରେ ତାର ମୃତ ଦେହ ପଡ଼ି ରହିଲା ।

କିଛି ସମୟ ପରେ ଆଖପାଖର ଲୋକେ ଦେଖିଲେ ନିକୋଲାସର ଘରୁ ଜଣେ ବୃଦ୍ଧ ଲୋକ ବାହାରିଗଲା । ତା

Digitized by srujanika@gmail.com

ପଛେ ପଛେ ଗୋଟିଏ କାଳିଆ କୁକୁର । ବୃଦ୍ଧ ତାକୁ ଗୋଟିଏ ଥଳୀରୁ କଣ୍ଟା ଖାଇବାକୁ ଦେଉଥିଲା ।

ସେଦିନ ରାତିରେ ବୃଦ୍ଧା ସାତଭଉଣୀର ଗାଢ଼ ନିଦ୍ରା ହୋଇ-ଥିଲା । ତାର ଶାନ୍ତିର କାରଣ—ସେ ପୁଅଜନ୍ମାର ପ୍ରତିହିଂସା ନେଇ ପାରିଛି ।

—o—

ସ୍ୱପ୍ନ ନା ସତ୍ୟ ?

"ମୁଁ ତାର ପ୍ରେମରେ ପାଗଳ ହୋଇ ଯାଇଥିଲି !

"ମନୁଷ୍ୟ କାହିଁକି ପ୍ରେମକରେ ? କାହିଁକି ଜଣକୁ ପୃଥିବୀରେ ମାତ୍ର ଅନ୍ୟ ଜଣେ ଲୋକ ଦେଖାଯାଏ ? କାହିଁକି ଜଣକ ମୁଣ୍ଡରେ ଗୋଟିଏ ମାତ୍ର ଭାବନା ଦେଖାଦିଏ ? କାହିଁକି ହୃଦୟରେ ଗୋଟିଏ ମାତ୍ର ଅଭିଳାଷ ଜାଗ୍ରତ ହୁଏ ? କାହିଁକି ଗୋଟିଏ ନାମ ଜିଭ ଅଗରେ ନାଚୁଥାଏ ? କାହିଁକି ସେହି ନାମଟିକୁ ସେ ଜପୁଥାଏ, କାହିଁକି ସେହି ନାମକୁ ଅବିରତ ଗୁଣି ହେଉଥାଏ ?

"ମୁଁ ଆମ ଦୁହିଁଙ୍କର ପ୍ରେମ କଥା କହୁଛି । ପ୍ରେମ କଥା ଗୋଟିଏ; ସବୁ କ୍ଷେତ୍ରରେ ଗୋଟିଏ । ତା ସଙ୍ଗେ ଭେଟ ହେବା ପରେ ତାର ନିଶ୍ୱାସ ଭିତରେ, ତାର ଆଲିଙ୍ଗନ ଭିତରେ, ତାର ବାହୁ ମଧ୍ୟରେ, ତାର ବେଶଭୂଷା ଭିତରେ ଦିନ କଟାଇବାକୁ ଲାଗିଲି । ଯାହାକିଛି ସହିତ ତାର ସମ୍ପର୍କ ଥିଲା ସେଥିରେ ମୁଁ ମଜ୍ଜି ରହିଲି । ମୋତେ ଦିନ ରାତିର ପ୍ରଭେଦ ଜଣାଗଲା ନାହିଁ । ଆମର ଏ ପ୍ରାଚୀନ ପୃଥିବୀ ବକ୍ଷରେ ମୁଁ ଜୀବିତ କି ମୃତ ଜାଣି ପାରିଲି ନାହିଁ ।

Digitized by srujanika@gmail.com

"ସେ ମରିଗଲା । ସେ କିପରି ମଲା, ମୁଁ ଜାଣେ ନାହିଁ । ସେ ମରିଗଲା, ଏତିକି ଛଡ଼ା ମୁଁ ଅନ୍ୟ କିଛି ଜାଣେ ନାହିଁ । ଦିନେ ସନ୍ଧ୍ୟାବେଳେ ସେ ଘରକୁ ଆସିଲା । ବର୍ଷା ହେତୁ ସେ ପାଣିରେ ଜୁଡ଼ୁବୁଡ଼ୁ ହୋଇଯାଇଥାଏ । ତା ଆରଦିନ ତାକୁ କାଶଧରିଲା । ସାତ ଆଠ ଦିନ କାଶ ପରେ ସେ ବିଛଣା ଧରିଲା । ଠିକ୍ କଅଣ ହେଲା, ମୋର ମନେ ପଡ଼ୁନାହିଁ । କେବଳ ମନେ ପଡ଼ୁଛି—ଡାକ୍ତର ଆସିଲା, ବ୍ୟବସ୍ଥାପତ୍ର ଲେଖି ଚାଲିଗଲା । ଔଷଧ କିଣା ହୋଇ ତାକୁ ଖୁଆଗଲା । ତାର ଦେହ ତାତିରେ ଖଇ ଫୁଟୁଥାଏ । ତାର ଆଖି ଯୋଡ଼ିକ ଉଜ୍ଜ୍ୱଳ ଦିଶୁଥାଏ, କିନ୍ତୁ ମୁହଁରେ ବିଷାଦର କାଳିମା ଲାଗି ରହିଥାଏ । ମୁଁ କିଛି ପଚାରିଲେ ସେ ଉତ୍ତର ଦେଉଥାଏ, କିନ୍ତୁ ମୁଁ କଅଣ ପଚାରୁଥିଲି, ସେ ବା କି ଉତ୍ତର ଦେଉଥିଲା କିଛି ମୋର ମନେ ନାହିଁ । ମୁଁ ସବୁ ଭୁଲି ଯାଇଛି । ହଁ, କେବଳ ମନେ ପଡ଼ୁଛି ତାର ଦୀର୍ଘଶ୍ୱାସ । ନର୍ସ ଆସି କହିଲା, "ହାୟ !" ମୁଁ ବୁଝିଲି, ସେ ଆଉ ନାହିଁ ।

ଧର୍ମଯାଜକ ଆସିଲେ । ମୋତେ ପଚାରିଲେ, "ସେ କଅଣ ତୁମର ପ୍ରେମିକା ?" ମୋର ମନେ ହେଲା, ଧର୍ମଯାଜକ ତାର ଅପମାନ କରୁଅଛନ୍ତି । ଜଣେ ମରିଯିବା ପରେ ତାକୁ ଏପରି ଅପମାନ ଦେବାର ଅଧିକାର କାହାରି ନାହିଁ । ଧର୍ମଯାଜକଙ୍କୁ ମୁଁ ବିଦାୟ କରିଦେଲି । ଆଉ ଜଣେ ଧର୍ମଯାଜକ ଆସିଲେ । ସେ ବଡ଼ ଦୟାଳୁ, କୋମଳ ହୃଦୟ । ତାଙ୍କ କଥାରେ ମୋ ଆଖିରୁ ଲୁହ ବହିଗଲା ।

କବର ଦେବା ବିଷୟରେ ମୋତେ କେତେ କଥା ପଚରା ଯାଇଥିଲା । ସେ ସବୁ ମୋର ଆଦୌ ମନେ ନାହିଁ । କେବଳ ଗୋଟିଏ ଶବାଧାର ଦେଖିଥିବା ମନେ ପଡ଼ୁଛି । ତା ଉପରେ କଣ୍ଟା ପିଟା ଗଲା । ହେ ଭଗବାନ୍ !

Digitized by srujanika@gmail.com

"ତାକୁ କବର ଦିଆଗଲା । ଗୋଟାଏ ଗର୍ତ୍ତ ଭିତରେ ତାକୁ କବର ଦିଆଗଲା ? କେତେ ବନ୍ଧୁ ବାନ୍ଧବ—ସ୍ତ୍ରୀ ପୁରୁଷ ଆସିଲେ । ମୁଁ ସେମାନଙ୍କ ପାଖରୁ ପଳାଇଗଲି । ରାସ୍ତାରେ ବୁଲି ବୁଲି ଘରକୁ ଫେରିଲି । ତା ଆରଦିନ ଘରୁ ବାହାରି ଦୂରଦେଶକୁ ଯାତ୍ରାକଲି ।

× × ×

"କାଲି ମୁଁ ପାରିସକୁ ଫେରି ଆସିଲି । ମୋ ଘରକୁ—ନା, ନା, ଆମ ଦୁହିଁଙ୍କ ଘରକୁ—ଗଲି । ଆମର ଖଟ, ବିଛଣା, ଆସବାବ—ଯାହାସବୁ ମଣିଷ ମଲା ପରେ ଛାଡ଼ି ଦେଇଯାଏ—ଦେଖିଲି । ମୋ ମନରେ ଏତେ ଦୁଃଖ ହେଲା ଯେ ଝରକାବାଟେ ତଳକୁ ଡେଇଁ ପଡ଼ି ପ୍ରାଣ ହରାଇ ଦେବାକୁ ଇଚ୍ଛା ହେଲା । ସେ କୋଠରୀର ଚାରି କାନ୍ଥ ଭିତରେ, ସେହି ଆସବାବ ଭିତରେ ରହିବାକୁ ଆଦୌ ମନ ବଳିଲା ନାହିଁ । ମୁଁ ଅନୁଭବ କଲି ସେ କୋଠରୀର ଅଣୁ ପରମାଣୁରେ ତା ଶରୀରର ଅଣୁ ପରମାଣୁ ମିଶି ରହିଛି । ସେ ଘର ଭିତରେ ମୁଁ ରହି ପାରିଲି ନାହିଁ । ଟୋପିଟି ଧରି ବାହାରି ପଡ଼ିଲି । ଦ୍ୱାର ମୁହଁ ପାଖରେ ଗୋଟାଏ ବଡ଼ ଦର୍ପଣ ଥିଲା । ନିତେଶବାସ ହୋଇ ସେ ବାହାରକୁ ଯିବାପୂର୍ବରୁ ଏଥିରେ ନିଜର ପ୍ରତିବିମ୍ବ ଦେଖୁଥିଲା ।

"ସେ ଦର୍ପଣ ଆଗରେ ମୁଁ ରହିଗଲି । କେତେ ସହସ୍ରବାର ତାର ପ୍ରତିବିମ୍ବ ଏଥିରେ ପଡ଼ିଥିବ । ମୁଁ ଭାବିଲି, ତାର ପ୍ରତିବିମ୍ବ ଏଥିରେ ଲାଗି ଯାଇଥିବ । ହାୟ ଦୁରାଶା !

"କିଛି ନ ଭାବି ନ ଚିନ୍ତି ମୁଁ ଚାଲିଲି । ମୋ ପାଦ ମୋତେ କବରଖାନା ଆଡ଼କୁ ଟାଣି ନେଇଗଲା । ମୁଁ ତାର କବର ପାଖେ ପହଞ୍ଚିଲି । ଗୋଟିଏ ନିରାଡ଼ମ୍ବର କବର । କବର ଉପରେ ଗୋଟିଏ ମାର୍ବଲ ନିର୍ମିତ କ୍ରୁଶ । ସେଥିରେ ଲେଖାଅଛି ।

Digitized by srujanika@gmail.com

'ସେ ପ୍ରେମ କରୁଥିଲା, ପ୍ରେମ ପାଇଥିଲା । ସେ ଏବେ ମୃତ ।'

"ଓଃ ! କି ଭୀଷଣ ! ଏବେ ସେ ମାଟିତଳେ ପଚି ସଢ଼ୁଥିବ । ମୁଁ ମୁଣ୍ଡ ତଳେ ଲଗାଇ କାନ୍ଦିବାକୁ ଲାଗିଲି । ଏହାପରେ ଅନେକ ବେଳ କଟିଗଲା । ସନ୍ଧ୍ୟାର ଅନ୍ଧାର ମାଡି ଆସିଲା । ହଠାତ୍ ମୋ ମନରେ ଗୋଟାଏ ଅଦ୍ଭୁତ ଇଚ୍ଛା ଜାତହେଲା । ହୁଏତ ଏହା ଜଣେ ହତାଶ ପ୍ରେମିକର ଇଚ୍ଛା । ମୁଁ ସ୍ଥିରକଲି, ରାତିଟିସାକ ଏହି କବରଖାନାରେ କଟାଇ ଦେବି । କିନ୍ତୁ ରାତିରେ ଏଠାରେ ରହିବି କିପରି ? କେହି ଦେଖିଲେ ମୋତେ ବାହାର କରିଦେବେ । ମୁଁ ଉଠିପଡ଼ି ସେହି ମୃତ୍ୟୁ ନଗରୀରେ ବୁଲିବାକୁ ଲାଗିଲି । ଏ ମଧ୍ୟ ଗୋଟିଏ କ୍ଷୁଦ୍ର ନଗରୀ । ପ୍ୟାରିସ ତୁଳନାରେ ଅତି କ୍ଷୁଦ୍ର । ପ୍ୟାରିସରେ ଅଛନ୍ତି ଜୀବନ୍ତ ମନୁଷ୍ୟ, ଏଠାରେ ଅଛନ୍ତି ମୃତ ମନୁଷ୍ୟ । ହୁଏତ ଏହି ମୃତବ୍ୟକ୍ତିଙ୍କର ସଂଖ୍ୟା ଜୀବିତ ଲୋକମାନଙ୍କର ସଂଖ୍ୟାଠାରୁ ବହୁଗୁଣରେ ଅଧିକ । ଆମର ବଡ଼ ବଡ଼ ଅଟ୍ଟାଳିକା ଦରକାର, ଲମ୍ବା ଓସାରିଆ ରାସ୍ତା ଦରକାର । ଖାଲି ଆମପାଇଁ ନୁହେଁ, ଆମ ପରି ପୂରୁଷଙ୍କ ପାଇଁ ମଧ୍ୟ ଦରକାର । କିନ୍ତୁ ଏହି ମୃତ ବ୍ୟକ୍ତିଙ୍କ ପାଇଁ, ସେମାନଙ୍କର ଶତ ଶତ ପୀଢ଼ିର ପୂର୍ବ ପୁରୁଷଙ୍କ ପାଇଁ କଅଣ ଦରକାର ? ପ୍ରାୟ କିଛି ଦରକାର ନାହିଁ । ମୃତ୍ତିକା ସେମାନଙ୍କୁ ଗର୍ଭରେ ସ୍ଥାନ ଦିଏ; ବିସ୍ମୃତିର ଅତଳ ଗହ୍ୱରରେ ସେମାନେ ଲୀନ ହୋଇଯାଆନ୍ତି ।

"କବରଖାନାର ଶେଷଭାଗରେ ପହଞ୍ଚି ଜାଣିପାରିଲି ଯେ ଏଇଟି ହେଉଛି ପ୍ରାଚୀନତମ ଅଂଶ । ଯେଉଁଠାରେ ଯେଉଁମାନଙ୍କୁ କବର ଦିଆଯାଇଥିଲା, ସେମାନେ ମାଟିରେ ପ୍ରାୟ ମିଶିଗଲେଣି । ସେଠାରେ ଥିବା କ୍ରୁଶ ଚିହ୍ନଗୁଡ଼ିକ ଜୀର୍ଣ୍ଣ ହୋଇଗଲାଣି । ହୁଏତ କାଲି କେଉଁ ମୃତ ଦେହକୁ ସେଠାରେ କବର ଦିଆଯିବ ।

Digitized by srujanika@gmail.com

ବୃକ୍ଷଆଡ଼େ ଗୋଲାପଗଛ ବନ୍ୟଭାବରେ ବଢ଼ୁଛି । କେତେ ଜାତିର ବଡ଼ ବଡ଼ ଗଛ ମଧ୍ୟ ଅଛି । ମନୁଷ୍ୟର ହାଡ଼ ମାଂସରୁ ରସ ଗ୍ରହଣ କରି ଗଛଗୁଡ଼ିକ ବେଶ୍ ପୁଷ୍ଟ ହୋଇଅଛନ୍ତି ।

"ଏହି କବରଖାନାରେ ମୁଁ ଏକାକୀ, ସମ୍ପୂର୍ଣ୍ଣ ଏକାକୀ । ମୁଁ ଗୋଟିଏ ଗଛର ପତ୍ରବହୁଳ ଡାଳରେ ଲୁଚି ବସିଗଲି । ଭଗ୍ନ ଜାହାଜର ନାବିକ ଖଣ୍ଡେ ପଟାକୁ ଧରିଲା ପରି ମୁଁ ଡାଳକୁ ଧରିରହିଲି ।

"ଘୋର ଅନ୍ଧାର ମାତ୍ର ଆସିଥିବାରୁ ମୁଁ ଗଛରୁ ଓହ୍ଲାଇ ନିଃଶବ୍ଦରେ ଧୀରେ ଧୀରେ ପାଦ ପକାଇ ଯେପରି ମୃତପୁରୀରେ ବୁଲିବାକୁ ଲାଗିଲି । ଅନେକ ବେଳ ବୁଲିଲା ପରେ ମଧ୍ୟ ମୁଁ ତାର କବରକୁ ପୁଣି ପାଇପାରିଲି ନାହିଁ । ଦୁଇପାଖରେ ହାତକୁ ମେଲାଇ, ଗୋଡ଼କୁ ଟିପି ଟିପି ମୁଁ ଦଉଡ଼ି ଦଉଡ଼ି ବୁଲିଲି । ଅନ୍ଧ ଲୋକ ବାଟ ଖୋଜିଲା ଭଳି ଅଣ୍ଡାଳି ଅଣ୍ଡାଳି ଯାଉ ଯାଉ ମୁଁ କେତେ ପଥର, କେତେ କ୍ରୁଶ, କେତେ ଲୁହାଧାରଣାରେ ବାଜିଲି; କିନ୍ତୁ ତାର କବର ପାଇଲି ନାହିଁ । ସ୍ମୃତିଫଳକରେ ହାତ ମାରି ମାରି କେତେ ଲୋକଙ୍କର ନାମ ପଢ଼ିଲି । ଓଃ ! କି ଭୀଷଣ ଅନ୍ଧକାର ରାତି । ଆଉ ତାର କବର ପାଇ ପାରିଲି ନାହିଁ ।

"ଆକାଶରେ ଚନ୍ଦ୍ର ନ ଥିଲା; ଅନ୍ଧାର ପକ୍ଷ । ମୋତେ ଭୟ ମାଡ଼ିଲା । ଦୁଇ ଦୁଇ ଧାଡ଼ି କବର ମଝିରେ ଅଣ୍ଡାଳି ଅଣ୍ଡାଳି ମୁଁ ଏକାକୀ ବୁଲିଲି । କବର ପରେ କବର । ଏଠାରେ କବର ଛଡ଼ା ଆଉ କିଛି ନ ଥିଲା । ଡାହାଣ ପାଖେ, ବାଁ ପାଖେ, ଆଗକୁ, ପଛକୁ ଯୁଆଡ଼େ ଅଣ୍ଡାଳିଲି, କେବଳ କବର । ଶେଷରେ କ୍ଲାନ୍ତ ହୋଇ ଗୋଟାଏ କବର ଉପରେ ବସିପଡ଼ିଲି । ଏତେ ଅବସନ୍ନ ଓ କ୍ଲାନ୍ତ ହୋଇପଡ଼ିଥିଲି ଯେ, ମୁଁ ନିଜ ଛାତିର

Digitized by srujanika@gmail.com

ଧପ୍ ଧପ୍ ଶବ୍ଦ ଶୁଣି ପାରିଲି । ଏହି ସମୟରେ ଗୋଟାଏ ଅଦ୍ଭୁତ ଶବ୍ଦ ଶୁଣାଗଲା । ଏ ଶବ୍ଦଟା କ'ଣ ? କେଉଁଠାରୁ ଆସିଲା ବୁଝି ପାରିଲି ନାହିଁ । ଏ କଅଣ ମୋ ମସ୍ତିଷ୍କର ଭ୍ରମ ? ନା, ପ୍ରେତପୁରୀରୁ ମାଟିତଳୁ ବାହାରୁଛି ? ମୁଁ ଚାରିଆଡ଼କୁ ଚାହିଁଲି; କିନ୍ତୁ ଦେଖିପାରିଲି ନାହିଁ । ମୋର ଅଙ୍ଗ ପ୍ରତ୍ୟଙ୍ଗ ଅବଶ ହୋଇ ଆସିଲା । ଭୟ ଓ ବିସ୍ମୟରେ ମୁଁ ଚିତ୍କାର କରିବାକୁ ଚେଷ୍ଟାକଲି; କିନ୍ତୁ ତୁଣ୍ଡରୁ ଶବ୍ଦ ବାହାରିଲା ନାହିଁ ।

"ହଠାତ୍ ମୋର ମନେ ହେଲା—ମୁଁ କବରର ଯେଉଁ ପଥର ଉପରେ ବସିଥିଲି, ସେ ପଥରଟା ଉପରକୁ ଉଠୁଛି । ପଥରଟା ଯେ ଉଠୁଥିଲା ସେଥିରେ ସନ୍ଦେହ ନାହିଁ । ସତେ ଅବା ତାକୁ କିଏ ତଳୁ ଠେଲୁଥିଲା । ଭୟରେ ମୁଁ ସେ ପଥର ଉପରୁ ଉଠିଯାଇ ପାଖର ଆଉ ଗୋଟାଏ ପଥର ଉପରେ ବସିପଡ଼ିଲି । ଦେଖିଲି, ମୁଁ ଯେଉଁ ପଥର ଉପରେ ଆଗରୁ ବସିଥିଲି, ସେଇଟା ସିଧା ଛିଡ଼ା ହୋଇଗଲା । ଭୂଇଁ ତଳୁ ଗୋଟିଏ ପୂର୍ଣ୍ଣାଙ୍ଗ ନରକଙ୍କାଳ ତା' ପାଖରେ ଛିଡ଼ାହୋଇଗଲା । ଆଶ୍ଚର୍ଯ୍ୟର କଥା କୃଷ୍ଣ ପକ୍ଷର ସେହି ଘନ ଅନ୍ଧକାର ଭିତରେ ମୁଁ ସବୁ ସ୍ପଷ୍ଟଭାବରେ ଦେଖି ପାରୁଥିଲି । ସେହି ନରକଙ୍କାଳର ପାଖରେ ଫଳକ ଉପରେ ସ୍ପଷ୍ଟଭାବରେ ଲେଖାଥିଲା—

'ଏ ହେଉଛି ଜାକସ ଅଲିଭାନ୍ତଙ୍କ କବର । ମୃତ୍ୟୁ ବେଳକୁ ତାଙ୍କର ବୟସ ହୋଇଥିଲା ୫୧ ବର୍ଷ । ସେ ନିଜ ପରିବାରକୁ ଭଲ ପାଉଥିଲେ । ସେ ଦୟାଳୁ ଓ ସମ୍ମାନର ପାତ୍ର ଥିଲେ । ଈଶ୍ୱରଙ୍କ କୃପାରୁ ସେ ସ୍ୱର୍ଗପ୍ରାପ୍ତ ।'

ମୃତବ୍ୟକ୍ତିର କଙ୍କାଳ ସେହି ଲେଖାକୁ ପଢ଼ିଲା । ତଳୁ ଖଣ୍ଡିଏ ପଥର ଉଠାଇ ନେଇ ସେ ସେହି ଲେଖାର ଅକ୍ଷରଗୁଡ଼ିକୁ ଘୋରି ଲିଭାଇ ଦେଲା । ତାହାପରେ ନିଜର ବଳି ଆଙ୍ଗୁଠିରେ ଲେଖିବାକୁ

Digitized by srujanika@gmail.com

ଲାଗିଲା । ଜଳ୍ ଜଳ୍ କରି ଅକ୍ଷରଗୁଡ଼ିକ ଦେଖାଗଲା । ସେ ଲେଖିଲା—

'ଏ ହେଉଛି ଜାକସ ଅଲିଭାନ୍ତର କବର । ମୃତ୍ୟୁ ବେଳକୁ ତା'ର ବୟସ ହୋଇଥିଲା ୫୧ ବର୍ଷ । ପିତାଙ୍କ ପ୍ରତି ନିର୍ଦ୍ଦୟ ବ୍ୟବହାର କରି କରି ସମ୍ପତ୍ତି ପାଇବା ଆଶାରେ ସେ ତାଙ୍କର ମୃତ୍ୟୁ ଘଟାଇଥିଲା । ନିଜ ପତ୍ନୀ ଉପରେ ସେ ଅତ୍ୟାଚାର କରୁଥିଲା; ନିଜ ପିଲାମାନଙ୍କ ପ୍ରତି ଅତି ନିଷ୍ଠୁର ଥିଲା; ନିଜର ପ୍ରତିବେଶୀମାନଙ୍କୁ ସେ ଠକୁଥିଲା ଓ ସମସ୍ତଙ୍କୁ ପ୍ରତାରଣା କରି ଶେଷରେ ଦୁଃଖରେ ମରିଥିଲା ।'

"ଏହାପରି ଲେଖି ସାରି କଙ୍କାଳଟି ନିଶ୍ଚଳ ହୋଇ ଛିଡ଼ାହେଲା । ମୁଁ ବୁଲିପଡ଼ି ଦେଖିଲି ଆଖି ପାଖର ସବୁ କବରର ଅବସ୍ଥା ସମାନ । ପ୍ରତି କବର ନିକଟରେ ମୃତବ୍ୟକ୍ତିର କଙ୍କାଳ ଉଠି ପ୍ରସ୍ତର ଫଳକର ଲେଖାକୁ ଘଷିଦେଇ ନୂଆ ଲେଖା ଲେଖିବାରେ ଲାଗିଛନ୍ତି । ମୁଁ ଦେଖିଲି, ମୃତ ବ୍ୟକ୍ତିଙ୍କର ଆତ୍ମୀୟ ସ୍ୱଜନମାନେ ପ୍ରସ୍ତର ଫଳକରେ ଯାହା ଲେଖିଥିଲେ ତାହା ସ୍ଥାନରେ ସେମାନଙ୍କର କଙ୍କାଳ ନିଜ ନିଜର ପ୍ରକୃତ ସତ୍ୟ ପରିଚୟ ଲେଖୁଅଛନ୍ତି । ଯେଉଁ ମୃତ ନରନାରୀମାନେ ପ୍ରସ୍ତର ଫଳକରେ ସାଧୁ ପୁରୁଷ, ସଚ୍ଚରିତ୍ର, ଦୟାଳୁ, ଦାନଶୀଳ, ସତୀ ସାଧ୍ୱୀ ବୋଲି ବର୍ଣ୍ଣିତ ହୋଇଥିଲେ, ସେମାନେ ପ୍ରକୃତରେ ଥିଲେ ଈର୍ଷାଳୁ, ଅସାଧୁ, ଅସଚ୍ଚରିତ୍ର, ନିଷ୍ଠୁର, କୃପଣ, ଅସତୀ, ଅସଚ୍ଚରିତ୍ରା, ପରପୁରୁଷାସକ୍ତା ଇତ୍ୟାଦି । ସେମାନଙ୍କର ଜୀବଦ୍ଦଶାରେ କେହି ସେମାନଙ୍କ ଦୁର୍ଗୁଣ ଜାଣି ନ ଥିଲେ କିମ୍ବା ଜାଣିଥିଲେ ସୁଦ୍ଧା ପ୍ରକାଶ କରୁ ନ ଥିଲେ ।

ମୁଁ ଭାବୁଥିଲି—ମୋର ସେ ମଧ୍ୟ ତାର ପ୍ରସ୍ତର ଫଳକ ଉପରେ ନିଜର ପ୍ରକୃତ ପରିଚୟ ଦେଇଥିବ । ଏତେବେଳକୁ

Digitized by srujanika@gmail.com

ମୋର ଭୟ ଛୁଟି ଯାଇଥିଲା । ମୁଁ ସବୁ ସ୍ପଷ୍ଟ ଦେଖିପାରୁଥିଲି । କଙ୍କାଳ ଗଣି ମଧ୍ୟରେ ଯାଇ ମୁଁ ତାର କବର ପାଖେ ପହଞ୍ଚିଗଲି । ଦେଖିଲି ତାର କଙ୍କାଳ କବରରୁ ଉଠି ଛିଡ଼ା ହୋଇଛି । ତା ଆଗରେ ପ୍ରସ୍ତରଫଳକରେ ଲେଖାଥିଲା :—

'ସେ ପ୍ରେମ କରୁଥିଲା, ସେ ପ୍ରେମ ପାଇଥିଲା । ସେ ଏବେ ମୃତ ।'

ଏହି ଲେଖାକୁ ଘଷି ପୋଛି ଦେଇ କଙ୍କାଳଟି ଲେଖିଥିଲା—

'ନିଜର ପ୍ରେମିକକୁ ପ୍ରତାରଣା କରି ଅନ୍ୟଜଣକୁ ଭେଟିବା ପାଇଁ ଘୋର ବର୍ଷାରେ ଯିବା ଫଳରେ ସେ ଥଣ୍ଡାସନ୍ଦି ରୋଗରେ ଆକ୍ରାନ୍ତ ହୋଇ ମଲା ।'

× × ×

"ପରଦିନ ସକାଳକୁ ମୁଁ କବରଖାନାରେ ଅଚେତ ହୋଇ ପଡ଼ିଥିବାର ଦେଖି କେତେକ ଲୋକ ମୋତେ ଘରକୁ ନେଇ ଆଣିଥିଲେ ବୋଲି ଜାଣିଲି ।"

—o—

ମରଣ ପରେ

ମିଷ୍ଟର ବାଉନ ଲେରେମିଂସଙ୍କୁ କବର ଦେବାବେଳେ ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ । ସେ ଅଞ୍ଚଳର ଜଣେ ପ୍ରସିଦ୍ଧ ନେତା ଏହି ଉପଲକ୍ଷରେ ଏକ ଭାଷଣ ଦେଇ କହିଥିଲେ :

"ସେ ଜଣେ ସାଧୁ ଲୋକ ଥିଲେ ।"

ଜୀବନର ସମସ୍ତ ପ୍ରଶଂସନୀୟ କାର୍ଯ୍ୟରେ ସେ ଯେ ସାଧୁତା ଆଚରଣ କରୁଥିଲେ ଏଥିରେ ସନ୍ଦେହ ନାହିଁ । ତାଙ୍କର କଥା-ବାର୍ତ୍ତାରେ, ବେଶଭୂଷାରେ, ଭାବଭଙ୍ଗୀରେ, ଯିବା ଆସିବାରେ

Digitized by srujanika@gmail.com

ସବୁଥିରେ ସେ ଆଦର୍ଶସ୍ଥାନୀୟ ଥିଲେ । କାହାରିକୁ ଭିକ୍ଷା ଦେଲାବେଳେ ସେ ଭିକ୍ଷା ସଙ୍ଗେ କିଛି ଉପଦେଶ ମଧ୍ୟ ଦେବାକୁ ଭୁଲୁ ନ ଥିଲେ । ତାଙ୍କର ହାତ ଟେକ ହୋଇ ଥିଲାବେଳେ ମନେ ହେଉଥିଲା, ସତେ ଅବା କାହାକୁ ସେ ଆଶୀର୍ବାଦ କରୁଛନ୍ତି ।

ମୃତ୍ୟୁବେଳକୁ ସେ ଗୋଟିଏ ପୁଅ ଓ ଗୋଟିଏ ଝିଅ ରଖିଦେଇ ଯାଇଥିଲେ । ତାଙ୍କର ପୁଅ ଶିକ୍ଷାଦୀକ୍ଷା ପାଇ ଜଣେ ଆଇନ ପରାମର୍ଶଦାତା ହୋଇଥିଲେ । ଝିଅଟିର ବିବାହ ହୋଇ-ଯାଇଥିଲା ମିଷ୍ଟର ପୋଇରଲ ନାମକ ଜଣେ ପ୍ରସିଦ୍ଧ ଓକିଲଙ୍କ ସହିତ ।

ପୁଅ, ଝିଅ ଓ ଜ୍ୱାଇଁ ତାଙ୍କ ମୃତ୍ୟୁରେ ନିତାନ୍ତ ବ୍ୟାକୁଳ ହୋଇପଡ଼ିଲେ । ସେମାନେ ସମସ୍ତେ ତାଙ୍କର ଅନୁରକ୍ତ ଥିଲେ ଓ ସେ ମଧ୍ୟ ସେମାନଙ୍କୁ ଆନ୍ତରିକ ସ୍ନେହ କରୁଥିଲେ ।

ବିଧି ଅନୁସାରେ ସମସ୍ତ କ୍ରିୟା ଶେଷ ହେଲାପରେ ଢିନିହେଁ ଘରେ ବସି ମିଃ ବାଡ଼ନଙ୍କର ଉଇଲଟି ବାହାର କଲେ । ମିଃ ବାଡ଼ନ ସେହି ଉଇଲକୁ ମୋହର ଦେଇ ରଖିଯାଇଥିଲେ ଓ ନିର୍ଦ୍ଦେଶ ଦେଇଥିଲେ ଯେ କେବଳ ତାଙ୍କ ମୃତ୍ୟୁ ପରେ ହିଁ ତାହା ଖୋଲାଯିବ ।

ମି. ପୋଇରଲ ଓକିଲତି କରୁଥିବାରୁ ଉଇଲ ବିଷୟରେ ସବୁ ଜାଣିଥିଲେ । ଅନ୍ୟ ଦୁହିଁଙ୍କ ସମକ୍ଷରେ ମୋହର ଭାଙ୍ଗି ଆଖିରେ ଚଷମା ଦେଇ ସେ ଉଇଲଟି ପଢ଼ିବାକୁ ଲାଗିଲେ ।

"ମୋର ପ୍ରିୟ ସନ୍ତାନଗଣ, ଗୋଟିଏ ସତ୍ୟ ଘଟନା ପ୍ରକାଶ କରି ନ ଗଲେ ମୁଁ ଜୀବନର ପରପାରରେ ମଧ୍ୟ ଆନ୍ତରିକ ଶାନ୍ତି ପାଇପାରିବି ନାହିଁ । ମୁଁ ଯେଉଁ ଅପରାଧ କରିଛି, ତାହା ଅନୁତାପାନଳରେ ମୋର ଜୀବନକୁ ଦଗ୍‌ଧ କରିଛି । ବାସ୍ତବରେ

Digitized by srujanika@gmail.com

ମୁଁ ଏକ ଅପରାଧ କରିଛି; ଆଜି ସେ ଅପରାଧ ହେଉଛି ଭୀଷଣ, ଘୃଣ୍ୟ, ଜଘନ୍ୟ ।

"ସେତେବେଳକୁ ମୋତେ ଛବିଶ ବର୍ଷ ବୟସ ହୋଇଥିଲା ; ମୁଁ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିସରେ ଓକିଲାତି ଆରମ୍ଭ କରିଥାଏଁ । ମଫସଲର ଯୁବକ ; ନୂଆ ହୋଇ ବଡ଼ ସହରକୁ ଯାଇଥାଏଁ । ସେଠାରେ ମୋର କେହି ବନ୍ଧୁବାନ୍ଧବ ବା ପରିଚିତ ସଙ୍ଗୀ ନ ଥାନ୍ତି । ପିତାମାତାଙ୍କର ଶାସନ ମଧ୍ୟ ନ ଥାଏ ।

"ମୁଁ ଗୋଟିଏ ସ୍ତ୍ରୀକୁ ରକ୍ଷିତା ଭାବରେ ରଖିଲି । 'ରକ୍ଷିତା' ଶବ୍ଦଟା ଶୁଣିଲା ମାତ୍ରେ ଅନେକେ ଘୃଣାରେ ନାକ ଟେକନ୍ତି । କିନ୍ତୁ ଏପରି କେତେ ଲୋକ ଅଛନ୍ତି ଯେଉଁମାନେ କି ଜଣେ ସ୍ତ୍ରୀର ସାହଚର୍ଯ୍ୟ ବିନା ଚଳିପାରିବେ ନାହିଁ । ମୁଁ ଥିଲି ସେହି ଶ୍ରେଣୀର ଜଣେ ଲୋକ । ନିର୍ଜନରେ ଏକାକୀ ରହିବା ମୋ ପକ୍ଷରେ ଘୋର ଯନ୍ତ୍ରଣାଦାୟକ ଥିଲା । ବିଶେଷତଃ ସନ୍ଧ୍ୟାପରେ ନିଆଁ ପାଖରେ ଏକୁଟିଆ ବସିବା ମୋତେ ଏକବାରେ ଅସହ୍ୟ ବୋଧ ହେଉଥିଲା । ସେପରି ବସିଲାବେଳେ ମୋର ମନେ ହୁଏ ସତେ ଅବା ନାନା ବିପଦ ମୋତେ ଚାରିଆଡ଼େ ବେଢ଼ି ରହିଛି । ଅବଶ୍ୟ ମୋର ଜଣେ ପ୍ରତିବେଶୀ ଥିଲେ । ଗୋଟିଏ କାନ୍ଥ ମୋତେ ତାଙ୍କ ପରିବାରଠାରୁ ବିଚ୍ଛିନ୍ନ କରି ରଖିଥିଲା । ମୋର ମନେ ହେଉଥିଲା, ତାଙ୍କଠାରୁ ମୋର ଦୂରତା ଯେତିକି, ପୃଥିବୀଠାରୁ ନକ୍ଷତ୍ରର ଦୂରତା ମଧ୍ୟ ସେତିକି । ମୁଁ ତାଙ୍କୁ ଆଦୌ ଚିହ୍ନି ନ ଥିଲି । ଏକୁଟିଆ ଥିଲାବେଳେ ମୋର ଦେହରେ କିପରି ଗୋଟାଏ କମ୍ପ ହୁଏ; ମୋ ମନରେ ଭୟ ଜନ୍ମେ; ମୁଁ ଅଧୀର ହୋଇଉଠେ । ଘରର କାନ୍ଥଗୁଡ଼ାକ ମୋତେ ମାଡ଼ି ବସିଲା ପରି

Digitized by srujanika@gmail.com

ବୋଧହୁଏ । ଘରର ମାରବଡା ଭିତରେ ଦେହିବାକୁ କୌଣସି ଆସବାବର ଶବ୍ଦ ହେଲେ ମୋର ଗୁଣ୍ଡ ଦବିଯାଏ ।

"ଏହି ମାରବଡା ଭିତରେ ଚକିତ, ବିସ୍ମିତ ଆହତ, ହୋଇ ମୁଁ କେତେଥର ଶବ୍ଦ କରିବାକୁ ଚେଷ୍ଟା କରିଥିବି । ମୁଁ ଯାହା କହେଁ ତାର ଶବ୍ଦମାନଙ୍କ ମଧ୍ୟରେ ପରସ୍ପର ସମ୍ବନ୍ଧ ନ ଥାଏ, କୌଣସି ଯୁକ୍ତି ନ ଥାଏ । ମୋର ଶବ୍ଦରେ ମୁଁ ଭୟ କରି ପକାଏଁ । ଗୋଟାଏ ଶୂନ୍ୟ ଘର ଭିତରେ ଏକାକୀ ଜୀବନ ଯାପନଠାରୁ ଅଧିକ ଭୀଷଣ କିଛି ମୁଁ କଳ୍ପନା କରିପାରେ ନାହିଁ । ମୋର ସ୍ୱରଟା ଅନ୍ୟ କାହାରି ପରି ମନେହୁଏ । କାହାକୁ କହିବି ? କିଏ ଶୁଣିବ ? ମୋର ସ୍ୱର ବାୟୁରେ ପ୍ରତିହତ ହୋଇ ମୋ ଅନ୍ତରର ଭାଷାର ପ୍ରତିଧ୍ୱନି ଭଳି ବୋଧହୁଏ ।

"ପାରିସ ସହରରେ ଅନେକ ବାଳିକା କାମ କରନ୍ତି; ସେମାନଙ୍କର ଆୟ ଯଥେଷ୍ଟ ନ ଥାଏ । ଏହିପରି ଗୋଟିଏ ବାଳିକାକୁ ମୁଁ ରକ୍ଷିତା ଭାବରେ ରଖିଲି । ଝିଅଟି ଖୁବ୍ ସରଳ ଓ ମଧୁରଭାଷିଣୀ । ତାର ପିତାମାତା ପଇସିରେ ରହୁଥିଲେ । ସେ ମୋ ପାଖରେ ଥିଲେ ସୁଦ୍ଧା ମଝିରେ ମଝିରେ ବାପମାଆଙ୍କ ପାଖକୁ ଯାଉଥିଲା; ହନେ ଦୁଇଦିନ ଘରେ ରହି ଫେରି ଆସୁଥିଲା ।

"ମୁଁ ବର୍ଷେ ପର୍ଯ୍ୟନ୍ତ ତା ସହିତ ଖୁବ୍ ଶାନ୍ତିରେ କଟାଇ-ଦେଲି । ମୁଁ ମନେ ମନେ ସ୍ଥିର କରିଥାଏ ଯେ କୌଣସି ଉପଯୁକ୍ତ ସୁନ୍ଦରୀ ଝିଅଟିଏ ପାଇଲେ ଏହି ରକ୍ଷିତାକୁ ଗୁଡ଼ ଦେଇ ତାକୁ ବିବାହ କରିବି । ଅବଶ୍ୟ ତାର ଆୟୁ ପାଇଁ କିଛି ବ୍ୟବସ୍ଥା କରିଦେବାକୁ ହେବ । ଆମ ସମାଜରେ ଏପରି ଚଳେ । କୌଣସି ଗରିବ ଝିଅ ସହିତ ପ୍ରେମ କଲେ ତାକୁ କିଛି ମୂଲ୍ୟ

Digitized by srujanika@gmail.com

ଦେବାକୁ ହୁଏ । ଝିଅ ଧନୀ ହୋଇଥିଲେ ତାକୁ ମୂଲ୍ୟବାନ ଅଳଙ୍କାର ଦେବାକୁ ହୁଏ ।

"କିନ୍ତୁ ଦିନେ ସେ ମୋତେ ଜଣାଇଲା ଯେ ତାର ଗର୍ଭ ହୋଇଛି । ମୁଁ ସ୍ତମ୍ଭୀଭୂତ ହୋଇଗଲି; ମୋର ଜୀବନଟା ନଷ୍ଟ ହୋଇଗଲା ପରି ମନେ ହେଲା । ଭାବିଲି, ଏ ଡୋରିରେ ବନ୍ଧା-ହୋଇ ଜୀବନଯାକ କଟାଇବାକୁ ହେବ । ଗୋଟିଏ ଶିଶୁ ମୋତେ ସେ ସ୍ତ୍ରୀ ସହିତ ଆଜୀବନ ବାନ୍ଧି ରଖିବ । ସେ ପିଲାକୁ ପାଳିବା, ପୋଷିବା, ଶିକ୍ଷାଦେବା ପାଇଁ ମୁଁ ବାଧ୍ୟ ହେବି । ସେଥିରେ ପୁଣି ନିଜକୁ ତା'ପାଖରୁ ଲୁଚାଇ ରଖି ଚଳିବାକୁ ହେବ । ମୋର ମୁଣ୍ଡ ଗୋଳମାଳ ହୋଇଗଲା; ମୋର ଅନ୍ତରରେ କଅଣ ଗୋଟାଏ ଇଚ୍ଛା ଜାଗିଲା, ମୁଁ ତାହା ଠିକ୍ ଜାଣିପାରିଲି ନାହିଁ । ଗୋଟାଏ କିଛି ଦୁର୍ଘଟଣା ଘଟି ଯାଆନ୍ତା କି ? ଶହ ଶହ ପିଲା ତ ଜନ୍ମହେବା ପୂର୍ବରୁ ନଷ୍ଟ ହୋଇଯାଆନ୍ତି; ଏ ପିଲାଟା ସେହିପରି ମରି ଯାଆନ୍ତା କି ?

"କିନ୍ତୁ ମୋର ରକ୍ଷିତାର ମୃତ୍ୟୁ ହେଉ, ଏ କଥା ମୁଁ ଆଦୌ ଭାବି ନ ଥିଲି । ସେ ହତଭାଗିନୀ; ମୁଁ ତାକୁ ଭଲ ପାଉଥିଲି; ତାର ମରଣ ଚିନ୍ତା ମୋ ମନକୁ ଆସନ୍ତା କିପରି ? କିନ୍ତୁ ମୁଁ ଚାହୁଁଥିଲି ସେହି ଅନାଗତ ଶିଶୁର ମରଣ ।

"ଶେଷରେ ପିଲାଟା ଜନ୍ମହେଲା । ମୋ ବସାଘର ଗୋଟିଏ ପରିବାରର ଘରରେ ପରିଣତ ହେଲା—ଘରେ ପିଲାଟାଏ । ଓଃ! କି ବିପଦ ? ପିଲାଟା ଅନ୍ୟ ପିଲାଙ୍କ ପରି ବେଶ୍ ସୁନ୍ଦର ହୋଇଥିଲା, କିନ୍ତୁ ମୁଁ ତାକୁ ଅନ୍ୟ ପିଲାଙ୍କ ପରି ଭଲ ପାଇ ପାରିଲି ନାହିଁ । ଆଉ ଗୋଟିଏ କଥା, ମାଆମାନେ ପିଲାର ଜନ୍ମ ସଙ୍ଗେ ସଙ୍ଗେ ତାକୁ ଆଦର କରନ୍ତି । ଏଇଟା ହେଉଛି ପ୍ରକୃତିଦତ୍ତ ଗୁଣ । କିନ୍ତୁ ପିତା ପକ୍ଷରେ ସନ୍ତାନକୁ ଭଲପାଇବା ଲାଗି ସମସ୍ତ

Digitized by srujanika@gmail.com

ଦରକାର ହୋଇଥାଏ । ଶିଶୁର ବୟସ ବୃଦ୍ଧି ସଙ୍ଗେ ପିତାର ତାହାପ୍ରତି ସ୍ନେହ ଧୀରେ ଧୀରେ ବୃଦ୍ଧିପାଏ ।

"ଏହିପରି ବର୍ଷେ ଗୃଲଗଲା । ମୁଁ ଘରେ ନ ରହି ବାହାରେ ବେଶୀ ସମୟ କଟାଇବାକୁ ଲାଗିଲି । ପିଲାଟାର ଟିକି ଟିକି ପ୍ୟାଣ୍ଟ, ଟୋପି, ମୋଜା ପ୍ରଭୃତି ମୋ କୋଠରୀରେ ଦେଖିଲେ ମୁଁ ବିରକ୍ତ ହୁଏ । ବିଶେଷତଃ ତାର କାନ୍ଦ ଶୁଣିଲେ ମୋର ଭୟାନକ ବିରକ୍ତି ଆସେ । ଓଃ, ପିଲାଟା ପ୍ରାୟ ଦିନ ରାତି ସବୁବେଳେ କାନ୍ଦୁଥିଲା । ତାକୁ ଗାଧୋଇ ଦେଲାବେଳେ କାନ୍ଦୁଥିଲା, ଜାମା ବଦଳାଇବା ବେଳେ କାନ୍ଦୁଥିଲା, ଶୁଆଇଲା ବେଳେ କାନ୍ଦୁଥିଲା, ଉଠାଇଲା ବେଳେ ମଧ୍ୟ କାନ୍ଦୁଥିଲା ।

"ଏଥି ମଧ୍ୟରେ ମୋର ଅନେକ ଲୋକଙ୍କ ସଙ୍ଗେ ପରିଚୟ ହୋଇଗଲା । ତୁମମାନଙ୍କର ଯେ ମାଆ ହୋଇଥିଲେ, ତାଙ୍କ ସଙ୍ଗେ ମୋର ଏହି ସମୟରେ ପରିଚୟ । ପରିଚୟ କ୍ରମେ ଘନିଷ୍ଠ ହୋଇ ଆସିଲା ଓ ତାଙ୍କୁ ବିବାହ କରିବା ପାଇଁ ମୋର ପ୍ରବଳ ଇଚ୍ଛା ହେଲା । ମୁଁ ତାଙ୍କୁ ମୋର ଇଚ୍ଛା ଜଣାଇଲି ଓ ସେ ମୋ ପ୍ରସ୍ତାବରେ ରାଜି ହୋଇଗଲେ ।

"ମୁଁ ଏକ ବିଷମ ସମସ୍ୟାରେ ପଡ଼ିଲି । ମୋର ଯେ ଜଣେ ରକ୍ଷିତା ଅଛି ସେ କଥା ତାଙ୍କୁ ନ ଜଣାଇବାର କଥା । ସେ କଥା ଜଣାଯାଇଥିଲେ କି ସେ ମୋତେ ବିବାହ କରିବାକୁ ରାଜି ହୋଇଥାନ୍ତେ ? ତାଙ୍କ ବାପ ମାଆ କି ରାଜି ହୋଇଥାନ୍ତେ ? ମୋର ଚିନ୍ତା ହେଲା—ଏ ପିଲାକୁ କଅଣ କରିବି ? ଆଉ ଏ ପିଲାର ମାଆକୁ କିପରି ଚିରଦିନ ପାଇଁ ତ୍ୟାଗ କରିବି ? ସତ କହିବାକୁ ଗଲେ ମୁଁ ତାକୁ ଖୁବ୍ ଭଲ ପାଉଥିଲି ।

"ଏହିପରି ଯନ୍ତ୍ରଣାଦାୟକ ଚିନ୍ତା ମଧ୍ୟରେ ଗୋଟିଏ ମାସ କଟିଗଲା । ଏହି ମାସଟିରେ ମୁଁ ମୁହୂର୍ତ୍ତେ ଶାନ୍ତି ପାଇ ନ ଥିଲି ।

Digitized by srujanika@gmail.com

ସେହି କ୍ଷୁଦ୍ର ସନ୍ତାନଟି ପ୍ରତି ମୋର କ୍ରୋଧ, ବରଂ ବୃଦ୍ଧି ପାଇବାକୁ ଲାଗିଲା । ଏଇ ପିଲାଟି ହିଁ ମୋର ସର୍ବନାଶର କାରଣ । ଏଇ ହେଉଛି ମୋର ସୁଖଶାନ୍ତି ପଥରେ କଣ୍ଟକ । ଏଇଟି ନ ଥିଲେ ମୋର ଜୀବନ କେଡ଼େ ସୁଖମୟ ହୋଇଥାନ୍ତା ?

"ଏହି ସମୟରେ ମୋର ରକ୍ଷିତାର ମାଆର ଦେହ ଅସୁସ୍ଥ ହେବାରୁ ସେ ନିଜ ଘରକୁ କିଛି ଦିନ ପାଇଁ ଗଲା । ପିଲାଟିକୁ ଘେନି ମୁଁ ରହିଲି । ସେଇଟା ଡିସେମ୍ବର ମାସ, ଘୋର ଶୀତକାଳ । ରାତିରେ ଭୀଷଣ ଥଣ୍ଡା ପଡ଼ୁଥାଏ । ଦିନେ ରାତିରେ ମୁଁ ଖାଇସାରି ପିଲାକୁ ଦେଖିବା ପାଇଁ ପାଖ କୋଠରୀକୁ ଗଲି । ପିଲାଟି ବିଛଣାରେ ନିଶ୍ଚିନ୍ତରେ ଶୋଇଥିଲା । ଘରେ ନିଆଁ ଜଳୁଥିଲା । ମୁଁ ଖଣ୍ଡିଏ ଆରାମ ଚଉକି ଟାଣି ନେଇ ନିଆଁ ପାଖରେ ବସିଲି । ବାହାରେ ବରଫ ମିଶା ପବନର ସୁସୁ ଶବ୍ଦ ଶୁଣାଯାଉଥିଲା । ମୁଁ ଝରକା ପାଖକୁ ଯାଇ ବାହାରକୁ ଚାହିଁଲି । ବରଫମିଶା ପବନ ହେତୁ ଆକାଶର ତାରାମାନେ ନିଷ୍ପ୍ରଭ ଦେଖାଯାଉଥିଲେ ।

"ଏତେଦିନ ହେଲା ଯେଉଁ ଚିନ୍ତା ମୋ ମନରେ ଅସ୍ପଷ୍ଟ ଭାବରେ ରହି ଆସିଥିଲା, ତାହା ପୁଣି ମୋର ମନକୁ ଅଧିକାର କଲା । କର୍କଟ ରୋଗ ଭିତରକୁ ଭିତରକୁ ପ୍ରବେଶ କଲା ପରି ସେହି ଚିନ୍ତା ମୋର ମନ ଭିତରକୁ ପଶିଯାଇଥିଲା । କେବଳ ମନ ନୁହେଁ, ମୋର ଦେହ, ମନ, ହୃଦୟ, ମୋର ସମଗ୍ର ଅସ୍ତିତ୍ୱକୁ ସେହି ଚିନ୍ତା ଅଧିକାର କରିଥିଲା । ମୁଁ ସେହି ଚିନ୍ତାକୁ ଦୂର କରିବା ପାଇଁ ପ୍ରାଣପଣେ ଉଦ୍ୟମ କଲି, କିନ୍ତୁ ପାରିଲି ନାହିଁ । ଘୋର ମାନସିକ ଓ ନୈତିକ ଯନ୍ତ୍ରଣା ମୋତେ ବିବ୍ରତ କରି ପକାଇଲା ।

"କିପରି ଏ ଅବସ୍ଥାରୁ ଉଦ୍ଧାର ପାଇବି ? କିପରି ବା ଅନ୍ୟ ଆଗରେ ଏକଥା ପ୍ରକାଶ କରିବି ? ଏହା ସଙ୍ଗେ ସଙ୍ଗେ

Digitized by srujanika@gmail.com

ମୋର ତୁମ ମାଆଙ୍କ ପ୍ରତି ପ୍ରେମ ଦିନକୁ ଦିନ ବୃଦ୍ଧି ପାଉଥାଏ । ଅବଶ୍ୟ ସେତେବେଳକୁ ଆମର ବିବାହ ହୋଇ ନ ଥାଏ । ମୋ ମନରେ ଏହି ଶିଶୁଟି ପ୍ରତି ଘୋର ଘୃଣା ଜନ୍ମିଲା । ଘୃଣା ନ କହି ପାଗଳାମି କହିଲେ ଠିକ୍ ହେବ । ସେଦିନ ରାତିରେ ମୁଁ ବାସ୍ତବରେ ପାଗଳ ହୋଇଯାଇଥିଲି ।

"ପିଲାଟି ବିଛଣାରେ ଶୋଇଥିଲା । ମୁଁ ଚଉକିରୁ ଉଠିଯାଇ ତା ବିଛଣା ପାଖରେ ଛିଡ଼ା ହେଲି, ତା ମୁହଁକୁ ଚାହିଁଲି । ମୋ ପ୍ରେମ-ପଥର, ମୋ ଜୀବନ ଯାତ୍ରାର କଣ୍ଟକ ଏହି କ୍ଷୁଦ୍ର ମାଂସ ପିଣ୍ଡଟି । କ୍ଷୁଦ୍ର ତୁଣ୍ଡଟି ଖୋଲି ସେ ଶୋଇଛି; ତାର କ୍ଷୁଦ୍ର ଦେହଟି ଗରମ ଲୁଗାରେ ଆବୃତ । ତାର ଛୋଟ ଖଟିଆ ପାଖରେ ମୋର ଖଟରେ ବିଛଣା ଓ ଶେଯ । କିନ୍ତୁ ମୁଁ ସେଥିରେ ଶୋଇବି କିପରି ?

"ଗୋଟାଏ ଜଘନ୍ୟ ଶକ୍ତି ମୋତେ ଅଧିକାର କରିଥିଲା ଏଥିରେ ସନ୍ଦେହ ନାହିଁ । ତା ନୋହିଥିଲେ କି ମୁଁ ସେଭଳି କାର୍ଯ୍ୟ କରିପାରିଥାନ୍ତି ? ମୋର ଅଜ୍ଞାତସାରରେ ସେହି ପାପର ପ୍ରଲୋଭନ ମୋଠାରେ ପ୍ରବେଶ କଲା । ମୋର ଏତିକି ମାତ୍ର ମନେ ପଡ଼ୁଛି, ମୋ ଛାତି ଧଡ଼ପଡ଼ ହେଲା; ମୋର ମୁଣ୍ଡ ଗୋଳମାଳ ହୋଇଗଲା । ମୁଁ କଣ କରୁଥିଲି, ଜାଣିପାରୁ ନ ଥିଲି । ମୋର ଇଚ୍ଛା ଅନୁସାରେ ମୁଁ କାର୍ଯ୍ୟ କରୁ ନଥିଲି; ଗୋଟାଏ ଅଜ୍ଞାତ ପୈଶାଚିକ ଶକ୍ତି ମୋ ଦ୍ୱାରା କାର୍ଯ୍ୟ କରାଉଥିଲା !

"ମୁଁ ଧୀରେ ଧୀରେ ସେ ଶିଶୁର ଦେହରୁ ଆବରଣ କାଢ଼ି ତଳେ ପକାଇ ଦେଲି । ତାର ନଗ୍ନ ଦେହକୁ କିଛି ବେଳ ଚାହିଁ ରହିଲି । ମୁଁ ତା ଦେହରେ ହାତ ମାରିଲି; ବରଫ ପରି ଥଣ୍ଡା ଲାଗିଲା । ତାହାପରେ ମୁଁ ଯାଇ ଝରକାଟିକୁ ଖୋଲିଦେଲି ।

Digitized by srujanika@gmail.com

"ମେଞ୍ଚାଏ ଥଣ୍ଡା ବରଫମିଶା ପବନ ଘର ଭିତରକୁ ପଶି ଆସିଲା । ମୁଁ ଝରକୁ ହଟି ଆସିଲି । କୋଠରୀ ଭିତରେ ଦୁଇଟି ବତୀ ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା । ମୁଁ ଅନେକ ବେଳଯାଏ ସେହି ଝରକାପାଖେ ଠିଆ ହୋଇ ରହିଲି । ପଛଆଡ଼କୁ ଚାହିଁବା ପାଇଁ ମୋର ସାହସ ହେଉ ନ ଥିଲା । ମୋ ମୁହଁରେ ଥଣ୍ଡା ପବନ ବାଜୁଥିଲା ।

"ମୁଁ କିଛି ଚିନ୍ତା କରୁ ନ ଥିଲି । ଏହି ସମୟରେ ମୋର ପଛପଟ୍ ପିଲାଟି 'ଖୁଁ' କରି କାଶିଲା । ମୋର ଆପାଦମସ୍ତକ ଥରି ଉଠିଲା । ମୁଁ ହଠାତ୍ ଝରକାର କବାଟ ବନ୍ଦକରି ଦେଇ ପିଲାର ଖଟିଆ ପାଖକୁ ଚାଲି ଆସିଲି ।

"ଦେଖିଲି, ସେ ଖୋଲା ଦେହରେ ଖଟିଆରେ ଶୋଇଛି । ତା ଦେହରେ ହାତ ମାରିଲି; ଖୁବ୍ ଥଣ୍ଡା ଲାଗିଲା । ତକ୍ଷଣାତ୍ ଚାଦର ପ୍ରଭୃତି ଆଣି ପୁଣି ତାକୁ ଘୋଡ଼ାଇ ଦେଲି । ମୋ ମନରେ ହଠାତ୍ ଏହି ନିର୍ଦ୍ଦୋଷ ପିଲାଟି ପ୍ରତି ସ୍ନେହ ଓ ଦୟା ଜାଗିଉଠିଲା । ମୁଁ ତାକୁ ବାରମ୍ବାର ଚୁମ୍ବନ ଦେବାକୁ ଲାଗିଲି । ତାପରେ ମୁଁ ନିଆଁ ପାଖକୁ ଫେରି ଆସିଲି ।

"ମୁଁ ନିଜର ପାପକାର୍ଯ୍ୟ ପାଇଁ ଘୋର ଦୁଃଖ ଅନୁଭବ କଲି । କାହିଁ ବେଳେବେଳେ ଆମ୍ଭାରେ ଗୋଟାଏ ଝଡ଼ର ସୃଷ୍ଟି ହୁଏ; ତା ଫଳରେ ମନୁଷ୍ୟ ସଂସାରକୁ ଭୁଲିଯାଏ; ମଦ୍ୟପ ଭଳି ନିଜ ଉପରୁ ସମସ୍ତ କର୍ତ୍ତୃତ୍ୱ ହରାଇଦିଏ । ଘୂର୍ଣ୍ଣିବାତ୍ୟାରେ ନୌକା ଇତସ୍ତତଃ ହେଲାପରି ସେ ଜୀବନ ପଥରେ ଅନିର୍ଦ୍ଦିଷ୍ଟ ଭାବରେ ଚାଲେ ।

"ପିଲାଟି ପୁଣି କାଶିଲା, ମୋ ଛାତି ଦଦରା ହୋଇଗଲା ପରି ଲାଗିଲା । ଯଦି ପିଲାଟି ମରିଯାଏ ? ହେ ଈଶ୍ୱର, ମୋର କି ଗତି ହେବ ?

Digitized by srujanika@gmail.com

"ମୁଁ ଉଠିପଡ଼ି ତାକୁ ଖୋଜିଲି । ହାତରେ ବତ୍ତିଟିଏ ଧରି ନିରେଖି ଦେଖିଲି । ହଁ, ସେ ଶୋଇଛି, ଧୀରେ ନିଶ୍ୱାସ ନେଉଛି । ପୁଣି ଥରେ ସେ କାଶିଲା, କିନ୍ତୁ ମୁଁ ଭାବିଲି ଭୟର କାରଣ ନାହିଁ । ତଥାପି ମୁଁ ଖଟିଆ ପାଖରୁ ପଳାଇ ଆସିଲି । ବତ୍ତିଟା ହାତରୁ ଖସିପଡ଼ିଲା ।

"ବତ୍ତିଟା ଉଠାଇ ନେଇ ମୁଁ ସିଧା ହୋଇ ଛିଡ଼ା ହେଲି । ଦେଖିଲି, ମୋ କପାଳ ଝାଳରେ ଭିଜି ଯାଇଛି ଅଥଚ ଖୁବ୍ ଥଣ୍ଡା ଲାଗୁଛି । ମୋ ମନରେ ଗୋଟାଏ ପ୍ରକାର ଅଦ୍ଭୁତ ନୈତିକ ବେଦନା ହେଉଥିଲା; ତାହା ଭାଷାରେ ପ୍ରକାଶ କରିବାକୁ ମୁଁ ଅକ୍ଷମ ।

"ମୁଁ ମୋର ପୁଅ ଉପରେ ନଇଁପଡ଼ି ତାକୁ ଚୁମ୍ବି ରହିଲି । ସକାଳ ହେଲା; ପିଲା ଶୋଇଥିବାର ଦେଖି ମୁଁ ଟିକିଏ ଶାନ୍ତି ଅନୁଭବ କଲି । ଏହି ସମୟରେ ସେ ପୁଣି ଥରେ କାଶିଲା ।

"ପିଲା ନିଦରୁ ଉଠିଲା । ତାର ଆଖି ଲାଲ ଦିଶୁଥିଲା; ଗଳାରେ ପ୍ରଦାହ ହେତୁ ତାର ନିଶ୍ୱାସ ନେବାରେ କଷ୍ଟ ହେଉଥିଲା । ମୋର ସ୍ତ୍ରୀ ଆସି ପହଞ୍ଚିଲା । ଆମେ ସଙ୍ଗେ ସଙ୍ଗେ ଡାକ୍ତର ଡକାଇଲୁ । ପ୍ରାୟ ଘଣ୍ଟାଏ ଯାଏ ଡାକ୍ତର ତାକୁ ପରୀକ୍ଷା କରି ପଚାରିଲେ :

"ତାକୁ ଥଣ୍ଡା ଲାଗିଛି ?"

"ମୁଁ ଥରି ଥରି ଉତ୍ତର ଦେଲି, 'ନା, ନା, ଥଣ୍ଡା ଲାଗିନାହିଁ । ଆଚ୍ଛା, ତାର ଅବସ୍ଥା କିପରି ? ଅବସ୍ଥା କଅଣ ସାଙ୍ଘାତିକ ?"

"ସେ ଉତ୍ତର କଲେ, 'ବର୍ତ୍ତମାନ ମୁଁ କହିପାରିବି ନାହିଁ । ସନ୍ଧ୍ୟାବେଳକୁ ମୁଁ ପୁଣି ଆସି ଦେଖିବି ।'

Digitized by srujanika@gmail.com

"ସନ୍ଧ୍ୟାବେଳକୁ ଡାକ୍ତର ଆସିଲେ । ଦିନଯାକ ପୁଅଟି ଶୋଇରହିଲା ପରି ପଡ଼ିଥିଲା । ମଝିରେ ମଝିରେ ସାମାନ୍ୟ କାଶ ହେଉଥିଲା । ତାର ଫୁସ୍‌ଫୁସ୍‌ରେ ପ୍ରଦାହ ହୋଇଥିବାର ଜଣାପଡ଼ିଲା ।

"ତିନିଟି ଦଶଦିନ ପର୍ଯ୍ୟନ୍ତ ଏହିପରି ଅବସ୍ଥାରେ ରହିଲା । ସାରାଦିନ, ସାରା ରାତି ମୁଁ ଯେ କି ମାନସିକ ଯନ୍ତ୍ରଣା ଭୋଗୁଥିଲି, ତାହା କହି ହେବନାହିଁ ।

"ତାହାପରେ ସେ ମରିଗଲା ।

"ସେହି ଦିନଠାରୁ ମୁଁ ଘଣ୍ଟାଏ ସୁଦ୍ଧା ଶାନ୍ତି ପାଇନାହିଁ । ସେହି ଘଟଣାର ସ୍ମୃତି ମୋର ମନକୁ ପ୍ରତି ମୁହୂର୍ତ୍ତରେ ବିଚଳିତ କରୁଅଛି ।

"ବୋଧହୁଏ, ପାଗଳ ହୋଇଯାଇଥିଲେ ମୁଁ ଏ ଯନ୍ତ୍ରଣାରୁ ରକ୍ଷା ପାଇଥାନ୍ତି ।"

ଉଇଲଟି ପଢ଼ିସାରି ମି: ପଇରଲ ଚଷମା ଖୋଲିଦେଲେ । ମୃତ ବ୍ୟକ୍ତିଙ୍କର ତିନିଜଣଯାକ ଉତ୍ତରାଧିକାରୀ ପରସ୍ପରର ମୁହଁକୁ ଚାହିଁଲେ । କାହାରି ତୁଣ୍ଡରୁ କଥା ବାହାରିଲା ନାହିଁ । କେତେକ ମିନିଟ ପରେ ଓକିଲ ମି: ପଇରଲ କହିଲେ, "ଏ ଉଇଲଟିକୁ ନଷ୍ଟ କରିଦେବା ଠିକ୍ ହେବ ।"

ଅନ୍ୟ ଦୁହେଁ ମୁଖଭଙ୍ଗୀ ଦ୍ୱାରା ସେମାନଙ୍କର ସ୍ୱୀକୃତି ଜଣାଇ ଦେଲେ । ଉଇଲର ଏହି ଅଂଶଟି ଲେଖାଥିବା କାଗଜଗୁଡ଼ିକୁ ଖଣ୍ଡ ଖଣ୍ଡ କରି ନିଆଁ ଲଗାଇ ଦିଆଗଲା । କାଗଜଗୁଡ଼ିକ ପାଉଁଶରେ ପରିଣତ ହୋଇଗଲା । ପୋଡ଼ା କାଗଜରେ ମଧ୍ୟ ଗୋଟାଏ ଗୋଟାଏ ଅକ୍ଷର ଦେଖାଯାଉଥିଲା । ଝିଅ ଜୋତାରେ ତାକୁ ଦଳି ମାଟିରେ ମିଶାଇ ଦେଲେ ।

Digitized by srujanika@gmail.com

ଡାକ୍ତରମାନେ ସେମାନଙ୍କ ସ୍ୱାରା ସେହି ପାଣ୍ଡୁଲିପିକୁ ଘାଣ୍ଟି ହେଲେ । ଯାହାଙ୍କ ବିଷୟରେ ଲେଖା ହୋଇଛି, ସେ ଚାଲିଗଲେଣି । ସେମାନେ ଭାବୁଥିଲେ ଯେ ଏହି ପାଣ୍ଡୁଲିପି ହିଁ ଅବଶେଷ ମୃତ ବ୍ୟକ୍ତିଙ୍କ ଜୀବନର ରହସ୍ୟ ପଦାରେ ପକାଇଦେବ ।

ଟେଲା

ଆଡ୍‌ମିରାଲ୍ ମି. ଡେଲ ଗୋଟିଏ ଆରାମ ଚଉକି ଉପରେ ପଡ଼ିଥିଲେ । ସେ ଅର୍ଦ୍ଧସୁପ୍ତ ଓ ଅର୍ଦ୍ଧଜାଗ୍ରତ ଅବସ୍ଥାରେ ଥିଲେ ବୋଲି ମନେ ହେଉଥିଲା । ସେ ନମ୍ର ସ୍ୱରରେ କହିବାକୁ ଆରମ୍ଭ କଲେ :

"ଥରେ ମୁଁ ଗୋଟିଏ ବିଚିତ୍ର ପ୍ରେମ ବ୍ୟାପାରରେ ଜଡ଼ିତ ହୋଇପଡ଼ିଥିଲି । ତୁମେମାନେ ଶୁଣିବାକୁ ଇଚ୍ଛା କରୁଥିଲେ, ଘଟଣାଟି ମୁଁ ବର୍ଣ୍ଣନା କରିବି ।"

ଆଡ୍‌ମିରାଲଙ୍କ ମୁଖରେ କୁଞ୍ଚିତ ହସ । ଲୋକେ ମନେକରୁଥିଲେ ଯେ ସେ ଜଣେ ସଂଶୟବାଦୀ । ସେ ଆରାମ ଚଉକି ଉପରେ ପଡ଼ିରହି କହିଲେ—

"ସେତେବେଳକୁ ମୋର ବୟସ ତିରିଶ ବର୍ଷ ହୋଇଥାଏ । ମୁଁ ଥାଏଁ ନୌବିଭାଗର ଜଣେ ଲେଫ୍‌ଟେନାଣ୍ଟ । ଏହି ସମୟରେ ମଧ୍ୟଭାରତରେ ଗୋଟିଏ ଜ୍ୟୋତିର୍ବିଜ୍ଞାନ ବିଷୟକ ଗବେଷଣା ଅଭିଯାନର ନେତୃତ୍ୱ ନେବାପାଇଁ ମୋତେ ଆଦେଶ ମିଳିଲା । ଗବେଷଣା ପାଇଁ ଆବଶ୍ୟକ ସମସ୍ତ ଉପକରଣ ଭାରତର ଇଂରେଜ ସରକାର ଯୋଗାଇ ଦେଇଥିଲେ । ମୁଁ କେତେଜଣ ଅନୁଚରଙ୍କ ସହିତ ସେହି ବିରାଟ, ଅପରିଚିତ, ବିଚିତ୍ର ଭାରତବର୍ଷରେ ଉପସ୍ଥିତ ହେଲି ।

Digitized by srujanika@gmail.com

"ମୋର ଯାତ୍ରାପଥରେ ଯାହାସବୁ ଘଟିଥିଲା ସେ ସବୁର ବର୍ଣ୍ଣନା କଲେ ଅନେକ ବଡ଼ ଗ୍ରନ୍ଥ ହେବ । ମୁଁ କେତେ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଅଞ୍ଚଳ ଅତିକ୍ରମ କଲି, କେତେ ସୁନ୍ଦର ଆଡ଼ମ୍ବର ପୂର୍ଣ୍ଣ ରାଜାଙ୍କଠାରୁ ଅଭ୍ୟର୍ଥନା ପାଇଲି । ବିପୁଳ ଐଶ୍ୱର୍ଯ୍ୟମୟ ଉତ୍ସବମାନ ଉପଭୋଗ କଲି । ଦୁଇମାସ ପର୍ଯ୍ୟନ୍ତ ମୁଁ ଏକ ପରୀ-ରାଜ୍ୟରେ ଥିଲାପରି ଅନୁଭବ କଲି । ଘନ ଅରଣ୍ୟ ମଧ୍ୟରେ କେତେ ବଡ଼ ଅଟ୍ଟାଳିକାର ଧ୍ୱଂସସ୍ତୂପମାନ ଦେଖିବାକୁ ପାଇଲି । ବିଶାଳ ମନ୍ଦିରମାନଙ୍କରେ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ମୁଁ ବିସ୍ମୟରେ ସ୍ତମ୍ଭୀ-ଭୂତ ହୋଇଗଲି । ସୁନ୍ଦରୀ ରମଣୀର ଅପରୂପ ଲାବଣ୍ୟ ଦେଖିଲେ ମନରେ ଯେପରି ଆନନ୍ଦ ଆସେ ସେଗୁଡ଼ିକୁ ଦେଖି ମୋର ସେହି ଭଳି ଆନନ୍ଦ ଜାତ ହୋଇଥିଲା ।

"ଯାତ୍ରାର ଶେଷଭାଗରେ ମୁଁ ମଧ୍ୟଭାରତର ଗନାର୍ଦ୍ଦ ସହରରେ ପହଞ୍ଚିଲି । ପ୍ରାଚୀନ କାଳରେ ଏହି ସହରଟି ଅତ୍ୟନ୍ତ ସମୃଦ୍ଧିଶାଳୀ ଥିଲା; କିନ୍ତୁ ମୁଁ ଦେଖିଲାବେଳକୁ ତାହାର ପୂର୍ବ ଐଶ୍ୱର୍ଯ୍ୟ ନଥିଲା । ଯେଉଁ ରାଜ୍ୟରେ ଏହା ଅବସ୍ଥିତ ଥିଲା, ତାହା ଜଣେ ଅତ୍ୟନ୍ତ ଧନୀ, ଦୁର୍ଦ୍ଦାନ୍ତ, ସଦୋଚ୍ଛାଶୃଙ୍ଖ, ଦାନଶୀଳ ଓ ନିର୍ଦ୍ଦୟ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ଏହି ସହରଟି ଥିଲା ତାଙ୍କର ରାଜଧାନୀ ।

"ସହରଟି ଗୋଟିଏ ବଡ଼ ହ୍ରଦର ତୀର ଦେଶରେ ଅବସ୍ଥିତ ଥିଲା । ଏହି ହ୍ରଦର କୂଳେ କୂଳେ ବହୁସଂଖ୍ୟକ ମନ୍ଦିର ରହିଥିଲା । ଦୂରରୁ ସହରଟି ଗୋଟିଏ ଧଳା ବସ୍ତୁପରି ଦେଖାଯାଉଥିଲା । ନିକଟକୁ ଅଗ୍ରସର ହେଲାପରେ ସହରର ବଡ଼ ଅଟ୍ଟାଳିକା-ମାନଙ୍କର ଅଗ୍ରଭାଗ, ମନ୍ଦିରମାନଙ୍କର ଶିଖର ଓ ଭିତରସ୍ଥ ସ୍ଥାପ-ତ୍ୟର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଦର୍ଶକ ମୁଗ୍ଧ ହୋଇଯାଉଥିଲା ।

"ନଗରଦ୍ୱାରଠାରୁ ପ୍ରାୟ ଅଧମାଇଲ ଦୂରରେ ମୁଁ ଗୋଟିଏ ହାତୀ ଦେଖିଲି । ତାହା ପିଠିରେ କାରୁକାର୍ଯ୍ୟ ଖଚିତ ବହୁମୂଲ୍ୟ

Digitized by srujanika@gmail.com

ହାଉଦା ଥିଲା । ହାତୀର ଚାରିପାଖେ ବଡବଡ ପୋଷାକପରିହିତ ସୈନିକମାନେ ରହିଥିଲେ । ମୋତେ ସମ୍ମାନ ସହକାରେ ରାଜଧାନୀକୁ ନେଇଯିବା ପାଇଁ ରାଜା ଏମାନଙ୍କୁ ପଠାଇଥିଲେ ।

"ମୁଁ ମୋର ଉତ୍କୃଷ୍ଟ ପୋଷାକ ପିନ୍ଧି ଯିବାକୁ ଇଚ୍ଛା କରିଥିଲି; କିନ୍ତୁ ରାଜାସାହେବ ମୋତେ ଭେଟିବା ପାଇଁ ଏତେ ଅଧୀର ହୋଇ ପଡ଼ିଥିଲେ ଯେ, ପୋଷାକ ବଦଳାଇବା ପାଇଁ ମୋତେ ସମୟ ମିଳିଲା ନାହିଁ । ମୋ ସହିତ ପରିଚିତ ହେବାପାଇଁ ଓ ମୋ ସକାଶେ କୌଣସି କାର୍ଯ୍ୟ କରିଦେବା ପାଇଁ ସେ ଉତ୍କଣ୍ଠିତ ହୋଇ ଅପେକ୍ଷା କରିଛନ୍ତି ବୋଲି ଶୁଣିଲି ।

"ସୈନିକମାନେ ମୋତେ ଗୋଟିଏ ବିରାଟ ହଲ୍‌କୁ ନେଇଗଲେ ମୂଲ୍ୟବାନ୍ ପୋଷାକ ପରିହିତ ତାମ୍ରକାୟ ସୈନ୍ୟମାନେ ସମ୍ମାନ ସହକାରେ ମୋତେ ବେଷ୍ଟନ କରିଥିଲେ ଓ ଅନେକ ଉଚ୍ଚ କର୍ମଚାରୀ ଛିଡ଼ାହୋଇ ମୋତେ ଅଭ୍ୟର୍ଥନା ଜଣାଇଥିଲେ । ସେମାନଙ୍କର ପୋଷାକରେ ଉଜ୍ଜ୍ୱଳ ମଣିମାଣିକ୍ୟ ଖଚିତ ଥିଲା ।

"ରାଜା ସାହେବ ଗୋଟିଏ ସୁସଜ୍ଜିତ ଆସନରେ ବସି ମୋତେ ଅପେକ୍ଷା କରୁଥିଲେ । ତାଙ୍କର ଉଜ୍ଜ୍ୱଳ ପୋଷାକ ଉପରେ ଯେଉଁସବୁ ରତ୍ନ ଖଚିତ ହୋଇଥିଲା ତାହାର ମୂଲ୍ୟ ପନ୍ଦର କୋଡ଼ିଏ ଲକ୍ଷ ଟଙ୍କାରୁ ଊଣା ହେବନାହିଁ । ମସ୍ତକ ଉପରେ ସେ ଯେଉଁ ପଗଡ଼ିଟି ପିନ୍ଧିଥିଲେ ସେଥିରେ ଗୋଟିଏ ହୀରା ଝଞ୍ଜା ଯାଇଥିଲା । ଏଇଟି ପୁରୁଷାନୁକ୍ରମେ ରାଜାମାନଙ୍କର ମସ୍ତକ ମଣ୍ଡନ କରିଆସିଅଛି ।

"ତାଙ୍କର ବୟସ ପ୍ରାୟ ପଚଶ ବର୍ଷ ହେବ । ବିଶୁଦ୍ଧ ହିନ୍ଦୁ ଜାତିରେ ତାଙ୍କର ଜନ୍ମ ହୋଇଥିଲେହେଁ, ତାଙ୍କଠାରେ କିଛି ନିଗ୍ରୋ ରକ୍ତ ଥିବାର ମୁଁ ଅନୁମାନ କଲି । ଓଠ ଯୋଡ଼ିକ ମୋଟା, କପାଳ ଟିକିଏ ନୀଚ ଓ ଦାଢ଼ି କୁଞ୍ଚିତ । ଅନେକ ସମୟରେ ସେ

Digitized by srujanika@gmail.com

ଅସ୍ୱାଭାବିକ ଭାବରେ ହସି ମୁକ୍ତାଭଳି ଶୁଭ୍ର ଦନ୍ତପନ୍ତି ଦେଖାଉ-ଥିଲେ । ମୋତେ ଦେଖିଲାମାତ୍ରେ ସେ ଆସନରୁ ଉଠିପଡ଼ିଲେ ଓ ସାହେବୀ ଧରଣରେ କରମର୍ଦ୍ଦନ କରିବାକୁ ହାତ ବଢ଼ାଇ-ଦେଲେ । ସେ ମୋତେ ନେଇ ଆସନରେ ତାଙ୍କ ପାଖରେ ବସାଇଲେ । ଆସନଟି ଉଚ୍ଚ ଥିବାରୁ ମୋର ପାଦ ତଳେ ଲାଗୁ ନଥିଲା ଓ ମୁଁ ଅସୁବିଧା ବୋଧ କରୁଥିଲି ।

"ସଙ୍ଗେ ସଙ୍ଗେ ରାଜା ସାହେବ ପ୍ରସ୍ତାବ କଲେ—କାଲି ବାଘ ଶିକାରକୁ ଯିବା । ମୁଁ ଜାଣିପାରିଲି ଶିକାର ଓ ଯୁଦ୍ଧ ଏ ଦୁଇଟି ଥିଲା ତାଙ୍କର ବ୍ୟବସାୟ । ଏହାଛଡ଼ା ଆଉ କିଛି ଯେ ରାଜାଙ୍କର କର୍ତ୍ତବ୍ୟ ହୋଇପାରେ ତାହା ତାଙ୍କର ଧାରଣା ନ ଥିଲା । ସେ ଭାବିଥିଲେ ଯେ, କେବଳ ତାଙ୍କୁ ଆମୋଦ ଦେବାପାଇଁ ଓ ତାଙ୍କ ସହିତ ଆନନ୍ଦ ଉପଭୋଗ କରିବା ପାଇଁ ସାତ ସମୁଦ୍ର ତେର ନଈ ପାର ହୋଇ ମୁଁ ଆସିଛି ।

"ମୋର କାର୍ଯ୍ୟ ପାଇଁ ସେହି ରାଜାଙ୍କର ସାହାଯ୍ୟ ଦରକାର ଥିଲା; ତେଣୁ ମୁଁ ତାଙ୍କ ରୁଚି ଅନୁସାରେ ଚଳିବାକୁ ଉଚିତ ମନେ କରିଥିଲି । ସେ ମୋ ଉପରେ ଏତେ ସନ୍ତୁଷ୍ଟ ହୋଇଗଲେ ଯେ, ତାଙ୍କର ବୀରମାନଙ୍କର ମୁଷ୍ଟିଯୁଦ୍ଧ ଦେଖିବାପାଇଁ ମୋତେ ଆମନ୍ତ୍ରଣ ଜଣାଇଲେ । ମୋତେ ସଙ୍ଗରେ ନେଇ ସେ ରାଜପ୍ରାସାଦର ଗୋଟିଏ ଅଗଣାକୁ ଚାଲିଲେ ।

"ରାଜା ସାହେବଙ୍କ ଆଦେଶରେ ଦୁଇ ଜଣ ଯୁବକ ମୁଷ୍ଟି-ଯୁଦ୍ଧ କରିବାକୁ ବାହାରି ପଡ଼ିଲେ । ସେମାନଙ୍କ ଦେହରେ କୋପୀନ ଛଡ଼ା ଅନ୍ୟ କିଛି ଆଚ୍ଛାଦନ ନଥିଲା । ସେମାନଙ୍କ ଅଙ୍ଗୁଳିରେ ଲୌହ ନିର୍ମିତ ବାଘନଖ ରହିଥିଲା । ସେ ଦୁହେଁ ପରସ୍ପରକୁ ଆକ୍ରମଣ କଲାବେଳେ ବାଘନଖ ଦ୍ୱାରା ସେମାନଙ୍କର ଦେହ ଚିରି ହୋଇ ଧାର ଧାର ରକ୍ତ ବୋହୁଥିଲା । କିଛି ସମୟ

Digitized by srujanika@gmail.com

ଭିତରେ ଦୁହିଁଙ୍କର ଦେହ ରକ୍ତରେ ବୁଡ଼ିଗଲା । ଜଣକର ଗାଲ ଦୁଇଫାଳ ହୋଇଗଲା ଓ ଅପର ଜଣକର ଗୋଟିଏ କାନ ତିନିଖଣ୍ଡ ହୋଇଗଲା ।

"ରାଜା ସାହେବ ଏକ ମନରେ ଏହି ବିଭତ୍ସ ଦୃଶ୍ୟ ଦେଖି ଏକ ପ୍ରକାର ହିଂସ୍ର ଆନନ୍ଦ ଉପଭୋଗ କରୁଥିଲେ ଓ ବେଳେ ବେଳେ ଚିତ୍କାର କରୁଥିଲେ, ମାର୍, 'ଆହୁରି ଜୋରରେ ମାର୍ ।'

ଶେଷରେ ଜଣେ ଅଚେତ ହୋଇ ତଳେ ପଡ଼ିଗଲା । କେତେ ଜଣ ଲୋକ ତାକୁ ଟେକି ନେଇ ଗଲେ । ଏତେ ଶୀଘ୍ର ମୁଷ୍ଟିଯୁଦ୍ଧ ଶେଷ ହୋଇଗଲା ବୋଲି ରାଜାସାହେବ ଦୁଃଖ ପ୍ରକାଶ କରି ମୋତେ ଏହା ସମ୍ବନ୍ଧରେ ମୋର ମତ ପଚାରିଲେ । ବାସ୍ତବରେ ମୁଁ ନିତାନ୍ତ ବିରକ୍ତ ହୋଇଥିଲି କିନ୍ତୁ ବାହାରକୁ ସେ ପ୍ରକାର ମନୋଭାବ ପ୍ରକାଶ ନକରି ଆନନ୍ଦିତ ହୋଇଥିବାର ଜଣାଇଲି ଓ ରାଜା ସାହେବଙ୍କୁ ଧନ୍ୟବାଦ ଦେଲି । ଏହାପରେ ରାଜା ଆଦେଶ ଦେଲେ—ଏ ବନ୍ଧୁଙ୍କୁ ନେଇ କୁଟମହଲରେ ରଖାଇବ ।

"କୁଟମହଲ ପ୍ରାସାଦଟି ରାଜୋଦ୍ୟାନର ଏକ ପ୍ରାନ୍ତରେ ଅବସ୍ଥିତ; ଏହାର ଗୋଟିଏ ପ୍ରାଚୀର ବିହାର ହ୍ରଦ ମଧ୍ୟରେ ନିର୍ମିତ ହୋଇଥିଲା । ପ୍ରାସାଦଟି ଚତୁଷ୍କୋଣାକାର । ଏଥିରେ ତିନି ଧାଡ଼ି ଘର ଥିଲା । ବାରଣ୍ଡାମାନଙ୍କରେ ନାନା କାରୁକାର୍ଯ୍ୟ-ଖୋଦିତ ସ୍ତମ୍ଭମାନ ଶୋଭା ପାଉଥିଲା । ହତାର ଚାରିକୋଣରେ ଉଚ୍ଚ ଗମ୍ବୁଜମାନ ରହିଥିଲା । ସ୍ଥାନେ ସ୍ଥାନେ ଦୁଇଟି ଲେଖାଏଁ ଅଲ୍ପୋଚ୍ଚ ଗମ୍ବୁଜ ଥିଲା । ଭାରତୀୟ ସ୍ଥାପତ୍ୟର ଉତ୍କର୍ଷ ମୁଁ ଏଇ-ଠାରେ ଦେଖିବାକୁ ପାଇଲି ।

"ସମଗ୍ର ପ୍ରାସାଦଟି ମୂଳଠାରୁ ଚୂଳ ପର୍ଯ୍ୟନ୍ତ ବିବିଧ କାରୁ-କାର୍ଯ୍ୟରେ ବିମଣ୍ଡିତ ହୋଇଥିଲା । ସେଥିରେ ଭାରତୀୟମାନଙ୍କର

Digitized by srujanika@gmail.com

ଖାଣ୍ଡମାନ୍ତ, ଆଗ୍ରର ବ୍ୟବହାର ସୁନ୍ଦରଭାବରେ ପଥର ଦେହରେ ପ୍ରତିଫଳିତ କରାଯାଇଥିଲା ।”

“ଝରକାଗୁଡ଼ିକ ବଗିଚାଆଡ଼କୁ ଥିଲା । ଘରର ମେଜଆ ମାର୍ବଲ ପଥରରେ ତିଆରି ହୋଇଥିଲା ଓ ସେଥିରେ ନାନାରଙ୍ଗର ରତ୍ନ ଖଚିତ ହୋଇ ପତ୍ରଫୁଲ ପ୍ରଭୃତିର ନକ୍‌ସା କରାଯାଇଥିଲା ।

“ମୁଁ ନିତ୍ୟକର୍ମ ଶେଷ ନ କରୁଣୁ ହରିପଦ ନାମକ ଜଣେ ଉଚ୍ଚ ରାଜକର୍ମଚାରୀ ଆସି ମୋତେ ଜଣାଇଲା––ହଜୁର୍, ରାଜା-ସାହେବ ଆପଣଙ୍କ ସାକ୍ଷାତକୁ ଆସୁଅଛନ୍ତି ।

“ରାଜା ଆସି ମୋ ସହିତ କରମର୍ଦ୍ଦନ କରି ଗଳ୍ପ କରିବାକୁ ଲାଗିଲେ । ସେ ଶତ ଶତ ବିଷୟ କହିଲେ ଓ ପ୍ରତ୍ୟେକ ବିଷୟରେ ମୋର ମତ ପଚାରିଲେ । ଏହାଫଳରେ ମୋତେ ବଡ଼ ଅସୁବିଧାରେ ପଡ଼ିବାକୁ ହୋଇଥିଲା । ଏହାପରେ ରାଜାସାହେବ ଉଦ୍ୟାନର ଅପର ପ୍ରାନ୍ତସ୍ଥିତ ପୁରାତନ ପ୍ରାସାଦ ଦେଖାଇବାକୁ ଡାକିଲେ ।

“ପୁରାତନ ପ୍ରସାଦଟିକୁ ପ୍ରସ୍ତର ନିର୍ମିତ ଗୋଟିଏ ଜଙ୍ଗଲ କହିଲେ ଚଳିବ । ଏଠାରେ କୌଣସି ଘର ଦେଖିବାକୁ ମିଳିଲା ନାହିଁ । ବହୁ ସଂଖ୍ୟକ ହନୁମାନ ଏହି—‘ପ୍ରାଚୀନ ପ୍ରାସାଦ’ରେ ବାସ କରୁଥିଲେ । ଆମମାନଙ୍କୁ ଦେଖି ଅଣ୍ଡିରାମାଙ୍କଡ଼ମାନେ ମୁଖ ବିକୃତ ଦେଖାଇ ଭଙ୍ଗା ପାଚେରୀ ଉପରକୁ ପଳାଇଲେ । ମାଈ ମାଙ୍କଡ଼ମାନେ ପିଲାମାନଙ୍କୁ ପେଟତଳେ ଜାକି ଦୂରକୁ ଦଉଡ଼ି-ଗଲେ । ରାଜାସାହେବ ମାଙ୍କଡ଼ମାନଙ୍କୁ ଦେଖି ଏତେ ଖୁସି ହୋଇଗଲେ ଯେ ମୋର ହାତକୁ ଟିକିଏ ଚିମୁଟି ଦେଇ ସେମାନଙ୍କ ଆଡ଼କୁ ମୋର ଦୃଷ୍ଟି ଆକର୍ଷଣ କଲେ । ଆମେ ସେହି ପଥର ଗଦାରେ ବସିଗଲୁ । ଏଣେ ମାଙ୍କଡ଼ମାନେ ପାଚେରୀ ଉପରେ ଓ ଅନ୍ୟାନ୍ୟ ଉଚ୍ଚ ସ୍ଥାନରେ ବସି ଆମକୁ ଦାନ୍ତ ଦେଖାଇ, ମୁଁହ ଉଞ୍ଚାଇ ବିଦ୍ରୂପ କରିବାକୁ ଲାଗିଲେ ।

Digitized by srujanika@gmail.com

"ଗୋଟାଏ ଦିନ ଭିତରେ ରାଜା ମୋତେ ଏତେ କଥା ଦେଖାଇ ପାରିଥିବାରୁ ମନେ ମନେ ଆତ୍ମ ସନ୍ତୋଷ ଲାଭ କରି ଉଠିଲେ । ମୁଁ ତାଙ୍କ ପାଖେ ପାଖେ ଚାଲିଲି । ବାଟରେ ସେ ପୁଣି ସ୍ମରଣ କରାଇ ଦେଲେ—କାଲି ଆପଣଙ୍କ ସମ୍ମାନ ଉଦ୍ଦେଶ୍ୟରେ ଗୋଟାଏ ବାଘ ଶିକାର ହେବ ।

"ଗୋଟାଏ ଦିନ ନୁହେଁ, ପ୍ରାୟ ପ୍ରତିଦିନ ଶିକାର ହୁଏ । ମୁଁ କୋଡ଼ିଏ ପଚିଶଟା ଶିକାରରେ ଯୋଗ ଦେଇଥିବି । ରାଜ୍ୟରେ ଯେତେ ଜନ୍ତୁ ଥିଲେ—ବାଘ, ଚିତାବାଘ, ଭାଲୁ, ହାତୀ, ହରିଣ, ସମ୍ବର, କୁମ୍ଭୀର—ସବୁଜାତି ଜୀବଙ୍କୁ ଶିକାର କରାଗଲା । ଅଯଥା ଏତେ ଜୀବଙ୍କୁ ବଧ କରିବା ମୋତେ ଆଦୌ ଭଲ ଲାଗୁ ନଥାଏ; ବିରକ୍ତି ଆସୁଥାଏ ।

"ଅବଶେଷରେ ରାଜାସାହେବଙ୍କର ଶିକାର ପ୍ରତି ଉତ୍ସାହ ଟିକିଏ କମି ଆସିଲା । ମୁଁ ବିଶେଷ ଅନୁରୋଧ କଲି—ମୋର ଟିକିଏ ବିଶ୍ରାମ ଦରକାର । ମୋତେ ଆଉ ଉତ୍କରା ହେଲା ନାହିଁ କିନ୍ତୁ ରାଜା ସାହେବ ମୋ ପାଖକୁ ବହୁମୂଲ୍ୟ ଉପହାରମାନ ପଠାଇ ସନ୍ତୁଷ୍ଟ ରହିଲେ । ନାନାବିଧ ମଣିମୁକ୍ତା, ସୁନ୍ଦର ଘୋଡ଼ା, ହରିଣ ଚିତ୍ରିତ ଆଣି ହରପଦ ରାଜାଙ୍କ ତରଫରୁ ମୋତେ ସମ୍ମାନ ସହ ଉପହାର ଦେଉଥିଲେ, କିନ୍ତୁ ବୋଧହୁଏ ସେ ମନେ ମନେ ମୋତେ ଘୃଣା କରୁଥିଲେ ।

ପ୍ରତିଦିନ ଦଳେ ଚାକର ବଡ଼ ବଡ଼ ଥାଳରେ ରାଜାଙ୍କ ଉଆସରୁ ଖାନା ଆଣି କୁଠି ମହଲରେ ଦେଇ ଯାଉଥିଲେ । ମୋର ଆମୋଦ ପାଇଁ ପ୍ରତିଦିନ କିଛି ନା କିଛି ବ୍ୟବସ୍ଥା କରାଯାଉଥିଲା । କେଉଁଦିନ ନାଚ, କେଉଁଦିନ ବାଜିବାଜି, କେଉଁଦିନ ସୈନ୍ୟମାନଙ୍କର କୁଚ କାବାଜ । ରାଜା ସାହେବଙ୍କୁ ଖୁସି କରିବା ପାଇଁ ମୁଁ ଏ ସବୁରେ ଯୋଗ ଦେଇ ଆନନ୍ଦ ପ୍ରକାଶ

Digitized by srujanika@gmail.com

କରୁଥିଲି । ମୁଁ ବୁଝିପାରୁଥିଲି—ରାଜାସାହେବ ତାଙ୍କ ରାଜ୍ୟର ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ, ଗୌରବ ଦେଖାଇବାକୁ ଚାହାନ୍ତି; ମୁଁ ତାଙ୍କ ମନରେ କଷ୍ଟ ଦେବାକୁ ଯିବି କାହିଁକି ?

"ସମୟ ମିଳିଲେ ମୁଁ ମୋର କାମ କରୁଥିଲି କିମ୍ବା ପୁରାତନ ପ୍ରାସାଦକୁ ଯାଇ ମାର୍କଡ଼ମାନଙ୍କୁ ଦେଖୁଥିଲି । ସତ କହିବାକୁ ଗଲେ ରାଜାସାହେବଙ୍କ ସଙ୍ଗ ଅପେକ୍ଷା ଏହିମାନଙ୍କର ସଙ୍ଗ ମୋତେ ଆହୁରି ଭଲ ଲାଗୁଥିଲା ।

"ଦିନେ ସନ୍ଧ୍ୟା ସମୟରେ ମୁଁ କୁଠି ମହଲକୁ ଫେରିଲା ବେଳକୁ ଦେଖିଲି ହରିପଦ ଫାଟକ ନିକଟରେ ଛିଡ଼ା ହୋଇଛନ୍ତି । ସେ ଚୁପ୍ ଚୁପ୍ କରି କହିଲେ, 'ରାଜାସାହେବଙ୍କର ଗୋଟିଏ ଉପହାର ଆପଣଙ୍କ ଘରେ ଆପଣଙ୍କୁ ଅପେକ୍ଷାକରି ରହିଛି । ଏତେ ଦିନ ହେଲା ଏପରି ଉପହାରଟିର କଥା ଭୁଲି ଯାଇଥିବାରୁ ମହାରାଜ ଦୁଃଖିତ । କାରଣ ଏତେ ଦିନ ହେଲା ଆପଣ ସେ ବସ୍ତୁରୁ ବଞ୍ଚିତ ଅଛନ୍ତି ।'

"ହରିପଦଙ୍କ କଥାର ମର୍ମ ମୁଁ ଠିକ୍ ବୁଝି ପାରିଲି ନାହିଁ । ଏପରି କି ଉପହାର ହୋଇପାରେ ?

"ଘର ଭିତରକୁ ଯାଇ ଦେଖିଲି, ଛଅଟି ଝିଅ ପିଲା କାନ୍ଥକୁ ଲାଗି ଧାଡ଼ି ବାନ୍ଧି ଛିଡ଼ା ହୋଇଅଛନ୍ତି । ସବୁଠାରୁ ବଡ଼ଟିର ବୟସ ଦଶବର୍ଷ ଓ ସବୁଠାରୁ ସାନଟିର ବୟସ ଆଠବର୍ଷ ହେବ । ମୋ ଘର ଭିତରେ ହଠାତ୍ ଏ ବାଳିକା ସ୍କୁଲ ବସିଲା କାହିଁକି ? ମୁଁ ପ୍ରଥମେ କିଛି ବୁଝି ପାରିଲା ନାହିଁ । ବହୁତ ଭାବି ଚିନ୍ତି ଓ ହରିପଦଙ୍କର କଥାର ବିଶ୍ଳେଷଣ କରି ଜାଣିଲି ଯେ ରାଜା ସାହେବ ମୋତେ ଗୋଟିଏ ହାରେମ ଉପହାର ଦେଇ ଅଛନ୍ତି । × ×

"କିଛି ସମୟ ପର୍ଯ୍ୟନ୍ତ ମୁଁ ବିବ୍ରତ ଓ ଲଜ୍ଜିତ ହୋଇ ପଡ଼ିଲି । ପିଲମାନେ ମୋତେ ଚାହିଁ ରହିଥାନ୍ତି । ପ୍ରଥମେ ମୁଁ

Digitized by srujanika@gmail.com

ସେମାନଙ୍କୁ ଚାଲି ଯିବାକୁ କହିବ ବୋଲି ଭାବିଥିଲି; କିନ୍ତୁ ରାଜା ସାହେବଙ୍କ ଉପହାର ଫେରାଇ ଦେବା ତାଙ୍କ ପକ୍ଷରେ ଘୋର ଅପମାନର ବିଷୟ ହେବ ଭାବି ସେମାନଙ୍କୁ ମୋ ଘରେ ରଖିବାକୁ ସ୍ଥିର କଲି ।

"ପିଲମାନେ ମୋର ଆଦେଶ ଶୁଣିବାକୁ ଅପେକ୍ଷା କରି ମୋତେ ଚାହିଁ ରହିଥିଲେ । ଏମାନଙ୍କୁ ମୁଁ ବା କି ଆଦେଶ ଦେବି ? ଶେଷରେ ସବୁଠାରୁ ବଡ଼ ପିଲାକୁ ପଚାରିଲି, "ତୋର ନ.ମ କଅଣ ?'

ସେ ଉତ୍ତର କଲା, 'ମୋର ନାମ ଚେଲି ।'

"ଏହି ପିଲାଟିର ବର୍ଣ୍ଣ ଈଷତ୍ ହରିଦ୍ରାବର୍ଣ୍ଣ, ହାତୀ ଦାନ୍ତର ବର୍ଣ୍ଣ ପରି । ଅତି ସୁନ୍ଦରୀ; ଗୋଟିଏ କାଗଜର ହାତର ସୁନ୍ଦର ପ୍ରତିମା ପରି ଦିଶୁଥାଏ । ପୁଣି ମୁଁ ପଚାରିଲି; 'ତୁ ଏଠାକୁ କାହିଁକି ଆସିଛୁ ?'

"ତାର କୋମଳ ମଧୁର ସ୍ୱରରେ ସେ ଉତ୍ତର ଦେଲା, 'ହଜୁର ମୋତେ ଯେଉଁ ଆଦେଶ ଦେବେ ମୁଁ ତାହା କରିବା ପାଇଁ ଆସିଛି ।'

"ସବା ସାନ ପିଲାଟିକୁ ସେହି ପ୍ରଶ୍ନ ପଚାରିବାରୁ ସେ ଠିକ ସେହିପରି ଉତ୍ତର ଦେଲା ।

"ଏହି ପିଲାଟି ଭୟାନକ ଜଣା ପଡ଼ୁଥିଲା । ମୁଁ ତାକୁ କୋଳକୁ ଟେକି ନେଇ ଚୁମ୍ବନ ଦେଲି ।

"ଅନ୍ୟ ପିଲମାନେ ଏହା ଦେଖି ଚାଲିଯିବାକୁ ବସିଥିଲେ । କିନ୍ତୁ ମୁଁ ସେମାନଙ୍କୁ ଯିବାକୁ ମନା କରିଦେଇ ସମସ୍ତଙ୍କୁ ମେଜଆରେ ମୋ ଚାରିପାଖେ ବସାଇଲି ଏବଂ ସେମାନଙ୍କୁ ଗପସପ କହିବାକୁ ଲାଗିଲି । ଏଥି ମଧ୍ୟରେ ମୁଁ ଅନେକ ପରିମାଣରେ ସେମାନଙ୍କର ଭାଷା ଶିଖିଯାଇଥିଲି । ତେଣୁ କିଛି ଅସୁବିଧା

Digitized by srujanika@gmail.com

ହେଲନାହିଁ । ଗତ ସପ୍ତାହ ପରେ ମୁଁ ମୋର ଗୃହର ଲୋକମାନଙ୍କୁ ତାଙ୍କ ପିଲାମାନଙ୍କ ପାଇଁ ମିଠେଇ ଆଣିବାକୁ କହିଲି । ସମସ୍ତେ ଯଥେଷ୍ଟ ମିଠେଇ ଖାଇ ସନ୍ତୁଷ୍ଟ ହେଲେ । ତାହା ପରେ ମୁଁ ସେମାନଙ୍କ ପାଇଁ କେତେକ ଖେଳର ବ୍ୟବସ୍ଥା କଲି । ସେମାନେ ଏହି ଖେଳରେ ଖୁବ୍ ଆନନ୍ଦିତ ହେଲେ ।

"ମୋର ଏହି ହାରେମର ତତ୍ତ୍ୱ ନେବାପାଇଁ ରାଜାସାହେବ ଚାରିଜଣ ଗୃହରକ୍ଷୀ ପଠାଇଥିଲେ । ରାତିରେ ସେମାନଙ୍କ ଶୋଇବା ପାଇଁ ବନ୍ଦୋବସ୍ତ କରିଦେଲି । ଗୃହରକ୍ଷୀମାନେ ସେମାନଙ୍କୁ ରାତିରେ ଜଗି ରହିଲେ ।

"ଏହି ପିଲାଗୁଡ଼ିକଙ୍କ ପ୍ରତି ମୋର ସନ୍ତାନ ସ୍ନେହ ଆସିଗଲା । ସପ୍ତାହକ ପରେ ସେମାନଙ୍କ ସହିତ ସମୟ କଟାଇବାରେ ମୁଁ ଯଥେଷ୍ଟ ଆନନ୍ଦ ଅନୁଭବ କଲି । ମୁଁ ସେମାନଙ୍କ ସହିତ ଲୁଚକାଳି ପ୍ରଭୃତି ନାନା ରକମର ଖେଳ ଖେଳୁଥିଲି । ପ୍ରତିଦିନ ମୁଁ ଗୋଟାଏ କିଛି ନୂଆ ଖେଳ ଶିଖାଉଥାଏଁ ।

"ମୋ ଘରଟି ଗୋଟିଏ ସୁନ୍ଦର ଶିଶୁ ବିଦ୍ୟାଳୟ ପରି ହୋଇଗଲା । ସୁନା ରୂପାର ଜରିକାମ ଥିବା ରଙ୍ଗୀନ ରେଶମ ପୋଷାକ ପିନ୍ଧି ପିଲାଗୁଡ଼ିକ ଖେଳୁଥିବାବେଳେ ମୁଁ ଅତ୍ୟନ୍ତ ଆନନ୍ଦିତ ହେଉଥିଲି ।

"ଚେଲି ଅତି ଧୀର ପ୍ରକୃତିର ପିଲା । କ୍ରମେ ସେ ମୋତେ ଖୁବ୍ ଭଲ ପାଇବାକୁ ଲାଗିଲା । ବେଳେବେଳେ ସେ ଲଜ୍ଜା ପ୍ରକାଶ କରୁଥିଲା । ହୁଏ ତ ଇଉରୋପୀୟମାନଙ୍କ ସ୍ୱଭାବ ବିଷୟରେ ତାର ସନ୍ଦେହ ଥିଲା । ମୁଁ ତାକୁ ଠିକ୍ ପିତା ପରି ସ୍ନେହ କରୁଥିଲି ।

"ମୁଁ ରାଜାସାହେବଙ୍କ ପାଖକୁ ଯାଉଥିବା ଛଡ଼ା ଅନ୍ୟ ସବୁ ସମୟରେ ଚେଲି ମୋର ପାଖେ ପାଖେ ରହୁଥିଲା । ଅନେକ ସମୟରେ ମୁଁ ତାକୁ ସଙ୍ଗରେ ନେଇ ପୁରାତନ ପ୍ରାସାଦକୁ

Digitized by srujanika@gmail.com

ଯାଉଥିଲି । ଧ୍ୱଂସସ୍ତୂପ ମଧ୍ୟରେ ବସି ଆମେ ଦୁହେଁ ମାଙ୍କଡ଼ମାନଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦ ଉପଭୋଗ କରୁଥିଲୁ ।

"ଏବେ ମୁଁ ଗୋଟିଏ ବଡ଼ ପିତ୍ତଳ ଥାଳରେ ମିଠେଇ, ଫଳ ପ୍ରଭୃତି ଖାଦ୍ୟ ଦ୍ରବ୍ୟ ଅଣାଇଥିଲି । ମାଙ୍କଡ଼ମାନେ ତାହା ଦେଖି ଛୁଆମାନଙ୍କ ସହିତ ମୋର ନିକଟକୁ ଆସିଲେ । ସେମାନେ ଆମକୁ ବେଢ଼ି ଗୃହପାଖେ ବସିଲେ । ଶେଷକୁ ଗୋଟିଏ ବଡ଼ ମାଙ୍କଡ଼ ମୋର ଖୁବ୍ ନିକଟକୁ ଆସି ଭିଖାରୀ ଭଳି ମାଗିଲା ପରି ତାର ହାତଟି ବଢ଼ାଇଦେଲା । ମୁଁ ତା ହାତରେ ଗୋଟିଏ ମିଠେଇ ଦେଲି । କିନ୍ତୁ ସେ ତାହା ନ ଖାଇ ତାକୁ ନେଇ ତାର ଭାରିଯାକୁ ଦେଲା । ଅନ୍ୟ ମାଙ୍କଡ଼ମାନେ ଏଥିରେ ଅସନ୍ତୁଷ୍ଟ ହୋଇ ଚିତ୍କାର କଲେ । ସେମାନଙ୍କୁ ଶାନ୍ତ କରିବା ପାଇଁ ମୁଁ ପ୍ରତ୍ୟେକଙ୍କ ପାଖକୁ ଫଳ ବା ମିଠେଇ ପକାଇ ଦେଲି ।

"ଏହି ସ୍ଥାନଟି ନିର୍ଜନ ଓ ସୁବିଧାଜନକ ହୋଇଥିବାରୁ ମୁଁ ମୋର ଯନ୍ତ୍ରପାତି ସେଠାକୁ ଅଣାଇ କାର୍ଯ୍ୟ କରୁଥିଲି । ସେଥିରେ ଲାଗିଥିବା ଚକଚକିଆ ତମ୍ବାର ଅଂଶକୁ ଦେଖି ମାଙ୍କଡ଼ମାନେ ଭୟ କରି ପଳାଇ ଯାଉଥିଲେ । ବୋଧହୁଏ ସେମାନେ ଏହାକୁ ବନ୍ଧୁକ ଭଳି କୌଣସି ମାରାତ୍ମକ ଅସ୍ତ୍ର ବୋଲି ମନେ କରିଥିଲେ ।

"ବିହାର ହ୍ରଦ ପାଖରେ ଗୋଟିଏ ପ୍ରସ୍ତର ନିର୍ମିତ ଆସନ ଥିଲା । ସନ୍ଧ୍ୟାବେଳକୁ ମୁଁ ଚେଲିକୁ ନେଇ ସେହି ଆସନ ଉପରେ ବସୁଥିଲି । ଆକାଶରେ ଚନ୍ଦ୍ର; ମେଘଖଣ୍ଡ ଭାସିଗଲେ ଚନ୍ଦ୍ର ଭାସିଗଲା ପରି ହୁଏ । ତାର ପ୍ରତିବିମ୍ବ ହ୍ରଦ ଉପରେ ପଡ଼ି ଆମ ମନକୁ ମୁଗ୍ଧ କରିଦିଏ । ଚେଲି ଆନନ୍ଦରେ ତାର ମୁଣ୍ଡକୁ ମୋ କୋଳରେ ଛୁଇଁଦିଏ । ତାର କପାଳରେ ମୁଁ ଚୁମ୍ବନ ଆଙ୍କି-ଦିଏ । ମୁଁ ଚିନ୍ତାକରେ—ଏହି ବାଳକାଟି ହେଉଛି ଗୋଟାଏ

Digitized by srujanika@gmail.com

ବିରାଟ ଗୌରବମୟ ଜାତିର ପ୍ରତୀକ ଓ ଏହି ଜାତିରୁ ଅନ୍ୟ ସବୁ ଜାତିର ଉତ୍ପତ୍ତି ।

"ଏଣେ ରାଜାଙ୍କର ମୋ ପାଖକୁ ଉପହାର ପଠାଇବାର ବିରାମ ନଥାଏ । ଦିନେ ସେ ମୋ ପାଖକୁ ଗୋଟିଏ ସାମାନ୍ୟ ଜିନିଷ ପଠାଇଥିଲେ । ଏପରି ଜିନିଷ ଯେ ରାଜାସାହେବଙ୍କଠାରୁ ଉପହାର ସ୍ୱରୂପ ଆସିବ ମୁଁ ଆଶା କରିପାରି ନଥିଲି । କିନ୍ତୁ ତାହା ଚେଲିର ଶିଶୁ ଅନ୍ତରରେ ଗଭୀର ଆନନ୍ଦ ଓ ବିସ୍ମୟ ସୃଷ୍ଟି କରିଥିଲା । ସେ ଏହାର ଖୁବ୍ ପ୍ରଶଂସା କରିଥିଲା । ଜିନିଷଟି ଆଉ କିଛି ନୁହେଁ; ଗୋଟିଏ କାଗଜ ପଟାରେ ତିଆରି ଗ୍ଲେଟ ବାକ୍ସ । ତାହା ଉପରେ ଗୁଡ଼ିଏ କଉଡ଼ି ଖଞ୍ଜା ଯାଇଥିଲା । ଏଭଳି ଜିନିଷ ସାମାନ୍ୟ ଦୁଇ ଚାରିଅଣା ମୂଲ୍ୟରେ ସମୁଦ୍ରତୀରବର୍ତ୍ତୀ ଯେ କୌଣସି ବନ୍ଦରରେ ମିଳିପାରେ । କିନ୍ତୁ ମଧ୍ୟ ଭାରତର ସେହି ଅରଣ୍ୟମୟ ରାଜ୍ୟରେ ଏହାର ମୂଲ୍ୟ ହୀରା ମାଳାଠାରୁ ମଧ୍ୟ ଅଧିକ । ଏଇ ଗୋଟିକ ମାତ୍ର କୌଣସି ପ୍ରକାରରେ ରାଜାସାହେବଙ୍କର ହସ୍ତଗତ ହୋଇଥିଲା ଓ ସେ ତାହାକୁ ଉପହାର ସ୍ୱରୂପ ପଠାଇଥିଲେ । ବୋଧହୁଏ ସେ ଏହାକୁ ତାଙ୍କର ଶ୍ରେଷ୍ଠ ଉପହାର ମନେ କରିଥିବେ । ମୁଁ ତାକୁ ନେଇ ଗୋଟିଏ ଟେବୁଲ ଉପରେ ରଖିଦେଲି ।

"ମୁଁ ଏହି ବାକ୍ସ ବିଷୟରେ ଆଦୌ ଭାବୁ ନଥିଲି । କିନ୍ତୁ ଚେଲି ଗମ୍ଭୀର ମନୋଯୋଗ ସହକାରେ ଏହାକୁ ଚାହିଁ ରହୁଥିଲା । ସେ ମୁଗ୍ଧ ହୋଇ ଏହାର ପ୍ରଶଂସା କରୁଥିଲା । ବେଳେବେଳେ ସେ ତା ଉପରେ ହାତ ମାରିବାକୁ ମୋର ଅନୁମତି ମାଗୁଥିଲା । ମୁଁ ଏଭଳି ଅନୁମତି ଦେବାରେ ଆଦୌ କୁଣ୍ଠିତ ହେଉ ନଥିଲି । ବାକସ ଉପରେ ହାତ ମାରିଲେ ତାର ଯେଉଁ ଅପୂର୍ବ ଆନନ୍ଦ ହେଉଥିଲା, ତାହା ବର୍ଣ୍ଣନା କରିବା ଅସମ୍ଭବ ।

Digitized by srujanika@gmail.com

"ଯାହା ହେଉ; କେତେକ ଦିନ ପରେ ମୋର ଗବେଷଣା କାର୍ଯ୍ୟ ଶେଷ ହୋଇଗଲା । ଏବେ ମୋର ଫେରିଯିବା ସମୟ ଉପସ୍ଥିତ । ତେଲ ପ୍ରତି ମୋର ଗୋଟାଏ ସ୍ନେହ ଆସି ଯାଇଥାଏ । ଦିନେ ଦୁଇଦିନ ଅପେକ୍ଷା କଲି । କିନ୍ତୁ କାର୍ଯ୍ୟ ନଥାଇ ବସି ରହିବି କିପରି ? ଶେଷରେ ରାଜାସାହେବଙ୍କଠାରୁ ବିଦାୟ ନେଇ ଯିବାପାଇଁ ଗୋଟାଏ ଦିନ ସ୍ଥିର କଲି ।

"ରାଜାସାହେବ ମୋର ସନ୍ତୋଷ ପାଇଁ ପୁଣି କେତୋଟି ଶିକାର ଓ ମୁଷ୍ଟିଯୁଦ୍ଧର ବ୍ୟବସ୍ଥା କଲେ । ନାନା ପ୍ରକାର ଆମୋଦ ପ୍ରମୋଦର ଆୟୋଜନ ହେଲା । ଏହିପରି ପନ୍ଦର ଦିନ କଟିବା ପରେ ମୁଁ ରାଜା ସାହେବଙ୍କୁ ଜଣାଇ ଦେଲି ଯେ ଆଉ ରହିପାରିବା ମୋ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ମୋତେ ବିଦାୟ ନେବାକୁ ହେବ ।

"ରାଜାଙ୍କ ପାଖରୁ ବିଦାୟ ନେବା ଅପେକ୍ଷା ତେଲଠାରୁ ବିଦାୟ ନେବା ମୋ ପକ୍ଷରେ ଅଧିକ କରୁଣ ଓ ହୃଦୟ ବିଦାରକ ହୋଇଥିଲା । ସେ ମୋ ଗୋଡରେ ତାର ମୁଣ୍ଡଟି ରଖି କାନ୍ଦିବାକୁ ଲାଗିଲା । ମୁଁ ତାକୁ ସାନ୍ତ୍ୱନା ଦେଇ ବାରମ୍ବାର ଚୁମ୍ବନ ଦେଲି । ଏହା ଫଳରେ ସେ ଆହୁରି କଇଁ କଇଁ ହୋଇ କାନ୍ଦିଲା ସିନା, ତାର କାନ୍ଦ ବନ୍ଦ ହେଲା ନାହିଁ ।

"ହଠାତ୍ ମୋ ମୁଣ୍ଡରୁ ଗୋଟାଏ ଉପାୟ ବାହାରିଲା । ମୁଁ ଉଠିଯାଇ ଟେବୁଲ ଉପରୁ ସେହି କଉଡ଼ ବାକ୍ସଟି ଆଣି ତା ହାତରେ ଦେଇ କହିଲି, ତେଲ, ତୁ ଏଇ ବାକ୍ସଟି ରଖ । ଏଣିକି ଏଇଟି ତୋର ହେଲା । ଏହାକୁ ଦେଖି ତୁ ମୋ କଥା ମନେ ପକାଉଥିବୁ ।

"ତେଲର କାନ୍ଦ ବନ୍ଦ ହୋଇଗଲା, ମୁଖମଣ୍ଡଳ ପ୍ରସନ୍ନ ଦେଖାଗଲା । ସେ ଆନନ୍ଦରେ ଆତ୍ମହରା ହୋଇ ମୋତେ ଭୁଣ୍ଡାଇ

Digitized by srujanika@gmail.com

ପକାଇଲି । ମୁଁ ତାହାଠାରୁ ଶେଷ ବିଦାୟ ନେଲି । ମୁଁ ତାକୁ ନିଜର ସନ୍ତାନ ଭଳି ଚୁମ୍ବନ ଦେଲି । ତାକୁ ଓ ଅନ୍ୟ ସମସ୍ତ ବାଳକାଙ୍କୁ ପ୍ରଚୁର ମିଠେଇ ଦେଇ ସନ୍ତୁଷ୍ଟ କଲି ।

"ମୁଁ ସେହି ରାଜ୍ୟକୁ ଛାଡ଼ି ସ୍ୱଦେଶକୁ ଚାଲିଗଲି ।"

× × ×

"ଦୁଇ ବର୍ଷ ପରେ ଅନ୍ୟ ଏକ କାର୍ଯ୍ୟୋପଲକ୍ଷରେ ମୋତେ ବମ୍ବେଇ ଆସିବାକୁ ହେଲା । ମୁଁ ପୂର୍ବରୁ ଭାରତବର୍ଷ ଆସି ଥିବାରୁ ଓ ଭାରତୀୟମାନଙ୍କ ଭାଷା ଜାଣି ଥିବାରୁ ସେହି କାର୍ଯ୍ୟର ଭାର ମୋ ଉପରେ ଅର୍ପିତ ହୋଇଥିଲା ।

"ନିର୍ଦ୍ଦିଷ୍ଟ ସମୟ ଅପେକ୍ଷା କମ ସମୟ ମଧ୍ୟରେ ମୋର କାର୍ଯ୍ୟ ଶେଷ ହୋଇଗଲା । ମୋର କିଛି କାମ ନଥିଲା, ଅଥଚ ସମୟ ଥିଲା । ଭାବିଲି, ଏହି ସମୟ ଭିତରେ ମୋର ପରିଚିତ ବନ୍ଧୁ ରାଜା ମଦନ ଓ ଚେଲିକୁ ଦେଖିଗଲେ ଭଲ ହେବ । ଚେଲି ଆଉ ଟିକିଏ ବଡ଼ ହୋଇ ଯାଇଥିବ ।

"ରାଜା ସାହେବ ଅତ୍ୟନ୍ତ ଆନନ୍ଦର ସହିତ ମୋତେ ଅଭ୍ୟର୍ଥନା କଲେ । ପ୍ରଥମ ଦିନ ତ ସେ ମୁହୂର୍ତ୍ତିକ ପାଇଁ ମୋତେ ତାଙ୍କ ପାଖରୁ ଛାଡ଼ିଲେ ନାହିଁ । ସେଦିନ ରାତିରେ ମୁଁ ଏକାକୀ ଥିବା ଅବସ୍ଥାରେ ହରିପଦକୁ ଡକାଇଲି । ଅନ୍ୟାନ୍ୟ ଅନେକ କଥାବାର୍ତ୍ତା ପରେ ମୁଁ ତାଙ୍କୁ ପଚାରିଲି, ଆପଣଙ୍କର ମନେଥିବ ରାଜାସାହେବ ମୋତେ ଚେଲି ବୋଲି ଗୋଟିଏ ଝିଅକୁ ଉପହାର ଦେଇଥିଲେ, ଏବେ ସେ କିପରି ଅଛି ?

"ଆଜ୍ଞା, ତା ବିଷୟରେ କିଛି ନ କହିବା ବରଂ ଭଲ ।"

Digitized by srujanika@gmail.com

'କାହିଁକି ? ପିଲାଟି ତ ଖୁବ୍ ଭଲ । ମୁଁ ତାକୁ ଭଲ ପାଉଥିଲି ।'

'ଆଜ୍ଞା, କହନ୍ତୁ ନାହିଁ । ସେ ଗୋଟାଏ ଅତି ଖରାପ କାମ କଲା ।'

'କଅଣ, ଚେଲ ଖରାପ କାମ କଲା ? ସେ ଏବେ କେଉଁଠି ଅଛି ?'

'ତାର ପରିଣାମ ବଡ଼ ଖରାପ ହେଲା ।'

'କଅଣ ହେଲା ? ସେ ମରି ଗଲାଣି ?'

'ହଁ, ସେ ଗୋଟାଏ ନିତାନ୍ତ ମନ୍ଦ କାର୍ଯ୍ୟ କରିଥିଲା ।'

"ମୋର ଗ୍ରୁତ କମ୍ପି ଉଠିଲା । ମୋର ଦୁଃଖର ସୀମା ରହିଲା ନାହିଁ । ମୁଁ ପଚାରିଲି, 'ସେ କଅଣ କରିଥିଲା ? କପରି ମଲା ?'

"ହରପଦ ମନେ ମନେ ବିରକ୍ତ ହେଲା ପରି ଜଣାଗଲା । ସେ କହିଲେ, 'ହଜୁର; ମୋତେ ସେ ବିଷୟରେ କିଛି ପଚାରନ୍ତୁ ନାହିଁ ।'

'ମାତ୍ର ମୁଁ ସେ କଥା ଜାଣିବାକୁ ଖୁବ୍ ଆଗ୍ରହୀ ।'

"ସେ ଚୋରି କରିଥିଲା······।'

'ଚେଲ : ଚେଲ ଚୋରି କରିଥିଲା ? ମୁଁ ତ ବିଶ୍ୱାସ କରି ପାରୁନାହିଁ । ସେ କ'ଣ ଚୋରି କରିଥିଲା ?'

'ଆପଣଙ୍କର ଗୋଟାଏ ଜିନିଷ ।'

'ମୋର ? ମୁଁ କିଛି ବୁଝି ପାରୁନାହିଁ ।'

"ଯେଉଁଦିନ ଆପଣ ଏଠାରୁ ବିଦାୟ ନେଇ ଯାଇଥିଲେ ସେହି ଦିନ ସେ ଆପଣଙ୍କର କଉଡ଼ିଲଗା ବାକ୍ସଟା ଚୋରି କରିଥିଲା । ସେ ବାକ୍ସଟିକୁ ରାଜାସାହେବ ଆପଣଙ୍କୁ ଉପହାର

Digitized by srujanika@gmail.com

ଦେଇଥିଲେ । ଆପଣ ଯିବାପରେ ତାହା ଚେଲ ହାତରେ ଥିବାର ଦେଖାଯାଇଥିଲା ।’

‘କିନ୍ତୁ ସେ ତ ଚୋରି କରି ନଥିଲା । ମୁଁ ନିଜେ ତାକୁ ଦେଇ ଯାଇଥିଲି ।’

“ହରିପଦ ବିସ୍ମୟରେ ମୋ ଆଡ଼କୁ କିଛି ସମୟ ଚାହିଁ ରହି କହିଲେ, ‘ହଁ, ସେ ମଧ୍ୟ ରାଣ ନିୟମ ପକାଇ କହିଲା ଯେ ଆପଣ ତାକୁ ବାକ୍‌ସଟି ଦେଇ ଯାଇଅଛନ୍ତି । କିନ୍ତୁ କେହି ତାର କଥାକୁ ବିଶ୍ୱାସ କଲେ ନାହିଁ । ରାଜା ସାହେବଙ୍କର ଉପହାର ଦ୍ରବ୍ୟକୁ ଆପଣ ଗୋଟାଏ ସାମାନ୍ୟ ଚାକରାଣୀକୁ ଦେଇ ଯାଇଥିଲେ ବୋଲି କିଏ କିପରି ଅବା ବିଶ୍ୱାସ କରିଥାନ୍ତା ? ରାଜାସାହେବ ତାର ଚୋରି ଅପରାଧର ଉପଯୁକ୍ତ ଦଣ୍ଡ ବିଧାନ କଲେ ।’

‘ତାକୁ କି ଦଣ୍ଡ ଦିଆଗଲା ?’

‘ତାକୁ ଗୋଟାଏ ଅଖାରେ ପୂରାଇ ବନ୍ଦ କରାଗଲା । ଏଇ ଘର ଝରକାବାଟେ ତାକୁ ହ୍ରଦ ଭିତରକୁ ଫିଙ୍ଗି ଦିଆଗଲା । ଏଇ ଘରୁ ସେ ଚୋରି କରିଥିଲା, ସେଇଥିପାଇଁ ଏଇ ଘରେ ତାକୁ ଦଣ୍ଡ ଦିଆଗଲା ।’

“ମୁଁ ଦୁଃଖରେ କାନ୍ଦ ପକାଇ ହରିପଦଙ୍କୁ ବିଦାୟ କରିଦେଲି । ମୋର ଅଜ୍ଞତା ହେତୁ ଗୋଟିଏ ନିରୀହ ବାଳିକାର ମୃତ୍ୟୁ ହେଲା, ଏହା ଭାବି ମୁଁ ବିଷାଦରେ, ଅନୁତାପରେ ଜର୍ଜରୀଭୂତ ହୋଇଗଲି । ହ୍ରଦ କୂଳରେ ଯେଉଁ ଆସନ ଉପରେ ମୁଁ କେତେ ସନ୍ଧ୍ୟା ଚେଲି ସହିତ କଟାଇଥିଲି, ମୁଁ ସେହି ଆସନ ଆଡ଼କୁ ଚାହିଁ ରହିଲି । ଏବେ ସେହି ବାଳିକାର ଶରୀର ହ୍ରଦ ଗର୍ଭରେ ପଡି ମାଛ ପ୍ରଭୃତି ଜଳଚର ଜୀବଙ୍କର ଆହାର ହେଉଥିବ ।’

Digitized by srujanika@gmail.com

"ଏହି ଘଟନାର ପରଦିନ ମୁଁ ରାଜାସାହେବଙ୍କ ଠାରୁ ବିଦାୟ ନେଇ ଆସିଲି । ଫେରିଯିବା ପାଇଁ ମୋର ଜିଦ୍ ଦେଖି ସେ ଟିକିଏ ବିରକ୍ତ ହୋଇଥିଲେ ।

"ହାୟ ! ଜୀବନରେ ମୁଁ ଟେଲିକୁ ଛାଡ଼ି ଅନ୍ୟ କୌଣସି ନାରୀର ପ୍ରେମରେ ପଡ଼ି ନଥିଲେ ନିଜକୁ ଧନ୍ୟ ମନେ କରିଥାନ୍ତି ।"

—o—

ଚୋର

ତାର ଜୀବନ ଦୁଃଖମୟ ଓ ଶରୀର ବିକୃତ ଥିଲା । କିନ୍ତୁ ଦିନେ ସେ ସୁଖର ଜୀବନ ଦେଖିଥିଲା; ତାର ଶରୀର ଅନ୍ୟାନ୍ୟ ଲୋକଙ୍କ ଶରୀର ପରିଥିଲା । ପନ୍ଦର ବର୍ଷ ବୟସବେଳେ ଦିନେ ବାରଭଳି ରାସ୍ତାରେ ଯାଉ ଯାଉ ଦୁର୍ଘଟଣାରେ ପଡ଼ି ସେ ତାର ଗୋଡ଼ ଦୁଇଟି ହରାଇଥିଲା । ସେହିଦିନ ଠାରୁ ଭିକ୍ଷା ତାର ଅବଲମ୍ବନ ହୋଇଅଛି । ଦୁଇଟି ଆଶାବାଡ଼ି ଉପରେ ଭରା ଦେଇ ଚାଲିଲାବେଳେ ତାର କାନ୍ଧ ଦୁଇଟା ଉପରକୁ ଉଠି ମୁଣ୍ଡ ସହିତ ସମାନ ହୋଇଯାଏ । ଏହିପରି ରାସ୍ତାଧାରରେ ବା କୃଷି ଖମାରରେ ସେ ସାଧାରଣତଃ ଭିକ ମାଗୁଥିଲା ।

ଶିଶୁ ଅବସ୍ଥାରେ ତାକୁ ଜଣେ ପାଦ୍ରୀ ପାଣି ନାଳରେ ପଡ଼ିଥିବାର ଦେଖି ଉଠାଇ ନେଇଥିଲେ । ଭିକ୍ଷାନ୍ନରେ ସେ ପାଳିତ ହୋଇଥିଲା । ପାଠପଢ଼ା କଅଣ ସେ ଜାଣି ନଥିଲା । ଦୋକାନମାନେ ଅନେକ ସମୟରେ ତାକୁ ତାଡ଼ି ପିଇବାକୁ ଦେଉଥିଲେ କାରଣ ତାଡ଼ି ପିଇ ନିଶା ଲାଗିଲେ ସେ ସୁନ୍ଦର ଗପ

Digitized by srujanika@gmail.com

କହି ପାରୁଥିଲା । ଛତର ହୋଇ ସେ ବୁଲୁଥିଲା । ସେ କେବଳ ହାତ ପାତି ଭିକ ମାଗିବାକୁ ଶିଖିଥିଲା ।

ମିସେସ୍ ଆଭେଲଙ୍କ କୋଠାକୁ ଲାଗି କୁକୁର ପାଇଁ ଗୋଟିଏ ଘର ଥିଲା । ସେ ଘରେ କୁଟା ପାରି ଶୋଇବା ପାଇଁ ମିସେସ ଆଭେଲ ତାକୁ ଅନୁମତି ଦେଇଥିଲେ । ଅନ୍ୟ କୌଣସିଠାରେ କିଛି ଖାଇବାକୁ ନ ମିଳିଲେ ଦୁଇ ତିନି ଦିନରେ ମିସେସ୍ ଆଭେଲଙ୍କ ରୋଷାଇ ଘରୁ ତାକୁ ଖଣ୍ଡେ ଦୁଇଖଣ୍ଡ ରୁଟି ଓ ଟିକିଏ ମଦ ମିଳିବା ବିଷୟରେ ସନ୍ଦେହ ନ ଥିଲା । ବେଳେ ବେଳେ ସେ ଅଧଲାଏ ପାହୁଲାଏ ମଧ୍ୟ ପାଉଥିଲା । ମିସେସ୍ ଆଭେଲ ଦୟାକରି ବାରନ୍ଦା ଉପରୁ ବା ଝରକା ବାଟେ ତାହା ଫିଙ୍ଗି ଦେଉଥିଲେ । ଏବେ ସେ ଆଉ ନାହାନ୍ତି ।

ଗ୍ରାମମାନଙ୍କରେ ତାକୁ କ୍ୱଚିତ୍ ଭିକ ମିଳୁଥିଲା । ଗ୍ରାମବାସୀମାନେ ତାକୁ ଭଲରୂପେ ଚିହ୍ନିଥିଲେ । ବିକୃତ ଚେହେରା ହେଲା ଦୁଇଟା କାଠ ଗୋଡ଼ ଲଗାଇ ଆଉ ଦୁଇଟା କାଠବାଡ଼ ଉପରେ ଭରାଦେଇ ଗଲା ଚାଳିଶ ବର୍ଷ ହେଲା ସେ ଘର ଘର ବୁଲୁଛି । ପୃଥିବୀର ଏହି ତିନି ଚାରୋଟି ଗାଆଁ ଛଡ଼ା ଆଉ କୌଣସି ସ୍ଥାନ ସେ ଦେଖି ନ ଥିଲା, ତେଣୁ ସେ ସେହି ଗାଁମାନଙ୍କୁ ନଯାଇ ଆଉ କୁଆଡ଼େ ଯାଆନ୍ତା ? ଏଇଠାରେ ସେ ତାର ଦୁଃଖମୟ ଜୀବନ କଟାଉଥିଲା । ଭିକ୍ଷା କରିବା ପାଇଁ ସେ ନିଜର ସୀମା ସ୍ଥିରକରି ନେଇଥିଲା । କେବେ କେବେ ସେ ଶେଷ ସୀମା ପର୍ଯ୍ୟନ୍ତ ଯାଉଥିଲା, କିନ୍ତୁ ତାକୁ ଡେଇଁ ପାଦେ ହେଲେ ଯାଉ ନଥିଲା । କୌଣସି ନୂଆ କଥା କରିବା ବା ନୂଆ ସ୍ଥାନକୁ ଯିବା ତାର ଭାଗ୍ୟରେ କେବେ ଘଟି ନଥିଲା ।

ସେ ଯେଉଁ ଗଛରୁଡ଼ିକ ଦେଖିପାରୁଥିଲା ତାହା ଆରପାଖେ ପୃଥିବୀ ଅଛି କି ନା ସେ ଧାରଣା କରିପାରି ନ ଥିଲା । ସେ କଥା

Digitized by srujanika@gmail.com

ସେ ଶନ୍ତା ସୁଦ୍ଧା କରି ନ ଥିଲା । ଚାଷୀମାନେ କ୍ଷେତ ପାଖରେ ବା ପାଣି ନାଳ ପାଖରେ ତାକୁ ଦେଖି ଦେଖି ବିରକ୍ତ ହେଉଥିଲେ । କହୁଥିଲେ, "ସବୁବେଳେ ଏଇଠାକୁ ଆସୁଛୁ କାହିଁକି ? ଆଉ କେଉଁ ଗାଆଁକୁ ଯାଉନାହୁଁ ?" ସେ କିଛି ଉତ୍ତର ଦେଉ ନ ଥିଲା । ଗୋଟାଏ ଅଜ୍ଞାତ ଭୟରେ ଆଶାବାଡ଼ିରେ ଭରଦେଇ ପଳାଇ ଯାଉଥିଲା । ତା ଭଳି ଗରିବ ଲୋକେ ନୂଆ ଲୋକଙ୍କ ମୁହଁ, ଅଜଣା ଲୋକଙ୍କର ସନ୍ଦେହପୂର୍ଣ୍ଣ ଚାହାଣି; ଦୁଇ ଦୁଇ ଜଣ ହୋଇ ବୁଲୁଥିବା ପୋଷାକପିନ୍ଧା ପୋଲିସ ଦେଖି ଭୟ କରନ୍ତି । କେଉଁଠାରେ ବୁଦାଟିଏ କି ହୁଙ୍କାଟାଏ ମଧ୍ୟ ଦେଖିଲେ ସେମାନେ ଭୟ କରିଥାନ୍ତି ।

ଏଭଳି କୌଣସି ଲୋକକୁ ଦେଖିଲେ ଶିକାରୀକୁ ଦେଖି ବଣୁଆଜୀବ ଯେପରି ବେଗରେ ଆପଣା ଗାତକୁ ପଳାଏ, ସେ ସେହିପରି ବେଗରେ ପଳାଇବାର କୌଶଳ ଶିଖିଯାଇଥିଲା । ସେ ଆଶାବାଡ଼ି ତଳେ ପକାଇ ଦେଇ ଗୋଟାଏ ଲୁଗାବୋଝ ପରି ଗଡ଼ି ଗଡ଼ି ପଳାଏ । ସେତେବେଳେ ସେ ଏତେ କ୍ଷୁଦ୍ର ହୋଇଯାଏ ଯେ, ତାକୁ କେହି ଦେଖିବା ସହଜ ନୁହେଁ । ତାର ଛିଣ୍ଡା କନ୍ଥା ସବୁ ମାଟିର ରଙ୍ଗ ସଙ୍ଗେ ମିଶିଯାଇଥାଏ । ସେମାନେ ତାକୁ କିଛି ହଇରାଣ କରନ୍ତି ନାହିଁ । କିନ୍ତୁ ଏହି ଭୟ ତାର ମଜ୍ଜାଗତ ହୋଇ ଯାଇଥିଲା । ସତେ ଅବା ସେ ଏହି ଗୁଣଟି ତାର ପିତାମାତାଙ୍କଠାରୁ ପାଇଥିଲା । ଅବଶ୍ୟ ସେ ତାର ପିତାମାତାଙ୍କୁ କେବେ ଦେଖି ନ ଥିଲା ।

ତାର ରହିବା ପାଇଁ କୌଣସି ସ୍ଥାନ ନ ଥିଲା; ତାର ଘର ନ ଥିଲା; ଦୁଆର ନ ଥିଲା, କୁଡ଼ିଆ ନ ଥିଲା । ଖରାଦିନେ ସେ ଯେ କୌଣସି ଜାଗାରେ ଶୋଇ ପଡ଼ୁଥିଲା, ଶୀତଦିନେ କାହାର

Digitized by srujanika@gmail.com

ନଡ଼ାଗଦା ଭିତରେ ଗଳି ପଡ଼ୁଥିଲା ବା କାହାର ଘୋଡ଼ାଶାଳରେ ରହି ଯାଉଥିଲା, କିନ୍ତୁ ତାକୁ କେହି ଦେଖିବା ପୂର୍ବରୁ ସେ ସେଠାରୁ ଖସିଯିବାର କୌଶଳ ଶିଖିଥିଲା । କେଉଁ କେଉଁ ଘରେ କେଉଁଠି ଜଳା ଅଛି ତାକୁ ଜଣାଥିଲା ଓ ଆଶାବାଡ଼ି ସାହାଯ୍ୟରେ କପରି ସେ ଜଳାବାଟେ ଯାଇହେବ ସେ କଥା ଜଣାଥିଲା । କେବଳ ହାତର ଜୋର୍‌ରେ ସେ ନଡ଼ାଗଦା ତଳକୁ ପଶି ଚାରି ପାଞ୍ଚ ଦିନ ଲୁଚି ରହିପାରୁଥିଲା । ସେଥିପାଇଁ ସେ ଆଗରୁ କିଛି ଖାଦ୍ୟ ସଞ୍ଚୟ କରି ରଖୁଥିଲା ।

ବଣର ଜନ୍ତୁ ବଣରେ ରହିଲା ପରି ସେ ଗାଆଁର ଲୋକମାନଙ୍କ ଭିତରେ ରହୁଥିଲା, ସେ କାହାକୁ ଚିହ୍ନି ନ ଥିଲା, କାହାକୁ ଭଲ ପାଇ ନ ଥିଲା; କେବଳ ଚାଷୀମାନଙ୍କ ମନରେ ତା ପ୍ରତି ଗୋଟାଏ ଘୃଣା ଓ ଶତ୍ରୁତା ସୃଷ୍ଟି କରିଥିଲା । ଲୋକେ ତାର ନାଆଁ ଦେଇଥିଲେ 'ଘଣ୍ଟି' । ଦୁଇଟି ଖମ୍ବ ମଝିରେ ଘଣ୍ଟି ଓହଳିଥାଏ; ତାର ଆଶାବାଡ଼ି ଦୁଇଟି ଖମ୍ବ ପରି ହୋଇଥିବାରୁ ତାର ଏହି ନାମକରଣ ଉପଯୁକ୍ତ ହୋଇଥିଲା ବୋଲି କୁହାଯାଇପାରେ ।

ଥରେ ଦୁଇଦିନଯାଏ ତାକୁ କିଛି ଖାଇବାକୁ ମିଳିଲା ନାହିଁ । କେହି କିଛି ଦେଲେ ନାହିଁ । ଗ୍ରାମର ଚାଷୀ ଦୂରରୁ ତାକୁ ଦେଖିଲା କ୍ଷଣି ପାଟି କଲେ, "ତୁ ଏଠୁ ପଳା; ଏଇ ତିନିଦିନ ତଳେ ପରା ତୋତେ ଖଣ୍ଡେ ରୁଟି ଦେଇଥିଲି ।"

ଯାହା ଦୁଆରକୁ ଗଲା ସେ ଠିକ୍ ଏହିପରି କହିଲା । ଘରର ସ୍ତ୍ରୀମାନେ କହିଲେ, "ଏ ଛତରା ବାରବୁଲାକୁ କିଏ ପ୍ରତିଦିନ ଖାଇବାକୁ ଦେବ ?"

କିନ୍ତୁ ସେ ଛତରାର ପ୍ରତିଦିନ ଖାଇବା ଦରକାର ପଡ଼ୁଥିଲା । ସେ ତିନି ପଡ଼ା ଗାଁଯାକ ବୁଲାବୁଲି ଆସିଲା । କିନ୍ତୁ

Digitized by srujanika@gmail.com

କୌଣସିଠାରୁ ରୁଟି କି ପାଉଁରୁଟିଟାଏ ସୁଦ୍ଧା ପାଇଲା ନାହିଁ । ଆଉ ଗୋଟିଏ ମାତ୍ର ପଡ଼ା ବାକି ଥାଏ । ସେଇଟି ତାର ଶେଷ ଆଶା । କିନ୍ତୁ ସେଠାରେ ପହଞ୍ଚିବା ପାଇଁ ତାକୁ ସଡ଼କରେ ଚୁରିମାଇଲ ଚାଲିବାକୁ ହେବ । ସେ ଏତେ ଦୁର୍ବଳ ହୋଇଥାଏ ଯେ କାଠ-ଗୋଡ଼ରେ ଆଶାବାଡ଼ିରେ ଭରା ଦେଇ ଏତେ ବାଟ ଯିବା ତା ପକ୍ଷରେ ସହଜ ନ ଥିଲା । ସେଥିରେ ପୁଣି ତିନ ଦିନ ହେଲା ପେଟରେ ଦାନା ପଡ଼ି ନ ଥିଲା ।

ତଥାପି ସେ ଚାଲିଲା ।

ଡିସେମ୍ବର ମାସ; ଥଣ୍ଡା ପବନ ବହୁଛି । ଆକାଶରେ ଖଣ୍ଡେ ଖଣ୍ଡେ ମେଘ ଭାସିଯାଉଛନ୍ତି । 'ଘଣ୍ଟି' ଆଶାବାଡ଼ିରେ ଭରାଦେଇ ଗୋଟିକ ପରେ ଗୋଟିଏ କାଠଗୋଡ଼କୁ ଭୂଇଁରେ ଲଗାଇ ଚାଲିଲା । ସେ ଅତ୍ୟନ୍ତ କ୍ଳାନ୍ତ ହୋଇଥିବାରୁ ବାଟ ଧାରରେ ଟିକିଏ ଟିକିଏ ବିଶ୍ରାମ ନେଉଥିଲା । ତା ମନରେ ଥାଏ ଗୋଟିଏ ମାତ୍ର ଚିନ୍ତା—ଖାଇବି । କିନ୍ତୁ କଣ ଖାଇବି ତାହା ତାର କଳ୍ପନାର ଅଗୋଚର ଥିଲା ।

ଏହିପରି ତିନଘଣ୍ଟା ଚାଲିବା ପରେ ପଡ଼ାର ଗଛବୃଛ ଦେଖାଗଲା । ତାର ଗତିବେଗ ବଢ଼ି ଆସିଲା । ଜଣେ ଚାଷୀକୁ ଦେଖି ସେ ତାକୁ ଖାଇବାକୁ ମାଗିଲା । ଲୋକଟି ଉତ୍ତରକଲା, "ତୁ ଏଠିକି ଆସିଲୁଣି ! ତୁ ଆମର ପୁରୁଣା ଗରଖ ପରା ! ତୋଠୁ ଆମକୁ ରକ୍ଷା ମିଳିବ ନାହିଁ ।"

ଘଣ୍ଟି ଚାଲିଲା । ଯେଉଁ ଦୁଆରକୁ ଗଲା ସେ ଦୁଆରେ ଏହିପରି ନିଷ୍ଠୁର ବ୍ୟବହାର ଛଡ଼ା ଆଉ କିଛି ମିଳିଲା ନାହିଁ । ସେ ଧୈର୍ଯ୍ୟ ଧରି ଚାଲିଲା । କେଉଁଠାରୁ କିଛି ତାକୁ ମିଳିଲା ନାହିଁ ।

Digitized by srujanika@gmail.com

ସେ ଖଳାବାଡ଼ ଆଡ଼କୁ ଗ୍ଭଲିଲା । ସେତେବେଳକୁ ସେ ଏତେ ଦୁର୍ବଳ ହୋଇ ପଡ଼ିଥିଲା ଯେ, ଆଶାବାଡ଼ ଟେକିବାପାଇଁ ତାର ଆଉ ଶକ୍ତି ନ ଥିଲା । ସେ ଯୁଆଡ଼େ ଗଲା, ଲୋକେ ତାକୁ ତଡ଼ିଦେଲେ ।

ସବୁଆଡ଼ ବୁଲିବୁଲି ଶେଷରେ ସେ ଗୋଟାଏ ନାଳ ଧାରରେ ବସିପଡ଼ିଲା । ଅନେକ ବେଳଯାଏ ସେ ନିଶ୍ଚଳ ହୋଇ ରହିଲା । ତାର ପେଟ ପୋଡ଼ି ଯାଉଥାଏ ।

ସେ ଗୋଟାଏ ଅଜଣା ଆଶାରେ ଅପେକ୍ଷା କରି ରହିଲି । ଥଣ୍ଡା ପବନରେ ଦେହ କୋଲ୍ ମାରିଯାଉଥାଏ । ତଥାପି ତାର ଆଶାଥାଏ କେଉଁଠାରୁ କିଛି ମିଳିଯିବ । କିନ୍ତୁ କେଉଁଠାରୁ, କିପରି, କି ସାହାଯ୍ୟ ମିଳିବ ତାହା ସେ ଚିନ୍ତା କରି ପାରୁନଥିଲି ।

ଗୁଡ଼ାଏ କୁକୁଡ଼ା ନଖରେ ମାଟି ଖୋଳି, ପୋକଜୋକ ଖାଇଖାଇ ତା ପାଖରେ ଗ୍ଭଲିଗଲେ । ଟିକିଏ ଖୋଳି ଦେଇ ପୋକଟାଏ କି ଗହମ ଦାନାଟାଏ ଖାଇ ଦେଇ ସେମାନେ ଆଗକୁ ଆଗକୁ ଯାଉଥିଲେ ।

ଯଣ୍ଡି କୁକୁଡ଼ାମାନଙ୍କ ଆଡ଼କୁ ଗ୍ଭହିଁଥିଲି । ହଠାତ୍ ତା ମନକୁ ଗୋଟାଏ କଥା ଆସିଲି । ବୋଧହୁଏ, ତାର ଖାଲି ପେଟ ତାକୁ ଏ ଧାରଣା ଦେଲି । ଏ କୁକୁଡ଼ାଗୁଡ଼ାକୁ ନିଆଁରେ ପୋଡ଼ିଦେଲେ ତ ବେଶ୍ ଭୋଜନ ହୁଅନ୍ତା ।

କୁକୁଡ଼ାଟାଏ ନେଇ ପୋଡ଼ି ଖାଇବା ଯେ ଗୋଟାଏ ଅପରାଧ, ତାହା ତାର ମନକୁ ସାମାନ୍ୟ ସ୍ପର୍ଶ କଲି । ତଥାପି ସେ ଚଳୁ ଖଣ୍ଡେ ପଥର ଧରି ଗୋଟାଏ କୁକୁଡ଼ା ଉପରକୁ ଫିଙ୍ଗିଲି । ଟେକା ଫିଙ୍ଗିବା ବିଦ୍ୟା ତାକୁ ଭଲରୂପେ ଜଣାଥିଲି । କୁକୁଡ଼ାଟିର ଦେହରେ ପଥର ବାଜିବାରୁ ସେ ଡେଣା ଦୁଇଟା ଫଡ଼ଫଡ଼ କରି ମରି ପଡ଼ିଲି । ଅନ୍ୟ କୁକୁଡ଼ାମାନେ ପଳାଇଗଲେ ।

Digitized by srujanika@gmail.com

ଘଣ୍ଟି କୁକୁଡ଼ାଟିର କଳା ପର ଓ ନାଲି ଜଟ ଉପରେ ହାତ ମାତ୍ର ଦେଇଛନ୍ତି, ଏହି ସମୟରେ କିଏ ଜଣେ ତାକୁ ପିଠି ଆଡ଼ୁ ଧକ୍କାଏ ମାରିଲା । ସେ ତଳେ ପଡ଼ି ଆଠଦଶ ହାତ ଗଡ଼ିଗଲା । କୁକୁଡ଼ାର ମାଲିକ ମି ଶବେନ୍ଟ ତା ଉପରକୁ ଡେଇଁ ପଡ଼ି ବିଧା ବୃଷ୍ଟି କରିବାକୁ ଲାଗିଲେ । ବିଧା, ଗୋଇଠା, ଆଣ୍ଠୁଆ, ଗୁନ୍ଦା ସବୁପ୍ରକାର ମାଡ଼ ତା ଉପରେ ହୋଇଗଲା । ଆତ୍ମରକ୍ଷା ପାଇଁ ସେ ଲବମାତ୍ର ଚେଷ୍ଟାକରି ପାରିଲା ନାହିଁ ।

ଖଳାବାଡ଼ିରୁ ଲୋକେ ଆସି ଜମା ହୋଇଗଲେ । ଘଣ୍ଟିକୁ ମାଡ଼ ଦେବାରେ ସେମାନେ ମି· ଶବେନ୍ଟଙ୍କୁ ସାହାଯ୍ୟ କଲେ । ମାଡ଼ ମାରି ମାରି କ୍ଳାନ୍ତ ହେବାରୁ ସେମାନେ ତାକୁ ଟେକି ନେଇ ଗୋଟାଏ ଘରେ ବନ୍ଦକରି ପୁଲିସକୁ ଡାକିବାକୁ ଗଲେ ।

ଘଣ୍ଟି ମାଡ଼ଖାଇ, ଭୋକରେ ମଲାପରି ପଡ଼ିରହିଲା । ସନ୍ଧ୍ୟା ହେଲା, ରାତି ଆସିଲା, ସକାଳ ହେଲା । କିନ୍ତୁ ତାକୁ କେହି କିଛି ଖାଇବାକୁ ଦେଲେ ନାହିଁ ।

ଦିନ ପହରକ ବେଳକୁ ଦୁଇଜଣ ପୁଲିସ ଆସିଲେ । ମି: ଶବେନ୍ଟ କହିଥିଲେ ଯେ ଲୋକଟା ବଡ଼ ଦୁର୍ଦ୍ଦାନ୍ତ; ତାଙ୍କୁ ଆକ୍ରମଣ କରିଥିଲା । ବହୁ କଷ୍ଟରେ ସେ ଲୋକଠାରୁ ଆତ୍ମରକ୍ଷା କରି ପାରିଥିଲେ । ତେଣୁ ପୁଲିସବାଲା ଖୁବ୍ ସାବଧାନରେ କବାଟ ଫିଟାଇ ଡାକଦେଲେ—ଆସିବ, ଉଠି ଚାଲିଆ ।

କିନ୍ତୁ ଘଣ୍ଟି ଚେଷ୍ଟା କରି ମଧ୍ୟ ଉଠି ପାରିଲା ନାହିଁ । ଆଶା-ବାଡ଼ିକୁ ଉଠାଇ ପାରିଲା ନାହିଁ । ଠିଆ ହୋଇ ଚାଲିବା ଦୂରର କଥା । ପୁଲିସ ମନେକଲା, ଏ ଗୋଟାଏ ଫନ୍ଦି, ହୁଏତ କିଛି ଅନିଷ୍ଟ କରିବ ବୋଲି ବସିରହିଛି । ଦୁଇଜଣଯାକ ପୁଲିସବାଲା ଜୋର୍ କରି ତାକୁ ଆଶାବାଡ଼ି ଧରାଇ ଛିଡ଼ା କରିଦେଲେ ।

Digitized by srujanika@gmail.com

ଘଣ୍ଟିର ଭୟ ପଶିଗଲା । ଆଗରୁ ପୋଷାକ ପିନ୍ଧା ପୁଲିସ ପ୍ରତି ତାର ଯେଉଁ ଭୟ ଥିଲା, ଏ ସେହି ଭୟ । ଜେଲଖାନାର କଏଦୀ ଗୁଇନ୍ଦା ପୁଲିସକୁ ଯେପରି ଭୟ କରେ ବା ବିରାଡ଼ିକୁ ଦେଖି ମୂଷା ଯେପରି ଭୟ କରେ ଏ ସେହିପରି ଭୟ । ଦେହର ସମସ୍ତ ଶକ୍ତି ପ୍ରୟୋଗ କରି ସେ ଛିଡ଼ା ହେଲା ।

ପୁଲିସବାଲା ହୁକୁମ ଦେଲେ—ଏବେ ଚାଲ୍ । ସେ ଚାଲିଲା । ଖଳାବାଡ଼ିର ମୂଲିଆମାନେ ତାକୁ ଚାହିଁ ରହିଲେ । କେତେ ସ୍ତ୍ରୀ ଲୋକ ତାଂ ଆଡ଼କୁ ହାତ ଦେଖାଇ ଥଟ୍ଟା କଲେ । ଆଉ କେତେ ଲୋକ ତାକୁ ଗାଳି ଦେଇ ବ୍ୟଙ୍ଗ ବିଦ୍ରୂପ କରିବାକୁ ଲାଗିଲେ । ଯାହାହେଉ, ପୁଲିସ ତାକୁ ଧରିଛି; ଲୋକେ ତା ଠାରୁ ରକ୍ଷା ପାଇବେ ।

ଦୁଇ ପୁଲିସବାଲାଙ୍କ ମଝିରେ ସେ ଚାଲିଲା । ବୋଧହୁଏ, ଗର୍ଜ୍ଜିର ନୈରାଶ୍ୟ ତା ଶରୀରରେ ଶକ୍ତି ସଞ୍ଚାର କଲା । ସେ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲି ଚାଲି ଏକବାରେ ସ୍ତବ୍ଧ ହୋଇଗଲା । ସେ କୁଆଡ଼େ ଯାଉଛି, ତାକୁ କଅଣ କରାଯାଉଛି, ଚାରିଆଡ଼େ କଅଣ ହେଉଛି—କିଛି ସେ ବୁଝିପାରିଲା ନାହିଁ ।

ବାଟରେ ଅନେକ ଲୋକ ଅଟକି ଯାଇ ତାକୁ ଚାହୁଁଥିଲେ । ଅନେକେ କହୁଥିଲେ—

"ଏ ଗୋଟାଏ ଚୋର ।"

ସନ୍ଧ୍ୟାପରେ ସେମାନେ ସହରରେ ପହଞ୍ଚିଲେ । ସହରର କେହି 'ଘଣ୍ଟି'କୁ ପୂର୍ବରୁ ଦେଖି ନ ଥିଲେ । କଅଣ ହେଉଛି ବା କଅଣ ହେବ ସେ ଚିନ୍ତା କରିପାରୁ ନ ଥିଲା । ଏପରି ଘଟନା ସେ ଆଗରୁ ଶୁଣି ନ ଥିଲା । ନୂଆ ମଣିଷ, ନୂଆ ଜାଗା, ନୂଆ ଘର, ନୂଆ ବ୍ୟବହାର—ଏସବୁ ତାକୁ ସ୍ତମ୍ଭୀଭୂତ କରିଦେଲା ।

Digitized by srujanika@gmail.com

ସେ କାହାକୁ କିଛି କହିଲା ନାହିଁ । ତାର କହିବାକୁ କିଛି ନ ଥିଲା । ସେ କିଛି ବୁଝି ପାରୁ ନ ଥିଲା । ଏହା ଛଡ଼ା ସେ ଅନେକ ବର୍ଷ ହେଲା କାହାକୁ କିଛି କହି ନ ଥିଲା; ତାର ଭିତର କଥା କହିବାର ଶକ୍ତି ଲୋପ ପାଇ ଯାଇଥିଲା । ତାର ଚିନ୍ତା ଗୋଳମାଳିଆ ହୋଇ ଭାଷା ଆକାରରେ ପ୍ରକାଶ ପାଇ ପାରୁ ନ ଥିଲା ।

ଘଣ୍ଟିକୁ ନେଇ ସହରର ଜେଲଖାନାରେ ରଖାଗଲା । ତାର ଯେ କିଛି ଖାଇବା ଦରକାର ସେ କଥା ପୁଲିସର ମୁଣ୍ଡକୁ ଆସିଲା ନାହିଁ । ତାକୁ ଜେଲଖାନାରେ ରଖି ପୁଲିସ ଚାଲିଗଲେ ।

ସକାଳ ହେଲା । ତାକୁ ପଚରା ଉଚରା କରିବା ପାଇଁ ପୁଲିସ ଯାଇ ଦେଖିଲେ ଘଣ୍ଟି ଜେଲଖାନାର ମେଜିଆ ଉପରେ ମରିପଡ଼ିଛି । ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ ।

—*—

ପ୍ରତିଦାନ

ମିଃ ବନ୍ତ୍ରାମ ପାରିସର ଜଣେ ପ୍ରସିଦ୍ଧ ଓକିଲ । ଗତ ବର୍ଷ ଭିତରେ ସେ ହଜାର ହଜାର ଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର କରାଇ ପାରିଅଛନ୍ତି । ଯେତେବେଳେ କୌଣସି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହୁଏ, ସାଧାରଣତଃ ସ୍ତ୍ରୀ ଯାଇ ତାଙ୍କର ଶରଣାପନ୍ନ ହୁଏ । ପ୍ରତିଦିନ ଏହିପରି ଅନେକ ମହକିଲଣୀ ତାଙ୍କ ଅଫିସରେ ଉପସ୍ଥିତ ହେଉଥିଲେ ଓ ସେ ନିଜର ଓକିଲାତି ବୁଦ୍ଧିବଳରେ ସେମାନଙ୍କର ପତିଙ୍କଠାରୁ ବୈବାହିକ ବନ୍ଧନ ଉଚ୍ଛେଦ କରାଇ ପାରୁଥିଲେ ।

ଦିନେ ଜଣେ ମହକିଲ ଆସି ତାଙ୍କ ଅଫିସରେ ଉପସ୍ଥିତ । ମିଃ ବନ୍ତ୍ରାମ ତାଙ୍କୁ ଅଭିବାଦନ ଜଣାଇ ତାଙ୍କୁ ବସିବାକୁ

Digitized by srujanika@gmail.com

ଅନୁରୋଧ କଲେ । ଭଦ୍ରଲୋକ ବସିଯାଇ ଆରମ୍ଭ କଲେ, "ମହାଶୟ, ମୁଁ ଆପଣଙ୍କ ପାଖକୁ ଗୋଟାଏ କାର୍ଯ୍ୟରେ ଆସିଛି । ମୁଁ ମୋର ସ୍ତ୍ରୀକୁ ଛାଡ଼ପତ୍ର ଦେବାକୁ ଚାହେଁ ।"

"କାହିଁକି, କପରି ଛାଡ଼ପତ୍ର ଦେବେ କହନ୍ତୁ । ମୁଁ ସମସ୍ତ ଘଟଣା ଶୁଣେ ।"

"ମୁଁ ହେଉଛି ଜଣେ କୋଷାଗାର; ଅନେକ ବର୍ଷ ହେଲା ସେହି କାମ କରୁଛି ।"

"ଏତେ ଅଳ୍ପ ବୟସରେ ଏତେ ଉଚ୍ଚ ପଦ ପାଇବା ଗୌରବର ବିଷୟ ।"

"ମୋର ବୟସ ୩୭ ବର୍ଷ ହେଲାଣି ।"

"ହେଉ, କହିଯାଆନ୍ତୁ ।"

"ଦେଖନ୍ତୁ ମହାଶୟ, ମୁଁ ଗୋଟାଏ ଅଶାନ୍ତିମୟ ବିବାହ କରି ପକାଇଛି ।"

"ହିଁ, ଆପଣ ଏକା ନୁହନ୍ତି । ଅନେକେ ସେପରି ବିବାହ କରିଥାନ୍ତି ।"

"ମୁଁ ସେକଥା ଜାଣେ, ମୁଁ ସେମାନଙ୍କ ପ୍ରତି କୃପା ପ୍ରଦର୍ଶନ କରେ । କିନ୍ତୁ ମୋର ବିବାହଟା ସେ ପ୍ରକାର ବିବାହଠାରୁ ସମ୍ପୂର୍ଣ୍ଣ ଭିନ୍ନ । ମୋ ପତ୍ନୀଙ୍କ ବିରୁଦ୍ଧରେ ମୋର ଆପତ୍ତିଟା ହେଉଛି ଭିନ୍ନ ଧରଣର । ମୋର ବିବାହଠାରୁ ଆରମ୍ଭ କରି ସବୁ କଥା କହିଯାଉଛି । ଗୋଟାଏ ବିଚିତ୍ର ଧରଣରେ ମୋର ବିବାହ ହୋଇଥିଲା । ଆପଣ କଅଣ ବିପତ୍ତିଜନକ ଧାରଣାରେ ବିଶ୍ୱାସ କରନ୍ତି ?"

"ବିପତ୍ତିଜନକ ଧାରଣା ? ତାର ଅର୍ଥ ?"

Digitized by srujanika@gmail.com

"ଆପଣ ବିଶ୍ୱାସ କରନ୍ତି କି ଦେହ ପକ୍ଷରେ ବିଷ ଯେପରି ବିପଜ୍ଜନକ, କେତେଗୁଡ଼ାଏ ଧାରଣା ମନ ପକ୍ଷରେ ସେହିପରି ବିପଜ୍ଜନକ ।"

"ହଁ, ସମ୍ଭବତଃ ବିଶ୍ୱାସ କରେ ।"

"ନିଶ୍ଚୟ ବିଶ୍ୱାସ କରୁଥିବେ । କେତେଗୁଡ଼ାଏ ଧାରଣା ଆମ ମୁଣ୍ଡରେ ପଶି ଆମର ମୃତ୍ୟୁ ଘଟାଏ ବା ପାଗଳ କରିଦିଏ । ସେଭଳି ଧାରଣାକୁ ମୂଳରୁ ପ୍ରତିରୋଧ କରିବା ଦରକାର । ସେଗୁଡ଼ିକ ଆତ୍ମା ପକ୍ଷରେ ବିଷ ସଦୃଶ । ଏ ପ୍ରକାର ଗୋଟାଏ ଧାରଣା ଥରେ ପ୍ରବେଶ କଲେ, ଦିନକୁ ଦିନ ତାର ଶକ୍ତି ବୃଦ୍ଧି ପାଏ; ମନରୁ ଅନ୍ୟ ସମସ୍ତ ଚିନ୍ତାକୁ ବିତାଡ଼ିତ କରି ଦୃଢ଼ ହୋଇ ବସେ; ଆମର ମତବାଦ, ବିଚାର ବୁଦ୍ଧି ସବୁ ଧ୍ୱଂସ ପାଇଯାଏ ।

"ମୋ ଜୀବନରେ ସେହିପରି ଘଟିଛି । ମୁଁ କହିଛି ଯେ, ମୁଁ ରୁଏନ ସହରରେ ଜଣେ ନୋଟାରି ଥିଲି । ମୁଁ ଦରିଦ୍ର ନଥିଲି ସତ; କିନ୍ତୁ ଅଭାବଗ୍ରସ୍ତ ଥିଲି । ମୁଁ ଖୁବ୍ ବ୍ୟୟ ସଙ୍କୋଚ କରି ଚଳୁଥିଲି । ନିଜର ଇଚ୍ଛା ଅନୁସାରେ ଖରଚ କରିପାରୁ ନଥିଲି । ମୋ ବୟସର ଯୁବକ ପକ୍ଷରେ ଏପରି ଚଳିବା କିପରି କଷ୍ଟକର ତାହା ଅନୁମାନ କରି ପାରୁଥିବେ ।

"ନୋଟାରି ଭାବରେ ମୁଁ ପ୍ରତିଦିନ ଖବରକାଗଜର ବିଜ୍ଞାପନ ପୃଷ୍ଠା ଉପରେ ଆଖି ବୁଲାଉଥିଲି । କାର୍ଯ୍ୟ ଖାଲି, ପାଚିକା ଆବଶ୍ୟକ, ପାତ୍ରୀ ଆବଶ୍ୟକ, ସ୍ୱଳ୍ପ ମୂଲ୍ୟରେ ବିକ୍ରୟ ଇତ୍ୟାଦି ବିଜ୍ଞାପନଗୁଡ଼ିକ ମୁଁ ମନଦେଇ ପଢ଼ୁଥିଲି । ଏହାଦ୍ୱାରା ମୋର ବ୍ୟବସାୟରେ ସୁବିଧା ହେଉଥିଲା । ବିଜ୍ଞାପନ ପଢ଼ି ମୁଁ ମୋର ଅନେକ ମହକିଲଙ୍କ ପାଇଁ ସୁବିଧାଜନକ ବିବାହର ବ୍ୟବସ୍ଥା କରାଇ ପାରିଥିଲି ।

Digitized by srujanika@gmail.com

ହଠାତ୍ ମୁଁ ଏହି ବିଜ୍ଞାପନଟି ପଢ଼ିଲି :

"ଜଣେ ସୁଶିକ୍ଷିତା ସୁନ୍ଦରୀ ମହିଳା କୌଣସି ସମ୍ଭ୍ରାନ୍ତ ଯୁବକଙ୍କୁ ବିବାହ କରିବାକୁ ଇଚ୍ଛାନ୍ତି । ତାଙ୍କର ପାଞ୍ଚଲକ୍ଷ ଟଙ୍କାର ସମ୍ପତ୍ତି ଅଛି । ମଧ୍ୟସ୍ଥତା ଅନାବଶ୍ୟକ ।"

"ସେଦିନ ମୁଁ ଦୁଇଜଣ ଭଦ୍ରଲୋକଙ୍କ ସହିତ ଭୋଜନ କରିବାକୁ ଯାଇଥିଲି । ଦୁହିଁଙ୍କ ଭିତରୁ ଜଣେ ଥିଲେ ଆଟର୍ଣ୍ଣି ଓ ଅନ୍ୟ ଜଣକ ଗୋଟିଏ ଲୁଗା କଳର ମାଲିକ । କିପରି ଆମ ଭିତରେ ବିବାହ ବିଷୟରେ କଥାବାର୍ତ୍ତା ପଡ଼ିଲା, ମୋର ମନେ ନାହିଁ । କିନ୍ତୁ କଥା ପ୍ରସଙ୍ଗରେ ମୁଁ ସେହି ପାଞ୍ଚଲକ୍ଷ ଟଙ୍କାର ଅଧିକାରିଣୀଙ୍କର ବିବାହ ବିଷୟ ଉତ୍ଥାପନ କଲି ।

"କଳ ମାଲିକ କହିଲେ, 'ଏଭଳି ସ୍ତ୍ରୀମାନେ କଅଣ ମନେ କରନ୍ତି ?'

"ଆଟର୍ଣ୍ଣି କହିଲେ, 'ମୁଁ ଦେଖିଛି, ଅନେକ କ୍ଷେତ୍ରରେ ଏ ପ୍ରକାର ପରିସ୍ଥିତିରେ ବିବାହ ସୁଖଦାୟକ ହୋଇଥାଏ ।'

"କେତୋଟି ଉଦାହରଣ ଦେଇ ନିଜ କଥାକୁ ପ୍ରମାଣିତ କରି ସେ ମୋତେ କହିଲେ, 'ଏପରି ସ୍ଥଳେ ଆପଣ ନିଜେ କାହିଁକି ଚେଷ୍ଟା କରୁନାହାନ୍ତି ? ଆପଣଙ୍କର ଆଉ ଚିନ୍ତା ରହିବ ନାହିଁ । ପାଞ୍ଚ ଲକ୍ଷ ! କମ୍ ନୁହେଁ ।'

"ଏହା ଶୁଣି ଆମେ ତିନିହେଁ ଯାକ ହସି ଉଠିଲୁ । ଅନ୍ୟ କେତେକ ବିଷୟରେ ଚର୍ଚ୍ଚା ଚାଲିଲା । ପ୍ରାୟ ଘଣ୍ଟାକ ପରେ ମୁଁ ଘରକୁ ଫେରି ଆସିଲି ।

"ସେଦିନ ରାତିରେ ଖୁବ୍ ଶୀତ ପଡ଼ୁଥାଏ । ମୁଁ ଗୋଟାଏ ପୁରୁଣା ଘରେ ରହୁଥିଲି । ପାହାଚର ଧାରଣାକୁ ଧରିଲା କ୍ଷଣି ଥଣ୍ଡାରେ ହାତ କାଲି ମାରିଗଲା । ଅନ୍ୟ ହାତଟି କାନ୍ଥରେ ବାଜିବାରୁ ସେହିପରି ଶୀତ ଅନୁଭବ କଲି । ଦୁଇ ପାଖର ଥଣ୍ଡା

Digitized by srujanika@gmail.com

ମୋ ସ୍ମୃତି ଭିତରକୁ ପଶିଗଲା । ମୁଁ ବଡ଼ ଦୁର୍ବଳ ଅନୁଭବ କଲି । ହଠାତ୍ ମନେ ପଡ଼ିଗଲା—ପାଞ୍ଚଲକ୍ଷ ଟଙ୍କା ! ମୁଁ ଯଦି ଏତେ ଟଙ୍କାର ଅଧିକାରୀ ହୋଇଥାନ୍ତି ?

“ମୁଁ ଗୋଟିଏ ଛୋଟ କୋଠରୀରେ ଅବିବାହିତ ଜୀବନ କଟାଉଥିଲି । ଗୋଟିଏ ଚାକରାଣୀ ଘରସଫା କରି ଦେଉଥିଲା; ତାର ଉପରେ ରୋଷେଇର ଭାର ମଧ୍ୟ ଥିଲା ।

“ମୋ କୋଠରୀଟି ସଙ୍କୀର୍ଣ୍ଣ ଥିଲା । ସେଥିରେ ଗୋଟିଏ ଖଟ ଥିଲା, ଖଟରେ ମଶାରୀ ନଥିଲା; ଗୋଟିଏ କାନ୍ଥ ଆଲମାରି, ଗୋଟିଏ ଡ୍ରେସିଂ ଟେବୁଲ । ଏତିକ ହେଲା ଉପକରଣ । କେତେ ଖଣ୍ଡି କୁରୁତା ଚଉକି ଉପରେ ପଡ଼ିଥିଲା ଆଉ ତଳେ କେତେକ କାଗଜ ପତ୍ର । ଏଇ ହେଲା ମୋର କୋଠରୀ ।

“ମୁଁ ଥିଏଟର ହଲ୍‌ରେ ଶୁଣି ଶୁଣି ଗୋଟିଏ ଗୀତ ମନେ ରଖିଥିଲି । ଗୁଣୁଗୁଣୁ ହୋଇ ମୁଁ ସେହି ଗୀତ ଗାଇଲି ।

ଦୁଇଲକ୍ଷ, ଦୁଇଲକ୍ଷ ବଡ଼ ମଜାଦାର୍
ଲକ୍ଷ ମୁଦ୍ରା ସଙ୍ଗେ ଏକ ନାରୀରତ୍ନହାର ।

“ପ୍ରକୃତ ପକ୍ଷରେ ସେତେବେଳଯାଏ ମୁଁ ସେହି ସ୍ତ୍ରୀ କଥା ଆଦୌ ଭାବି ନଥିଲି । କିନ୍ତୁ ଖଟ ଉପରେ ପଡ଼ି ରେଜେଇ ଘୋଡ଼ି ହେଲାବେଳକୁ ତା କଥା ମନେ ପଡ଼ିଲା । ସେହି କଥା ଭାବୁ ଭାବୁ ମୋର ନିଦ ହେବାକୁ ବହୁତ ଡେରି ହୋଇଗଲା ।

“ସକାଳୁ ଆଖି ଖୋଲିଲା ମାତ୍ରେ ମୋର ମନେ ପଡ଼ିଗଲା— ଗୋଟାଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଆଠଟା ବେଳକୁ ମୋତେ ଦରନେଟାଲ୍ ଯିବାକୁ ହେବ । ତେଣୁ ମୋର ଛଅଟାବେଳେ ବାହାରିବା ଦରକାର । ସେତେବେଳକୁ ଖୁବ୍ ଶୀତ ହେଉଥାଏ । ଆଚ୍ଛା, ପାଞ୍ଚଲକ୍ଷ ଟଙ୍କା ଥିଲେ—

Digitized by srujanika@gmail.com

"ପ୍ରାୟ ଦଶଟା ବେଳକୁ ମୋ ଅଫିସ ଘରକୁ ଆସିଲି । ଚୁଲିର ଧୂଆଁ ଗନ୍ଧ, ପୁରୁଣା କାଗଜର ଗନ୍ଧ ସଙ୍ଗେ ମୋର ମୋହରରମାନଙ୍କ ଜୋତା, ଜାମା, ଦେହର ଗନ୍ଧ ଅସହ୍ୟ ବୋଧ ହେଉଥିଲା ।

"ଅଭ୍ୟାସମତେ ଗୋଟିଏ କଟଲେଟ ଓ କିଛି ଭୋଜନ କରି ମୁଁ କାମରେ ଲାଗିଗଲି । ଏହି ସମୟରେ ମୁଁ ପ୍ରଥମ ଥର ପାଇଁ ସେହି ପାଞ୍ଚଲକ୍ଷ ମୁଦ୍ରାର ଅଧିକାରିଣୀ ସୁନ୍ଦରୀ ମହିଳା ବିଷୟ ଗମ୍ଭୀର ଭାବରେ ଚିନ୍ତା କଲି । ମହିଳାଟି କିଏ ? ତାଙ୍କ ପାଖକୁ ଚିଠିଦେଲେ କ୍ଷତି କଅଣ ? ତାଙ୍କୁ ଜାଣିବା ଦରକାର ।

"ସଂକ୍ଷେପରେ କହୁଛି; ଶେଷରେ ସେହି ମହିଳାଙ୍କ ବିଷୟ ମୋ ମନକୁ ପୂରା ଅଧିକାର କଲା । ଦୁଇ ସପ୍ତାହ କଟିଗଲା । ମୁଁ ଶାନ୍ତି ପାଇପାରିଲି ନାହିଁ । ସହଜେ ମୋର ଚିନ୍ତାର ଅନେକ କାରଣ ଥିଲା; କିନ୍ତୁ ମୁଁ ସବୁକୁ ଏଡ଼ାଇ ଦେଉଥିଲି । ଏବେ ଏ ନୂଆ ଚିନ୍ତାଟି ଆସି ମୋତେ ବ୍ୟାକୁଳ କରି ପକାଇଲା । ମୁଁ ସେହି ମହିଳାଙ୍କ ଛଡ଼ା ଅନ୍ୟ କୌଣସି ବିଷୟ ଚିନ୍ତା କରିପାରିଲି ନାହିଁ ।

"ମୁଁ ମନେ ମନେ ସେହି ମହିଳାଙ୍କର ଜୀବନ ଇତିହାସ କଳ୍ପନା କରିଗଲି । ମନୁଷ୍ୟ ଯାହା ପାଇବାକୁ ଚାହେଁ, ତା'ହା ତାର ଠିକ ମନୋମତ ହୋଇଥିବ ବୋଲି ଭାବେ । ଗୋଟିଏ ଧନୀ ଓ ଉଚ୍ଚକୁଳର ଜଣେ ମହିଳା ପାଞ୍ଚଲକ୍ଷ ଟଙ୍କାର ଅଧିକାରିଣୀ ହୋଇ ଖବରକାଗଜରେ ବିଜ୍ଞାପନ ଦ୍ୱାରା ବିବାହ କରିବାକୁ ଇଚ୍ଛୁକ ଥିବା ସମ୍ଭବପର ନୁହେଁ । ତେଣୁ ଏ ମହିଳା ଜଣକ କୌଣସି କାରଣରୁ ସମ୍ମାନାସ୍ପଦ ହେଲେହେଁ ସୁଖୀ ନୁହନ୍ତି ।

"ସେତେବେଳକୁ ପାଞ୍ଚଲକ୍ଷ ଟଙ୍କାଟାକୁ ମୁଁ କୁବେରର ଗନ୍ତାଘର ବୋଲି କଳ୍ପନା କରି ନ ଥିଲି । ଆମେ କିରାଣିମାନେ ଏଭଳି ବଡ଼ ବଡ଼ ସଂଖ୍ୟା ସହିତ ସୁପରିଚିତ । ବିବାହ ପ୍ରସ୍ତାବ

Digitized by srujanika@gmail.com

ସଙ୍ଗେ ପାଞ୍ଚଲକ୍ଷ, ଦଶଲକ୍ଷ, ପଚଶଲକ୍ଷ ଏପରକ ପଚ୍ଛଶ ଲକ୍ଷ ଟଙ୍କା ଯୌତୁକର ଲୋଭ ଦେଖାଇ ଦଆଯାଇଥାଏ । କୋଡ଼ଏ ଲକ୍ଷ ତ ସାଧାରଣ କଥା । ଏ ପ୍ରକାର ଯୌତୁକର ପରମାଣକୁ ଆମେ ସାଧାରଣତଃ ବଶ୍ୱାସ କର ନ ଥାଉଁ । କନ୍ତୁ ତାର କେତେକ ଅଂଶକୁ ଅବଶ୍ୟ ବଶ୍ୱାସ କରଥାଉଁ । ଦଶଲକ୍ଷ ସ୍ଥଳେ ଦୁଇଲକ୍ଷ ମିଳବା ସମ୍ଭବପର ହୋଇଥାଏ ।

"କୌଣସି ଧନଶାଳୀ ଲୋକର ରକ୍ଷିତା ସ୍ତ୍ରୀର କନ୍ୟା ହୁଏତ ଦାସୀକାମ କରୁଥିଲା । କନ୍ତୁ ସେହି ଧନୀ ବ୍ୟକ୍ତିଙ୍କର ମୃତ୍ୟୁପରେ ସେ ବପୁଳ ସମ୍ପତ୍ତି ପାଇଲା । ତାହା ସଙ୍ଗେ ସେ ନଜର ନୀଚ ଜନ୍ମରହସ୍ୟ ମଧ୍ୟ ଜାଣିପାରଲା । ସେତେବେଳକୁ ସେ ହୁଏତ କୌଣସି ଯୁବକର ପ୍ରେମରେ ପଡ଼ଥିଲା; କନ୍ତୁ ତାକୁ ନଜ ଜନ୍ମର କଳଙ୍କ ଜଣାଇବ କପର ? ଏପର ସ୍ଥଳେ ସେ ବଜ୍ଞାପନ ସାହାଯ୍ୟରେ କୌଣସି ଅଜ୍ଞାତ ପୁରୁଷକୁ ବବାହ କରବାକୁ ଚେଷ୍ଟା କରବ । ତେଣୁ ଏଭଳ ବଜ୍ଞାପନରୁ ବୁଝିବାକୁ ହେବ ବାଳକାଟିର କଛୁ ଦୋଷଥିବ ।

ମୋର ଏପର ଭାବବାଟା ଭୁଲ ହୋଇପାରେ; କନ୍ତୁ ମୁଁ ଏଥିରେ ବଶ୍ୱାସ କର ଯାଇଥିଲ ।"

ଜଣେ ନୋଟାରୀ ଭାବରେ ମୋର ଜଣେ ମହକଲଙ୍କ ପକ୍ଷରୁ ଲେଖିଲ ପର ମୁଁ ଉକ୍ତ ମହିଳାଙ୍କୁ ଖଣ୍ଡିଏ ପତ୍ରଦେଲ । ଫଳ କଅଣ ହେଉଛି ଜାଣିବାକୁ ଅପେକ୍ଷା କର ରହିଲ । ପାଞ୍ଚଦନ ପରେ ଦନେ ଉପରବେଳା ପ୍ରାୟ ତନଟା ବେଳକୁ ମୁଁ ଖୁବ୍ କାର୍ଯ୍ୟବ୍ୟସ୍ତ ଥିଲବେଳେ ଜଣେ ମୋହରର କହିଲ; ଆଜ୍ଞା, ମିସ୍ ଗ୍ରୁନ୍ଫେଜ୍ ଦେଖା କରବାକୁ ଆସିଛନ୍ତି ।"

'ତାଙ୍କୁ ଭତରକୁ ଡାକଦଅ ।'

Digitized by srujanika@gmail.com

"ଜଣେ ମହିଳା ଅଫିସ ଘରେ ପ୍ରବେଶ କଲେ । ବୟସ ପ୍ରାୟ ତରୁଣ ହେବ । ଦେହ ସାମାନ୍ୟ ମୋଟ; ରଙ୍ଗ ସାମାନ୍ୟ ଶ୍ୟାମଳ ଆଉ ସେ ଟିକିଏ ଚକିତ ଥିଲାପରି ମନେ ହେଉଥିଲା ।

"ସେ ବସିଯାଇ କହିଲେ, 'ମୁଁ ହେଉଛି ସେହି ମହିଳା ।'

"କିନ୍ତୁ ଦୁର୍ଭାଗ୍ୟର କଥା, ମୁଁ ଆପଣଙ୍କୁ ଚିହ୍ନି ନାହିଁ ।'

"ଯାହାଙ୍କ ପାଖକୁ ଆପଣ ବିଜ୍ଞାପନର ଉତ୍ତର ଦେଇଥିଲେ ।'

"ଓ ସେ ବିବାହ ସମ୍ବନ୍ଧରେ ?'

"ହଁ, ମହାଶୟ ।'

"ବେଶ ଭଲ କଥା ।'

"ମୁଁ ନିଜେ ଆସିଲି; କାରଣ ଏ ପ୍ରକାର ବିଷୟ ନିଜେ ନିଜକୁ ବୁଝିବା ନିରାପଦ ।'

'ମୋର ମଧ୍ୟ ସେହି ମତ । ଆସି ଖୁବ୍ ଭଲ କରିଛନ୍ତି । ଆପଣ ବିବାହ କରିବାକୁ ଚାହାନ୍ତି ନା ?

"ହଁ, ମହାଶୟ ।'

"ଆପଣଙ୍କ ପରିବାରରେ ଆଉ କିଏ ଅଛନ୍ତି ?'

ମହିଳା ଟିକିଏ ଇତସ୍ତତଃ ହୋଇ ମୁଣ୍ଡ ନୁଆଇଁ ଦେଲେ । ତପ୍ପରେ ରହି ରହି କହିଲେ, "ନା, ମହାଶୟ, ମୋର ବାପା, ମାଆ ଉଭୟେ ମରିଯାଇଅଛନ୍ତି ।"

"ମୁଁ ଟିକିଏ ଚମକି ପଡ଼ିଲି । ତାହାହେଲେ ମୋର ଅନୁମାନ ଠିକ୍ । ଏହି ପିତୃମାତୃହୀନା ଯୁବତୀ ପ୍ରତି ହଠାତ୍ ମୋର ସହାନୁଭୂତି ଜାଗିଲା । ମୁଁ ତାଙ୍କର ଲଜ୍ଜାଶୀଳତାକୁ ଏଡ଼ି ନ ଦେଇ ପଚାରିଲି, ଆପଣଙ୍କର ସମ୍ପତ୍ତି ଆପଣଙ୍କ ନିଜ ଅଧିକାରରେ ଅଛି ?'

Digitized by srujanika@gmail.com

"ସେ ଲବମାତ୍ର ଦ୍ୱିଧା ପ୍ରକାଶ ନକରି ସଙ୍ଗେ ସଙ୍ଗେ ଉତ୍ତର ଦେଲେ, 'ହଁ, ହଁ, ମହାଶୟ !'"

"ମୁଁ ତାଙ୍କ ଆଡ଼କୁ ଖୁବ୍ ନିରେଖି ଚାହିଁଲି । ବାସ୍ତବରେ ସେ ଦେଖିବାକୁ ମନ୍ଦ ନ ଥିଲେ । ତାଙ୍କର ଦେହର ଗଢ଼ଣ ସୁନ୍ଦର । ମୋ ମୁଣ୍ଡରେ ଗୋଟିଏ ଭାବ ଜାଗିଲା । ଯଦି ତଥାକଥିତ ପାଞ୍ଚଲକ୍ଷ ଟଙ୍କାର ଯୌତୁକ ସତ୍ୟ ହୋଇଥାଏ, ତେବେ ମୋର କଳ୍ପିତ ମହକିଲଙ୍କ ସ୍ଥାନରେ ନିଜକୁ ପ୍ରତିଷ୍ଠିତ କରିବାର ଇଚ୍ଛା ଜାଗ୍ରତ ହେଲା । ମୁଁ ତାଙ୍କୁ କହିଲି, 'ମୋର ମହକିଲ ହେଉଛନ୍ତି ଜଣେ ସମ୍ମାନସ୍ପଦ ବ୍ୟକ୍ତି, ଟିକିଏ ବିଷାଦଗ୍ରସ୍ତ; ସାମାନ୍ୟ ରୋଗାକ୍ରାନ୍ତ ମଧ୍ୟ ।"

"ମହାଶୟ, ମୁଁ ଜଣେ ସୁସ୍ଥ ଶରୀର ବ୍ୟକ୍ତିଙ୍କୁ ଚାହେଁ ।'

"ଆପଣ ତାଙ୍କୁ ନିଜେ ଦେଖିବେ । କାଲି ସେ ଇଂଲଣ୍ଡ ଚାଲି ଯାଇଛନ୍ତି । ତିନି ଚାରି ଦିନପରେ ଆସିବେ ।'

"ବଡ଼ ଦୁଃଖର କଥା ।'

"ହଁ, ଅସୁବିଧା ନିଶ୍ଚୟ । ନା, ନା, ଆପଣଙ୍କର କଅଣ ଆଜି ଚାଲିଯିବା ଦରକାର ?'

"ନା, ମୋର କିଛି ହେଲେ ଜରୁରୀ କାମ ନାହିଁ ।"

"ତାହାହେଲେ ଆପଣ ଏଇଠାରେ ରହିଯାଆନ୍ତୁ । ଏ କେତୋଟା ଦିନ ଯେପରି ଆପଣ ସୁଖରେ ରହିପାରିବେ, ମୁଁ ତାର ବ୍ୟବସ୍ଥା କରିଦେବି ।'

"ସେ ଆପଣଙ୍କର ଅନୁଗ୍ରହ ଓ ବନ୍ଧୁତ୍ୱର ପରିଚୟ ।'

"ଆପଣ କେଉଁ ହୋଟେଲରେ ଅଛନ୍ତି ?"

"ସେ ଗୋଟାଏ ପ୍ରସିଦ୍ଧ ହୋଟେଲର ନାମ କହିଲେ ।"

Digitized by srujanika@gmail.com

"ତେବେ ମିସ୍ ଗ୍ରୁନ୍ତାଫ୍ରଜ, ଆପଣଙ୍କର ଭଗ୍ନୀ—ନା, ନା, ନୋଟାରିକୁ ଅନୁମତି ଦିଅନ୍ତୁ ଯେ ଆପଣଙ୍କୁ ଆଜ ନୈଶଭୋଜରେ ଆପ୍ୟାୟିତ କରିବ।'

"ସେ କିଛିକାଳ ବିବ୍ରତ ହୋଇ କ'ଣ ଉତ୍ତର ଦେବେ ଠିକ୍ କରି ପାରିଲେ ନାହିଁ। ତତ୍ପରେ କହିଲେ, "ହେଉ।'

"ମୁଁ ଠିକ୍ ସାତଟା ସମୟରେ ଆପଣଙ୍କ ହୋଟେଲକୁ ଆସିବି।'

"ହେଉ, ମହାଶୟ।'

"ସନ୍ଧ୍ୟା ପର୍ଯ୍ୟନ୍ତ ବିଦାୟ ନେଉଛି।'

"ହେଉ।'

"ମୁଁ ତାଙ୍କ ସହିତ ଅଳ୍ପଦୂର ଯାଇ ତାଙ୍କଠାରୁ ବିଦାୟ ନେଲି।

"ସାତଟା ସମୟରେ ମୁଁ ତାଙ୍କ ହୋଟେଲରେ ପହଞ୍ଚିଲି। ସେ ମୋ ଉଦ୍ଦେଶ୍ୟରେ ନୂତନ ସାଜସଜ୍ଜାରେ ଭୂଷିତ ହୋଇ ଅପେକ୍ଷା କରିଥିଲେ। ସେ ସଲ୍ଲଜ ଭାବରେ ମୋତେ ଅଭ୍ୟର୍ଥନା କରିନେଲେ। ଭୋଜନ ନିମନ୍ତେ ମୁଁ ତାଙ୍କୁ ଗୋଟିଏ ପରିଚିତ ହୋଟେଲକୁ ନେଇଗଲି। ମୁଁ ଗୋଟିଏ ସୁନ୍ଦର ଖାନାର ବରାଦ ଦେଲି। ଘଣ୍ଟାକ ଭିତରେ ଆମ ଦୁହିଁଙ୍କ ଭିତରେ ବନ୍ଧୁତା ଜନ୍ମି ଯାଇଥିଲା ଓ ସେ ମୋତେ ତାଙ୍କର ଇତିହାସ କହି ଦେଇଥିଲେ।

"ତାଙ୍କର ମାଆ ଥିଲେ ଜଣେ କୁଳୀନ ଘରର ଝିଅ। ଜଣେ ଭଦ୍ରଲୋକ ତାଙ୍କୁ ଭୁଲାଇ ନେଇଥିଲା। ତେଣୁ କୃଷକମାନଙ୍କ ସମାଜରେ ବଢ଼ିଥିଲେ। ପିତାମାତାଙ୍କ ମୃତ୍ୟୁପରେ ଏବେ ସେ ବିପୁଳ ଧନର ଅଧିକାରିଣୀ। ତାଙ୍କର ପିତାମାତାଙ୍କ ନାମ ପଚାରି-ବାରୁ ସେ ପ୍ରକାଶ କରିବାକୁ ନିତାନ୍ତ ଅନିଚ୍ଛା ପ୍ରକାଶ କଲେ। ମୁଁ ମଧ୍ୟ ତାଙ୍କର ପିତାମାତାଙ୍କ ନାମ ଜାଣିବାକୁ ବିଶେଷ ଆଗ୍ରହୀ

Digitized by srujanika@gmail.com

ନଥିଲି । ତାଙ୍କର ଧନ ବିଷୟରେ ପଚାରିବାରୁ ସେ ହିସାବୀ ଲୋକ ପରି ନିଜର ସ୍ୱତ୍ତ୍ୱ, ନିଜସ୍ୱ ଆୟ, ତାଙ୍କର ବ୍ୟାଙ୍କ ଜମା ଇତ୍ୟାଦିର ହିସାବ ଦେଇଗଲେ । ତାଙ୍କର ଅର୍ଥବିଷୟକ ଜ୍ଞାନ ଦେଖି ମୋର ତାଙ୍କଠାରେ ବିଶ୍ୱାସ ଜନ୍ମିଲା । ମୁଁ ଟିକିଏ ଉତ୍ସାହ ପ୍ରକାଶ କଲି ଓ ତାଙ୍କର ପ୍ରଶଂସା କଲି । ତଥାପି ମୋର ଗାମ୍ଭୀର୍ଯ୍ୟ ରଖିଥାଏଁ । ସେ ନିଶ୍ଚୟ ବୁଝିପାରିଥିବେ, ମୁଁ ତାଙ୍କୁ ଭଲ ପାଉଥିଲି ।

"ଗାମ୍ଭୀର୍ଯ୍ୟ ସଙ୍ଗେ ସେ ସୁରୁଚିର ପରିଚୟ ଦେଉଥିଲେ । ମୁଁ ତାଙ୍କୁ କିଛି ଶାମ୍ପେନ ପିଇବାକୁ ଦେଇ ନିଜେ ପିଇଲି । ଏହା ଫଳରେ ମୋର ଚିନ୍ତାଧାରାର ଶୃଙ୍ଖଳା ରହିଲା ନାହିଁ । ଫାଶରେ ପଡ଼ିଯିବ ବୋଲି ମୋର ଭୟ ହେଲା । ମୁଁ ତାଙ୍କୁ ଭୟ କଲି, ନିଜକୁ ମଧ୍ୟ ଭୟକଲି । ମୁଁ ପୁଣି ତାଙ୍କ ସମ୍ପତ୍ତି ବିଷୟ ଉଠାଇ କହିଲି, 'ଆପଣଙ୍କ ସମ୍ପତ୍ତି ବିଷୟରେ ସବୁକଥା ଠିକ୍ ଠିକ୍ ଜାଣିଥିବା ଦରକାର । ମୋର ମହକିଲ ଜଣକ ହେଉଛନ୍ତି ପକ୍କା ହିସାବୀ ।'

"ସେ ଆନନ୍ଦରେ କହିଲେ, 'ହଁ, ମୁଁ ବୁଝୁଛି । ମୁଁ ସବୁ କାଗଜପତ୍ର ଆଣି ଆସିଛି ।"

"ଏଠାକୁ ମାନେ ଏଇ ରୁଏନକୁ ଆଣି ଆସିଛନ୍ତି ?"

"ହଁ ।"

"କଅଣ ଏଇ ହୋଟେଲ୍‌ରେ ରଖିଅଛନ୍ତି ?

"ହଁ; ସବୁ କାଗଜପତ୍ର ଏଇ ହୋଟେଲରେ ରଖିଛି ।'

"ମୋତେ ସେଗୁଡ଼ିକ ଦେଖାଇ ପାରିବେ ?'

'ନିଶ୍ଚୟ ।'

"ଆଜି ସନ୍ଧ୍ୟାରେ ସୁବିଧା ହେବ ।

"ହଁ, କିଛି ଆପତ୍ତିର କାରଣ ନାହିଁ ।

Digitized by srujanika@gmail.com

"ଆମେ ଦୁହେଁ ତାଙ୍କ ହୋଟେଲକୁ ଗଲୁ । ପ୍ରକୃତରେ ସେ ତାଙ୍କର ସବୁ ଦଲିଲ୍ ଦସ୍ତାବିଜ ନେଇ ଆସିଥିଲେ । ପରୀକ୍ଷା କରି ଦେଖିଲି, ସେ ସବୁକୁ ସନ୍ଦେହ କରିବାର କିଛି କାରଣ ନାହିଁ । ମୁଁ ଏତେ ଆନନ୍ଦିତ ହୋଇଗଲି ଯେ, ଆଲିଙ୍ଗନ କରିବାକୁ ମନ ହେଲା । ଏପରି ଅଭିଳାଷ ଅନ୍ୟାୟ ବୋଲି ମୁଁ ଭାବିପାରିଲି ନାହିଁ । ମୁଁ ତାଙ୍କୁ କୋଳକୁ ନେଇଗଲି । ଶାମ୍ପେନ ପ୍ରଭାବରେ ମୁଁ ନିଜକୁ ହରାଇ ଦେଲି । ସେ ମଧ୍ୟ ।

"ସତ କହୁଛି, ଏହାପରେ ସେ ଧୀର ଧୀର ଲୁହ ଗଡ଼ାଇ କାନ୍ଦି କାନ୍ଦି କହିଲେ, 'ଆପଣ ଏହା କୌଣସିଠାରେ ପ୍ରକାଶ କରିବେ ନାହିଁ । କଲେ ମୋର କଥା ସରିଯିବ ।' ମୁଁ ଶପଥ କରି କହିଲି, "ଏ କଥା କେହି ଜାଣିବେ ନାହିଁ ।' ମୋ ମୁଣ୍ଡରେ ଛତୁଲିଆ ବିଛା କାମୁଡ଼ିଲା ।

"କଅଣ କରିବି ? ମୁଁ ମୋର ମହକିଲଙ୍କ ବିଶ୍ୱାସର ଅପ-ବ୍ୟବହାର କରିଛି । ଯଦି ମୋର ଜଣେ ମହକିଲ ପ୍ରକୃତରେ ଥାଆନ୍ତା, ତେବେ କଥାଟା ସେତେ ଗୁରୁତର ହୋଇନଥାନ୍ତା; କିନ୍ତୁ ମୋର ତ ପ୍ରକୃତରେ କେହି ମହକିଲ ନଥିଲେ । ମୁଁ ନିଜେଇ ଥିଲି ମହକିଲ । ଅବଶ୍ୟ ମୁଁ ତାଙ୍କୁ ବିଦାୟ କରିଦେଇ ପାରିଥାନ୍ତି କିନ୍ତୁ ପାଞ୍ଚଲକ୍ଷ ଟଙ୍କାର ଯୌତୁକକୁ ଛାଡ଼ିବି କିପରି ? ତାଙ୍କ ସଙ୍ଗେ ଏଭଳି ବ୍ୟବହାର କରି ତାଙ୍କୁ ବିଦାୟ ଦେବା ମୋ ପକ୍ଷରେ କଅଣ ଉଚିତ ହୋଇଥାନ୍ତା ? ଯେଉଁ ସ୍ତ୍ରୀ ଏତେ ସହଜରେ ଆତ୍ମ ସମର୍ପଣ କରିପାରେ ତାହାଠାରୁ ଉଦ୍ଧାର ପାଇବାର ସମ୍ଭାବନା କେତେ ? ପରେ କେତିକି ଅଶାନ୍ତି ?

"ରାତିଟି ଘୋର ଅଶାନ୍ତିରେ କଟିଲା । ମୋର ଅନୁତାପ ହେଲା; ଭୟ ହେଲା ମଧ୍ୟ । କିନ୍ତୁ ପରଦିନ ସକାଳକୁ ମୋତେ

Digitized by srujanika@gmail.com

ବୃଦ୍ଧି ଦେଖାଗଲା । ମୁଁ ଉତ୍ତମ-ପୋଷାକ ପିନ୍ଧି ଏଗାରଟା ବେଳକୁ ହୋଟେଲକୁ ଯାଇ ତାଙ୍କୁ ଦେଖାକଲି ।

"ମୋତେ ଦେଖିଲା କ୍ଷଣି ତାଙ୍କର ମୁହଁ ଲଜ୍ଜାରେ ରକ୍ତିମ ହୋଇଗଲା । ମୁଁ ସାହସ ବାନ୍ଧି କହିଲି, 'ଭଦ୍ରେ ! ଆମେ ଯେଉଁ ଭୁଲ କରିଥାଏଁ, ତାହାର ଗୋଟିଏ ମାତ୍ର ପ୍ରତିକାର ଅଛି । ମୁଁ ଆପଣଙ୍କର ପତିତ୍ୱ ପ୍ରାର୍ଥନା କରୁଛି ।"

"ସେ ଧୀର ସ୍ୱରରେ କହିଲେ, "ମୁଁ ଆନନ୍ଦରେ ଏହି ପ୍ରସ୍ତାବରେ ସ୍ୱୀକୃତି ଦେଉଅଛି ।"

"ମୁଁ ତାଙ୍କୁ ବିବାହ କଲି । ଆମର ବୈବାହିକ ଜୀବନରେ ଛଅ ମାସଯାଏ କିଛି ବିଘ୍ନ ଦେଖାଯାଇ ନ ଥିଲା । ତାଙ୍କଠାରେ ମୁଁ କୌଣସି ଦୋଷ ଦେଖିପାରି ନ ଥିଲି ।

"ଏହାପରେ ମୁଁ ଲକ୍ଷ କଲି, ମଧ୍ୟେ ମଧ୍ୟେ ସେ କୌଣସି ଦୂର ସ୍ଥାନକୁ ବୁଲି ଯାଉଅଛନ୍ତି । ପୁଣି ତାଙ୍କର ବୁଲିଯିବାର ଗୋଟାଏ ନିର୍ଦ୍ଦିଷ୍ଟ ଦିନ ଓ ସମୟ ଥିଲା । ଗୋଟିଏ ସପ୍ତାହର ମଙ୍ଗଳବାର ଦିନ ଗଲେ ପରବର୍ତ୍ତୀ ସପ୍ତାହରେ ବୁଧବାର ଦିନ ଯାଉଥିଲେ । ମୁଁ ସନ୍ଦେହ କଲି ଯେ, ସେ କୌଣସି ପ୍ରେମିକ ନିକଟକୁ ଯିବା ଆସିବା କରୁଛନ୍ତି । ଥରେ ମଙ୍ଗଳବାର ହୋଇଥାଏ । ସେ ବାହାରି ଗଲେ । ମୁଁ ତାଙ୍କ ପଛେ ପଛେ ଛପି ଛପି ଚାଲିଲି । ଘରୁ ପ୍ରାୟ ଗୋଟାକବେଳେ ବାହାରି ସେ ଚାଲି ଚାଲି ରିପବ୍ଲିକ ଷ୍ଟ୍ରୀଟକୁ ଗଲେ । ସେଠାରୁ ଡାହାଣକୁ ବାଟଭାଙ୍ଗି କିଛି ଦୂର ଯାଇ ଗ୍ରେଟ ବ୍ରିଜ ଷ୍ଟ୍ରୀଟ ବାଟେ ସିନ ନଦୀକୂଳରେ ପହଞ୍ଚିଲେ । ନଦୀ ଧାରରେ କିଛି ଦୂର ଯାଇ ସେ ପିଟରସ ବ୍ରିଜବାଟେ ନଦୀ ପାର ହେଲେ । ଏଣିକି ସେ ବିବ୍ରତ ହେଲାପରି ଜଣାଗଲା । ଚାରିଆଡ଼େ ସେ ଲୋକମାନଙ୍କ ମୁହଁକୁ ଚାହୁଁଥିଲେ ।"

Digitized by srujanika@gmail.com

"ମୁଁ ଗୋଟାଏ କଳା ପୋଷାକ ପିନ୍ଧିଥିବାରୁ ସେ ଦୂରରୁ ମୋତେ ଚହ୍ନିପାରି ନ ଥିଲେ । ଶେଷରେ ସେ ବାମ ପାଖର ଡକ୍‌ରେ ପ୍ରବେଶ କଲେ । ମୁଁ ଭାବିଲି—ଗୋଟାଏ ଗୃଳଣ ମିନଟରେ ଟ୍ରେନ ଆସି ପହଞ୍ଚିବ । ସେହି ଗାଡ଼ିରେ ତାଙ୍କର ପ୍ରେମିକ ଆସିବ ।

"ଗୋଟିଏ ଧାଡ଼ଟଣା ଶଗଡ଼ ଦେଖି ମୁଁ ତା ପଛରେ ଲୁଚି ବସି ପଡ଼ିଲି । ଗାଡ଼ିର ହୁଇସିଲ ଶୁଣାଗଲା । ଯାତ୍ରୀମାନଙ୍କର ଗୋଳମାଳ ଲାଗିଲା । ମୁଁ ମୋର ସ୍ତ୍ରୀକୁ ଲକ୍ଷ୍ୟ କରିଥାଏଁ । ଜଣେ ଗୃଷୀ ଝିଅ ଗୋଟିଏ ତିନି ବର୍ଷର ଝିଅକୁ ଧରି ଆସୁଥିଲା । ମୋ ସ୍ତ୍ରୀ ଦଉଡ଼ି ଯାଇ ତାକୁ କୋଳକୁ ନେଇ ଆଦର କରିବାକୁ ଲାଗିଲେ । ଠିକଏ ବୁଲିପଡ଼ି ଆଉ ଗୋଟିଏ ପିଲାକୁ ଦେଖି ତାକୁ ମଧ୍ୟ କୋଳକୁ ନେଇଗଲେ । ଏହି ପିଲାଟି ଆହୁରି ଛୋଟ ! ତାକୁ ଜଣେ ଗୃକରାଣୀ ଘେନି ଆସିଥିଲା । ପିଲାଟି ପୁଅ କି ଝିଅ ମୁଁ ସ୍ଥିର କରିପାରି ନ ଥିଲି । ପିଲା ଦୁଇଟିଙ୍କୁ କୋଳରେ ଧରି ମୋ ସ୍ତ୍ରୀ ଦାସୀ ଦୁହିଁଙ୍କ ସହିତ କୁଇନ୍‌ସ ପଡ଼ିଆର ଗୋଟିଏ ନିର୍ଜ୍ଜନ ସ୍ଥାନକୁ ଗୃଲିଗଲେ ।"

"ମୁଁ ବିଚଳିତ ମନରେ ଘରକୁ ଗୃଲି ଆସିଲି । ଘଟଣା କଅଣ ବୁଝି ପାରୁ ନ ଥାଏଁ । ମୋ ମନରେ ନାନା ସନ୍ଦେହ ହେଉଥାଏ ।"

"ସେଦିନ ଭୋଜନ ସମୟରେ ମୁଁ ପଗ୍ଭରିଲି, ସତ କରି କୁହ, ସେ ପିଲା ଦୁଇଟି କିଏ ?"

'କେଉଁ ପିଲା ?'

'ଯେଉଁ ପିଲାଙ୍କୁ କିଛି ସମୟ ପାଇଁ କୋଳରେ ଧରିବାପାଇଁ ତୁମେ ସେଣ୍ଟ ସେଭିରସ ଗାଡ଼ିକୁ ଅପେକ୍ଷା କରି ରହିଥିଲ ।'

Digitized by srujanika@gmail.com

"ମୋର ସ୍ତ୍ରୀ ଶିକାର କରି ଅଚେତ ହୋଇ ପଡ଼ିଲେ । ଚେତା ଫେରି ଆସିବାରୁ କାନ୍ଦି କାନ୍ଦି ସେ ସବୁ କଥା ସ୍ୱୀକାର କରିଗଲେ । କହିଲେ, ତାଙ୍କର ଚାରିଟି ପିଲା; ଦୁଇଟି ଝିଅ, ଦୁଇଟି ପୁଅ । ମଙ୍ଗଳବାର ଦିନ ଦୁଇ ଝିଅଙ୍କର ପାଳି । ବୁଧବାର ଦିନ ଦୁଇ ପୁଅଙ୍କର ।"

"କି ଘୋର ଲଜ୍ଜାର ବ୍ୟାପାର । ସେ କାହାଠାରୁ ସମ୍ପତ୍ତି ପାଇଥିଲେ ବୁଝି ପାରୁଥିବେ । ଚାରି ପିଲାଙ୍କର ଚାରି ପିତା । ଏହିପରି ସେ ନିଜର ପାଞ୍ଚଲକ୍ଷ ଟଙ୍କାର ଯୌତୁକ ପାଇଥିଲେ । ଏବେ ଆପଣ ମୋତେ ପରାମର୍ଶ ଦିଅନ୍ତୁ, ମୁଁ କଅଣ କରିବି ?"

ଓକିଲ ମହାଶୟ ଗମ୍ଭୀର ହୋଇ କହିଲେ :

"ପିଲାମାନଙ୍କୁ ନିଜର ବୋଲି ସ୍ୱୀକାର କରି ନିଅନ୍ତୁ ।"

ପ୍ରଥମ ଓ ଶେଷ ପ୍ରେମ

ପୁରାତନ ସ୍ମୃତିଗୁଡ଼ିକ ଏତେ ପ୍ରଭାବଶାଳୀ ଯେ, ଯେତେ ଚେଷ୍ଟାକଲେ ସୁଦ୍ଧା ଆମେ ସେଗୁଡ଼ିକୁ ଦୂରକୁ ଫିଙ୍ଗିଦେଇପାରୁନାହିଁ । ସେଗୁଡ଼ିକ ଆମ ପଛେ ପଛେ ଭୂତ ପରି ଗୋଡ଼ାଇଥାନ୍ତି ।

ମୁଁ ଯେଉଁ ଘଟଣାଟି କହିବାକୁ ଯାଉଛି, ତାହା ଏତେ ପୁରାତନ ହେଲେ ମଧ୍ୟ କିପରି ମୋ ସ୍ମୃତିରେ ଆଜଯାଏ ରହିଛି ଭାବି ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଏଁ । ସେ ସମୟଠାରୁ ଆଜି ମଧ୍ୟରେ ମୁଁ କେତେ ଅଦ୍ଭୁତ ଘଟଣା ଦେଖିଛି; କେତେକ ହୃଦୟସ୍ପର୍ଶୀ, ପୁଣି କେତେକ ଭୀଷଣ । କିନ୍ତୁ ମୋ ଜୀବନରେ ଗୋଟିଏ ଦିନ ଯାଇନାହିଁ, ଯେଉଁ ଦିନ କି ମୁଁ ମଞ୍ଜୀ ମାଉସୀ କଥା ମନେ ପକାଇନାହିଁ । ମୁଁ ଦଶବାର ବର୍ଷର ପିଲା ହୋଇଥିଲି ବେଳେ ତାଙ୍କୁ ଯେପରି ଦେଖିଥିଲି, ଏବେ ମୋ ମନ ଭିତରେ ତାଙ୍କୁ ଠିକ୍ ସେହିପରି ଦେଖେଁ ।

Digitized by srujanika@gmail.com

ବୁଢ଼ୀ ମଲ୍ଲୀ ମାଉସୀ ପ୍ରତି ସପ୍ତାହରେ ଗୁରୁବାର ଦିନ ଆମ ଘରକୁ ଆସି ଚିରା ଲୁଗାପଟା ସିଲାଇ କରୁଥିଲା । ମୋର ବାପ ମାଆ ମଫସଲର ଖମାର ଘରେ ରହୁଥିଲେ । ଘରଟି ପୁରୁଣା; ଏହାକୁ ଲାଗି ତିନି ଶହ ଏକର ଜମିରେ କୃଷିବାସ ହେଉଥିଲା ।

ସେ ଗାଆଁଟି ବେଶ୍ ବଡ଼ ଥିଲା; ଗୋଟିଏ ଛୋଟ ସହର କହିଲେ ଭୁଲ ହେବନାହିଁ । ଏହା ଆମ ଖମାର ଘରଠାରୁ ଦୁଇ ଶହ ଗଜ ଦୂରରେ ଅବସ୍ଥିତ ଥିଲା । ଗ୍ରାମ ଭିତରେ ଥିଲା ଗୋଟିଏ ଗୀର୍ଜା । ଲୋକମାନେ ଏହି ଗୀର୍ଜାର ଚାରିପାଖେ ବାସ କରୁଥିଲେ । ଗୀର୍ଜାଟି ଏତେ ପୁରୁଣା ଯେ ତାର ଉପରଟା କଳା ପଡ଼ିଯାଇଥିଲା ।

ଗୁରୁବାର ଦିନ ସକାଳ ସାଢ଼େ ଛଅଟା ଠାରୁ ସାତଟା ଭିତରେ ସେ ଆମ ଘରେ ପହଞ୍ଚି ଯାଉଥିଲା । ସଙ୍ଗେ ସଙ୍ଗେ ସେ ଆମର ଲୁଗାପଟା ରହୁଥିବା କୋଠରୀକୁ ଯାଇ ତାର ସିଲେଇ କାମରେ ଲାଗିଯାଏ । ସେ ଢେଙ୍ଗୀ; ତାର ଦେହଟି ପାତଳା । ତା ମୁହଁସାକ ରୁମ ଥାଏ । ଆଉ ଗୋଟାଏ ଆଶ୍ଚର୍ଯ୍ୟର କଥା ତା ମୁହଁରେ ଗୋଟାଏ ଦାଢ଼ି ଥାଏ । ଦେଖିଲେ ମନେ ହୁଏ, କିଏ ଜଣେ ପାଗଳ ତା ମୁହଁରେ ଗୁଡ଼ାଏ ବାଳ ଖଞ୍ଜି ଦେଇଛି । କାହାରି କାହାରି ମତରେ ସେ ହେଉଛି ବ୍ଲାଉସପିନ୍ଧା ଜଣେ କନେଷ୍ଟବଲ । ନାକ ଉପରେ, ନାକ ତଳେ, ଓଠରେ, ଗାଲରେ ତାର ସବୁଠାରେ ରୁମ । ସେଥିରେ ପୁଣି ତାର ଭ୍ରୂଲତା ଦୁଇଟିର ଲୋମଗୁଡ଼ିକ ଏତେ ଲମ୍ବ ଯେ ତାହା ଯୋଡ଼ିଏ ନିଶ ବୋଲି ଭ୍ରମ ହେଉଥିଲା; କେବଳ କେହି ଭୁଲରେ ତାକୁ ନାକତଳେ ନ ରଖି କପାଳରେ ଲଗାଇ ଦେଇଥିଲା ।

Digitized by srujanika@gmail.com

ସେ ଗ୍ରେଟଠେଇ ଗ୍ରେଟଠେଇ ଚାଲୁଥିଲା, କିନ୍ତୁ ସାଧାରଣତଃ ଗ୍ରେଟମାନେ ଯେପରି ଚାଲନ୍ତି, ସେପରି ନୁହେଁ । ସେ ଚାଲିଲାବେଳେ ଗୋଟାଏ ଜାହାଜ ଲହରୀରେ ଉଠିଲା ପଡ଼ିଲା ପରି ଚାଲୁଥିଲା । ଯେତେବେଳେ ସେ ଭଲ ଗୋଡ଼ଟି ଉପରେ ଦେହର ସମସ୍ତ ଭାର ରଖି ଗ୍ରେଟା ଗୋଡ଼କୁ ଉଠାଇବାକୁ ପ୍ରସ୍ତୁତ ହେଉଥିଲା, ସେତେବେଳେ ମନେ ହେଉଥିଲା, ସତେ ଅବା ଜାହାଜଟିଏ ଲହରୀ ଉପରକୁ ଉଠି ଯାଉଅଛି । ପର ମୁହୂର୍ତ୍ତରେ ଜାହାଜ ଲହରୀର ଅପର ପାର୍ଶ୍ୱରେ ଲୁଚି ଗଲା ପରି ସେ ତଳକୁ ପଡ଼ିଯାଉଥିଲା । ତାର ଚାଲିଟା ଗୋଟାଏ ବାତ୍ୟାନ୍ଦୋଳିତ ଜାହାଜ ସହିତ ତୁଳନୀୟ ହୋଇପାରେ । ଥରେ ପାଦ ପକାଇଲା ବେଳକୁ ତାର ମୁଣ୍ଡର ଧଳା ଟୋପି ଓ ସେଥିରୁ ଓହଳିଥିବା ରିବନ ତାର ପଛପଟେ ଉତ୍ତରରୁ ଦକ୍ଷିଣକୁ, ଦକ୍ଷିଣରୁ ଉତ୍ତରକୁ ଉଡ଼ିଯାଉଥାଏ ।

ମୁଁ ମଲ୍ଲୀ ମାଉସୀକୁ ଖୁବ୍ ଭକ୍ତି କରୁଥିଲି । ମୁଁ ଉଠିଲା କ୍ଷଣି ଲୁଗାରଖା ଘରକୁ ଚାଲିଯାଉଥିଲି । ସେତେବେଳକୁ ମଲ୍ଲୀ ମାଉସୀ କାମରେ ଲାଗିଥାଏ । ମୋତେ ଦେଖିଲାକ୍ଷଣି ପାଖରେ ଉଷୁମ ଜାଗାରେ ବସାଇ ଗପ କହୁଥିଲା; ତାହା ସଙ୍ଗେ ତାର ବଙ୍କା ଲମ୍ବା ଆଙ୍ଗୁଠିରେ ସେ ଲୁଗା ମରାମତି କରୁଥିଲା । ତାକୁ ଭଲ ଦେଖାଯାଉ ନ ଥିବାରୁ ସେ ଚଷମା ବ୍ୟବହାର କରୁଥିଲା । ସେ ଚଷମାର ଅଦ୍ଭୁତ ଶକ୍ତି ଥିଲା ! ତାକୁ ପିନ୍ଧିଥିବାବେଳେ ତାର ଆଖି ଦୁଇଟା ଦୁଇଗୁଣ ବଡ଼ ଦିଶୁଥିଲା ।

ସେ ଯାହାସବୁ କହୁଥିଲା, ସେଥିରୁ ମୋର ଏତିକି ମନେ ପଡ଼ୁଛି ଯେ ତା କଥାରେ ମୋର ପିଲାମନ ହଲି ଯାଉଥିଲା ଓ ତାର ମନ ଉଦାର ଥିଲା । ଗାଆଁରେ କଅଣ କଅଣ ଘଟିଛି, କାହାର ଗାଈଟାଏ କିପରି ଗୁହାଳରୁ ପଳାଇ ଯାଇଥିଲା ଆଉ

Digitized by srujanika@gmail.com

ପରଦିନ କପର ମିଳଲା, କପର ଗୀର୍ଜା ପାଖରେ ଗୋଟାଏ କୁକୁଡ଼ା ଅଣ୍ଡା ମିଳଥିଲ ଓ କାହାର କୁକୁଡ଼ା ତାହ ଜଣା ପଡ଼ ନ ଥିଲା, କପର ଜଣେ ଗେୃର ମି: ଜାନଙ୍କର କୁକୁରଟା ଗେୃଷଇ ନେଇଥିଲ ଓ ତାଙ୍କ କୁକୁର ଦଶ ମାଇଲ ବାଟ ଯାଇ ତାକୁ ଘେନ ଆସିଥିଲ—ଏହି ସବୁ କଥା ସେ ଏପର ଭାବରେ ବର୍ଣ୍ଣନା କରୁଥିଲ ଯେ, ସେସବୁ ମୁଁ ଆଦୌ ଭୁଲିପାରୁ ନ ଥିଲି । ସନ୍ଧ୍ୟାବେଳେ ମାଆ ମଧ୍ୟ ମୋତେ ଗପ କହୁଥିଲେ । ବଡ଼ ବଡ଼ କବି ଓ ଲେଖକମାନେ ସେହି ଗପ ଲେଖିଥିଲେ । କିନ୍ତୁ ମଲ୍ଲୀ ମାଉସୀର ଗପରେ ମୁଁ ଯେପର ମଜ୍ଜା ପାଉଥିଲି, ମାଆଙ୍କ ଗପରେ ସେପର ମଜ୍ଜା ପାରୁ ନ ଥିଲି ।

ଦିନେ ଗୁରୁବାର ସକାଳବେଳାଟା ମଲ୍ଲୀମାଉସୀଠାରୁ ଗପ ଶୁଣି ଶୁଣି କଟାଇଦେଲି । ମୁଁ ଗୃହକରଚୋକା ସାଥିରେ ଯାଇ ଗଛରୁ କିଛି କୋଳି ତୋଳି ଖାଇଲି । ପୁଣି ମନ ହେଲା, ମଲ୍ଲୀମାଉସୀଠାରୁ ଗପ ଶୁଣିବି । ମୁଁ ଉପର ମହଲାକୁ ଯାଇ ଲୁଗାରଖା ଘରର କବାଟଟା ଫିଟାଇ ଦେଲି । ଦେଖିଲି ମଲ୍ଲୀମାଉସୀ ଚଉକି ପାଖରେ ମେଜିଆ ଉପରେ ଲମ୍ବ ହୋଇ ପଡ଼ିଛି; ମୁହଁ ତଳେ ଲଗିଛି, ଆଉ ହାତ ଦୁଇଟା ଦୁଇ ପାଖକୁ ମେଲେଇ ହୋଇ ଯାଇଛି । ତାର ଗୋଟାଏ ହାତରେ ଅଛି ଛୁଞ୍ଚି ଓ ଆଉ ହାତରେ ମୋର ଗୋଟାଏ ଚିରା କମିଜ । ତାର ଭଲ ଗୋଡ଼ଟା ଚଉକି ତଳକୁ ଲମ୍ବିଥିଲା; ତାର ଚଷମା କାନ୍ଥ ପାଖରେ ପଡ଼ି ଜକଜକ ଦିଶୁଥିଲା ।

ମୁଁ ଭୟରେ ପାଟିକରି ତଳକୁ ଗୃଲିଗଲି । ସମସ୍ତେ ଦଉଡ଼ି ଆସିଲେ । ଶୁଣିଲି, ମଲ୍ଲୀମାଉସୀ ମରିଯାଇଛି ।

ମୋର ସେତେବେଳର ପିଲାମନରେ ଯେ କି ଦୁଃଖ ହୋଇଥିଲା, ତାହା ପ୍ରକାଶ କରିବା ଅସମ୍ଭବ । ମୁଁ

Digitized by srujanika@gmail.com

ବୈଠକଖାନାକୁ ଯାଇ ଗୋଟାଏ ଆରାମ ଚଉକରେ ମୁହଁମାଡ଼ି ଅନେକ ବେଳଯାଏ କାନ୍ଦିଲି । ରାତି ହୋଇ ଆସିଲା । ଜଣେ କିଏ ବତି ଧରି ସେ ଘରେ ପଶିଲା; କିନ୍ତୁ ସେ ମୋତେ ଦେଖି ପାରି ନ ଥିଲା । ମୋର ବାପ ମାଆ ଜଣେ ଲୋକ ସାଥିରେ କଥାବାର୍ତ୍ତା ହେଉଥିଲେ । ସ୍ୱରରୁ ବାରିଲି ସେ ଜଣକ ଡାକ୍ତର ।

ଡାକ୍ତରଙ୍କୁ ଡକା ହୋଇଥିଲା । ମଲ୍ଲୀମାଉସୀ କାହିଁକି ହଠାତ୍ ମରିଗଲା, ତାହା ସେ ବୁଝାଉଥିଲେ । କିନ୍ତୁ ସେଥିରୁ ମୁଁ କିଛି ବୁଝି ପାରି ନ ଥିଲି । ଡାକ୍ତର ବସିବା ପରେ ଖାଇବା ପାଇଁ ତାଙ୍କୁ ବିସ୍କୁଟ ଓ ମଦ ଦିଆଯାଇଥିଲା ।

ଖାଇ ପିଇସାରି ସେ ଯାହା କହିଲେ, ତାହା ମୁଁ ଜୀବନରେ ଭୁଲି ପାରିବି ନାହିଁ । ତାଙ୍କର କଥାଗୁଡ଼ିକ ମୋର ସ୍ପଷ୍ଟ ମନେ ଅଛି । ତାଙ୍କର ଭାଷାରେ ତାହା କହୁଛି ।

"ଏ ସ୍ତ୍ରୀଟି ଅତି ଦୁଃଖିନୀ । ମୁଁ ଯେଉଁଦିନ ଏହି ଗାଆଁରେ ପହଞ୍ଚିଲି ଠିକ୍ ସେହି ଦିନ ତାର ଗୋଡ଼ ଭାଙ୍ଗିଯାଇଥିଲା । ମୁଁ ହାତ ଧୋଇବାକୁ ଯାଉଥିଲି, ଖବର ମିଳିଲା ଗୋଟାଏ ଦୁର୍ଘଟନା ଘଟିଛି, ତତ୍‌କ୍ଷଣାତ୍ ଯିବାକୁ ହେବ । ମୁଁ ଚାଲିଗଲି ।

ତାର ବୟସ ସେତେବେଳକୁ ସତର ବର୍ଷ, ସେ ଥିଲା ଖୁବ୍ ସୁନ୍ଦରୀ । ଏଇ ବୁଢ଼ୀ ଯେ ଦିନେ ଏଡ଼େ ସୁନ୍ଦରୀ ଥିଲା କେହି ବିଶ୍ୱାସ କରିବେ ନାହିଁ । ମୁଁ ତାର ଜୀବନ କାହାଣୀ ଆଜି ପର୍ଯ୍ୟନ୍ତ କାହାକୁ କହିନାହିଁ । ପ୍ରକୃତରେ ସେ କଥା ମୁଁ ଓ ଆଉ ଜଣକ ଛଡ଼ା ଅନ୍ୟ କେହି ଜାଣି ନ ଥିଲେ । ସେ ଜଣକ ଏବେ ଆଉ ଏ ଅଞ୍ଚଳରେ ନାହିଁ । ବୁଢ଼ୀ ମଧ୍ୟ ମଲା । ତେଣୁ ବର୍ତ୍ତମାନ ତାର ଜୀବନ କାହାଣୀ ପ୍ରକାଶ କରିବାରେ ମୁଁ କିଛି କ୍ଷତି ଦେଖି ପାରୁନାହିଁ ।

Digitized by srujanika@gmail.com

ଜଣେ ଯୁବକ ଗ୍ରାମ ସ୍କୁଲର ସହକାରୀ ଶିକ୍ଷକ ହୋଇ ଆସିଲେ । ସେ ଗାଁ ମଧ୍ୟରେ ରହୁଥିଲେ । ଯୁବକ ଦେଖିବାକୁ ସୁନ୍ଦର ଥିଲେ ଓ ଗୃହଚଳନରେ ସେ ଜଣେ ସୈନିକ ପରି ଥିଲେ । ଗାଆଁର ଯୁବତୀ ଝିଅମାନେ ତାଙ୍କ ପଛେ ଗୋଡ଼ାଉଥିଲେ, କିନ୍ତୁ ସେ କାହାରିକୁ ପାଖେ ପୂରାଉ ନ ଥିଲେ । ତାହାଛଡ଼ା ସେ ହେଡ଼ମାଷ୍ଟରଙ୍କ ଭାରି ଭୟ କରୁଥିଲେ । ଏହି ହେଡ଼ମାଷ୍ଟରଙ୍କର ନାମ ଥିଲା ମି: ଗ୍ରାବୁ । ଅନେକ ସମୟରେ ରାତିରେ ବିଛଣାରୁ ଉଠି ସେ ସହକାରୀ ଶିକ୍ଷକମାନେ କଅଣ କରୁଛନ୍ତି ବୁଲି ଦେଖୁଥିଲେ ।

ଏଇ ଯେ ମରି ପଡ଼ିଛି, ତାର ପ୍ରକୃତ ନାମ ହେଉଛି ମିସ୍ ହର୍ଟେନ୍‌ସ । ମି: ଗ୍ରାବୁ ତାକୁ ସ୍କୁଲର ଶିକ୍ଷୟିତ୍ରୀ ରୂପେ ନିଯୁକ୍ତ କଲେ । ଶ୍ରେଷ୍ଠୀ ହୋଇ ସ୍କୁଲ ଛାଡ଼ିବା ପରେ ତାର ଡାକ ନାମ ହୋଇଯାଇଥିଲା ମଲ୍ଲୀ ।

ଏହି ଶିକ୍ଷକଟି ଅନ୍ୟ ଝିଅମାନଙ୍କୁ ଘୃଣା କରୁଥିଲେ ହେଁ ମିସ୍ ହର୍ଟେନ୍‌ସଙ୍କ ସହିତ ଖୁବ୍ ମିଶୁଥିଲେ । କ୍ରମେ ସେ ଦୁହେଁ ପରସ୍ପର ପ୍ରତି ଆକୃଷ୍ଟ ହେଲେ । ମିସ୍ ହର୍ଟେନସଙ୍କର ମନରେ ଗର୍ବ ହେଲା ଯେ ସେ ଏପରି ଜଣେ ସୁନ୍ଦର ପୁରୁଷକୁ ନିଜର କରିପାରିଛନ୍ତି । ଦୁହିଁଙ୍କ ମଧ୍ୟରେ କ୍ରମେ ପ୍ରେମର ସଞ୍ଚାର ହେଲା । କିନ୍ତୁ ସ୍କୁଲରେ କଅଣ, ଅନ୍ୟ ସମୟରେ ମଧ୍ୟ ହେଡ଼ମାଷ୍ଟରଙ୍କର ତୀକ୍ଷ୍ଣ ଦୃଷ୍ଟି ସେମାନଙ୍କ ଉପରେ ରହିଥାଏ । ତେଣୁ ସ୍କୁଲରେ ସେମାନଙ୍କ ମଧ୍ୟରେ ପ୍ରେମାଳାପ ହୋଇପାରେ ନାହିଁ । ଦିନେ ରାତିରେ ନିଭୃତ ମିଳନ ପାଇଁ ସେମାନେ ଗୋଟାଏ ଦୁଃସାହସିକ ଉପାୟ ସ୍ଥିର କଲେ ।

ସ୍କୁଲ ଘରର ପଛକୁ ଗୋଟାଏ ଘର ଥିଲା । ସେ ଘରର ଉପର ମହଲରେ ନଡ଼ା ଛଣ ଛଡ଼ା ଆଉ କିଛି ରହୁ ନ ଥିଲା ।

Digitized by srujanika@gmail.com

ଦିନର କାମ ଶେଷ ପରେ ରାତ୍ରରେ ଦୁହେଁଯାକ ସେହି ନଡ଼ାଘରେ ପରସ୍ପରକୁ ଭେଟିବାର ସ୍ଥିର ହେଲା ।

କାମ ଶେଷ ହେଲା ପରେ ମିସ୍ ହର୍ଟେନସ ଘରକୁ ଯିବାର ଛଳନା କରି ମି. ଗ୍ରାବୁଙ୍କଠାରୁ ବିଦାୟ ନେଲେ । କିନ୍ତୁ ପ୍ରକୃତରେ ଘରକୁ ନ ଯାଇ ସେ ପାଖ ଘରର ଉପର ମହଲାରେ ନଡ଼ା ଭିତରେ ଲୁଚି ରହିଲେ । ଅପେକ୍ଷା କରିଥାନ୍ତି କେତେବେଳେ ତାଙ୍କର ପ୍ରିୟ ଶିକ୍ଷକ ଆସିବେ । ସେହି ଶିକ୍ଷକ ନିର୍ଦ୍ଦିଷ୍ଟ ସମୟରେ ଆସି ନଡ଼ା ଘରେ ଉପସ୍ଥିତ ହେଲେ । ଦୁହିଁଙ୍କ ଭିତରେ ଧୀର ସ୍ୱରରେ କଥାବାର୍ତ୍ତା ହେଲା । ହଠାତ୍ କେହି ଜଣେ ଉପରକୁ ଉଠି କବାଟ ଫିଟାଇ ଡାକିଲା, "ସେଠି କଅଣ କରୁଛ, ମି: ପିଗିପବର୍ଟ ?" ଶିକ୍ଷକ ଦେଖିଲେ ଏ ହେଉଛନ୍ତି ସ୍ୱୟଂ ହେଡ଼ମାଷ୍ଟର ମି: ଗ୍ରାବୁ । ସେ ନିଶ୍ଚୟ ଧରା ପଡ଼ିବେ । ହେଡ଼ମାଷ୍ଟରଙ୍କ ପ୍ରଶ୍ନର କି ଉତ୍ତର ଦେବେ, ତାଙ୍କୁ ବୁଦ୍ଧି ଦିଶିଲା ନାହିଁ । ସେ ଖନେଇ ଖନେଇ କହିଲେ, "ମୁଁ ଏ ନଡ଼ାଗଦା ପାଖରେ ଟିକଏ ବିଶ୍ରାମ ନେବାକୁ ଆସିଛି ।" ଏଭଳି ନିର୍ବୋଧ ଉତ୍ତରରେ ମି: ଗ୍ରାବୁଙ୍କ କଥା ଦୂରେ ଥାଉ, ସାମାନ୍ୟ ପିଲାଟାଏ ସୁଦ୍ଧା ସନ୍ତୁଷ୍ଟ ହୁଅନ୍ତା ନାହିଁ ।

ସେ ଘରଟା ଖୁବ୍ ବଡ଼ ଓ ଏକବାରେ ଅନ୍ଧାର । ପିଗିପବର୍ଟ ମିସ୍ ହର୍ଟେନସଙ୍କୁ ଦୂରକୁ ଠେଲି ଦେଇ କାନ ପାଖରେ କହିଲେ, "କାନ୍ଥ ପାଖରେ ଲୁଚିଯାଅ । ତୁମେ ଥିବାର ଜଣା ପଡ଼ିଲେ ମୋର ଚାକିରିଟି ଯିବ । ଶୀଘ୍ର ଲୁଚିଯାଅ ।"

ମି: ଗ୍ରାବୁ ଜାଣି ପାରିଲେ ପିଗିପବର୍ଟ କାହାକୁ ଚୁପ୍ ଚୁପ୍ କରି କିଛି କହୁଛନ୍ତି । ସେ କହିଲେ, "ପିଗିପବର୍ଟ, ତୁମେ ତ ଏକୁଟିଆ ନାହଁ । ଆଉ କିଏ ଜଣେ ତୁମ ପାଖରେ ଅଛି ?"

"ନା, ନା, ମହାଶୟ, ମୁଁ ଏକା ଅଛି ।"

Digitized by srujanika@gmail.com

"କିନ୍ତୁ ତୁମେ ଏକୁଟିଆ ନାହଁ । ତୁମେ ଆଉ ଜଣକୁ କଅଣ କହୁଥିଲ । ମୁଁ ନିଜେ ଶୁଣିଛି ।"

"ମୁଁ ଶପଥ କରୁଛି, ମୁଁ ଏକୁଟିଆ ଅଛି । ଆଉ କେହି ନାହିଁ ।"

"ଆଚ୍ଛା, ମୁଁ ଯାଇ ଦେଖିବ ।" ଏହା କହି ମିଃ ଗ୍ରାବୁ କବାଟରେ ତାଲା ପକାଇ ଆଲୁଅ ଆଣିବାକୁ ତଳକୁ ଚାଲିଗଲେ ।

ମି: ସିଗିସବର୍ଟଙ୍କର ସାହସ ନ ଥିଲା । ଚେହେରାଟି ଜଣେ ସୈନିକର ଚେହେରା ପରି ହୋଇଥିଲେ ହେଁ, ସେ ଥିଲେ ନିତାନ୍ତ ଭୀରୁ । ସେ ମିସ୍ ହର୍ଟେନସଙ୍କୁ ଠେଲି ଦେଇ କହିଲେ, "ଲୁଚିଯାଅ, ଯେପରି ସେ ତୁମକୁ ଦେଖି ନ ପାରନ୍ତି । ଜାଣ, ସେ ତୁମକୁ ଦେଖିବାର ଅର୍ଥ ହେଉଛି, ମୋର ଚାକିରିଟି ଯିବ । ପେଟ ପୋଷିବାର ଉପାୟ ରହିବ ନାହିଁ । ତୁମ ଯୋଗେ ମୋର ଜୀବନଟା ନଷ୍ଟ ହୋଇଯିବ । ଯାଅ, ଲୁଚ ପଡ଼ ।"

ପୁଣି ତାଲା ଫିଟିବାର ଶବ୍ଦ ଶୁଣାଗଲା । ହର୍ଟେନସ ଘରର ଝରକା ପାଖକୁ ଦଉଡ଼ି ଯାଇ ରାସ୍ତା ଉପରକୁ ଡେଇଁ ପଡ଼ିଲେ । ଡେଇଁବା ପୂର୍ବରୁ ଏତିକି କହିଲେ, "ମି: ଗ୍ରାବୁ ଯିବାପରେ ତୁମେ ମୋତେ ରାସ୍ତାରୁ ନେଇଯିବ ।"

ମି: ଗ୍ରାବୁ ଲଣ୍ଠନ ଧରି ଘରଯାକ ଖୋଜିଲେ; କିନ୍ତୁ ସିଗିସବର୍ଟ ଛଡ଼ା ଆଉ କାହାକୁ ଦେଖି ପାରିଲେ ନାହିଁ । ଅତ୍ୟନ୍ତ ବିସ୍ମିତ ହୋଇ ସେ ଚାଲିଗଲେ । ପନ୍ଦର ମିନିଟ ପରେ ମି. ସିଗିସବର୍ଟ ଆସି ସମସ୍ତ ଘଟଣା ପ୍ରକାଶ କରି ମୋତେ ଡାକିନେଲେ ।

ବଗିଚା ଉପରି ମହଲାରୁ ଡେଇଁ ରାସ୍ତା ପାଖର କାଦୁମାଟିରେ ପଡ଼ିଥିଲା । ମୁଁ ଓ ସିଗିସବର୍ଟ ତାକୁ ଟେକି ମୋ ଘରକୁ ନେଇ ଆସିଲୁ । ସେତେବେଳକୁ ଭୟଙ୍କର ବର୍ଷା ହେଉଥାଏ । ଆମେ

Digitized by srujanika@gmail.com

ଏକବାରେ ଭାଙ୍ଗିଗଲା । ଘରେ ତାକୁ ପରୀକ୍ଷା କରି ଦେଖିଲି । ତାର ଡାହାଣ ଗୋଡ଼ଟି ତିନି ଜାଗାରେ ଭାଙ୍ଗିଯାଇଥିଲା । ଗୋଟାଏ ଜାଗାରେ ଭଙ୍ଗା ହାଡ଼ ମାଂସ ଭେଦି ପଦାକୁ ବାହାରି ପଡ଼ିଥିଲା । ସେ କାନ୍ଦୁ ନ ଥିଲା, କାହାକୁ ଦୋଷ ଦେଉ ନ ଥିଲା । ତାର ଧୈର୍ଯ୍ୟକୁ ଧନ୍ୟ କହିବାକୁ ହେବ । କପାଳକୁ ଆଦରି ନେଇ ସେ କହିଲା, "ମୋର ଦୋଷର ଉପଯୁକ୍ତ ଦଣ୍ଡ ହୋଇଅଛି ।"

ସାହାଯ୍ୟ କରିବାପାଇଁ ମୁଁ ହର୍ଟେନସର କେତେ ଜଣ ସାଥିଙ୍କୁ ଡକାଇ ଆଣିଲି । ସେମାନଙ୍କୁ ମିଛରେ କହିଲି, "ଗୋଟାଏ ଘୋଡ଼ାଗାଡ଼ି ତା ଉପରେ ମାଡ଼ି ଯାଇ ପଳାଇଛି । ମୋ ଘର ଆଗରେ ଏହି ଦୁର୍ଘଟଣା ଘଟିଥିବାରୁ ମୁଁ ତାକୁ ଘରକୁ ନେଇଆସିଛି ।" ସେମାନେ ମୋ କଥାରେ ବିଶ୍ୱାସ କଲେ । ପୁଲିସକୁ ମଧ୍ୟ ମୁଁ ତାହାହିଁ କହିଲି । ପୁଲିସ ମାସକଯାଏ ଖୋଜିଲେ; କିନ୍ତୁ କେଉଁ ଗାଡ଼ି ଏହି ଦୁର୍ଘଟଣା ଘଟାଇ ପଳାଇ ଯାଇଥିଲା ଧରିପାରିଲେ ନାହିଁ ।

ପ୍ରକୃତ ଘଟଣା ହେଉଛି ଏହା । ମୁଁ କହିବି, ହର୍ଟେନସ ଥିଲା ଜଣେ ବୀର ରମଣୀ । ଅସାଧ୍ୟ ସାଧନ କରିଥିବାରୁ ଯେଉଁମାନଙ୍କର ନାମ ଇତିହାସରେ ଲିପିବଦ୍ଧ ହୋଇଥାଏ, ଏ ଜଣେ ସେହିପରି ରମଣୀ । ତାର ଜୀବନରେ ଏଇ ଗୋଟିକ ହେଉଛି ପ୍ରଥମ ଓ ଶେଷ ପ୍ରେମ । ସେ ଆଜୀବନ କୁମାରୀ ରହି ପ୍ରାଣତ୍ୟାଗ କଲା । ସେ ସତୀ ସାଧ୍ୱୀ; ସେ ନିଜକୁ ବଳି ଦେଇ ଅମର ହୋଇଅଛି । ମୁଁ ତାକୁ ସେତିକି ବଡ଼ ମନେକରି ନଥିଲେ,, ଆଜି ତାର ଜୀବନ କାହାଣୀ କହିଥାନ୍ତି କାହିଁକି ? ତାର ଜୀବିତ ଅବସ୍ଥାରେ ଏ ଘଟଣା କାହାରିକୁ କହି ନଥିଲି । ନ କହିବାର କାରଣ ବୁଝି ପାରୁଥିବ ।"

Digitized by srujanika@gmail.com

ଡାକ୍ତରଙ୍କ କଥା ଶେଷ ହେଲା । ମୋର ମାଆ କାନ୍ଦ ପକାଇଲେ । ବାପା କଅଣ କହିଲେ ମୁଁ ଠିକ୍ ଧରିପାରିଲି ନାହିଁ । ସମସ୍ତେ ଚାଲିଗଲେ । ମୁଁ ପୂର୍ବ ପରି ଆରାମ ଚଉକିରେ ପଡ଼ି କାନ୍ଦିବାରେ ଲାଗିଲି । କିଛି ସମୟ ପରେ ଅନେକ ଲୋକ ଆସିଲେ; କେତେ ଗୋଳମାଳ ଶୁଣାଗଲା ।

ଏ ଥିଲା ମଲ୍ଲୀ ମାଉସୀକୁ କବରକୁ ନେଇଯିବା ସମୟର ଶବ୍ଦ ।

ଅପମାନ

ଗୋଟିଏ ସୁନ୍ଦର ଘୋଡ଼ାଗାଡ଼ି ଭିତରେ ଦୁଇ ଜଣ ମାତ୍ର ମହିଳା ବସିଥିଲେ । ଦେଖିଲେ ମନେ ହେଉଥିଲା, ସେ ଫୁଲ ଗଦା ଭିତରେ ବୁଡ଼ି ଯାଇଥିଲେ । ଫୁଲ ଆଉ ଫୁଲ ତୋଡ଼ାରେ ଗାଡ଼ିର ସବୁ ଅଂଶ ପୂରି ଯାଇଥିଲା । କେଉଁଠାରେ ଗୋଲାପ, କେଉଁଠାରେ ପଦ୍ମ, କେଉଁଠାରେ ମନ୍ଦାର, କେଉଁଠାରେ କଦମ୍ବ ଏହିପରି ନାନା ଜାତିର ଫୁଲରେ ସେମାନେ ବୁଡ଼ି ରହିଥିଲେ । ସେମାନଙ୍କ କାନ୍ଧଠାରୁ କେବଳ ଉପର ଅଂଶଟି ଦେଖାଯାଉଥିଲା । ଦେଖାଯାଉଥିବା ଅଂଶରୁ ଜଣାପଡୁଥିଲା, ଜଣେ ନୀଳ ରଙ୍ଗର ଓ ଅନ୍ୟ ଜଣକ ଗାଢ଼ ଲାଲ ରଙ୍ଗର ବ୍ଲାଉଜ ପିନ୍ଧିଥିଲେ । ଫୁଲର ସୁବାସରେ ଚାରିପାଖ ମହକି ଉଠୁଥିଲା ।

ଗାଡ଼ିର କଚୁଆନ ହାତରେ ଯେଉଁ କୋରଡ଼ା ଧରିଥିଲା, ତାହାର ବେଣ୍ଟରେ ସୁନ୍ଦର ମଲ୍ଲୀ ଫୁଲ ଖଞ୍ଜା ହୋଇଥିଲା ; ଘୋଡ଼ାମାନଙ୍କର ମୁଣ୍ଡରେ କଦମ୍ବ ଫୁଲ ସଜ୍ଜିତ ହୋଇଥିଲା । ଚକର ଅରମାନଙ୍କରେ ଗୋଲାପ ଫୁଲର ମାଳ ଗୁଡ଼ା ହୋଇଥିଲା । ଗାଡ଼ି ଆଗରେ ଯେଉଁଠାରେ ବତି ରହିବାର କଥା, ସେଠାରେ ମନ୍ଦାର ଫୁଲର ଦୁଇଟି ପ୍ରକାଣ୍ଡ ଫୁଲ ତୋଡ଼ା ଖଞ୍ଜା ଯାଇଥିଲା ।

Digitized by srujanika@gmail.com

ଗାଡ଼ିଟି ଆଲ୍ପବେସ ରାସ୍ତାରେ ଚାଲିଥାଏ । ଘୋଡ଼ାଙ୍କର କଦମ୍ ଚାଲି । ଏହି ଗାଡ଼ି ପଛରେ ଆହୁରି ଅନେକ ଗାଡ଼ି । ସବୁ ଗାଡ଼ି ଏହିପରି ଫୁଲରେ ସୁସଜ୍ଜିତ ଓ ଗାଡ଼ିରେ ବସିଥିବା ମହିଳାମାନେ ଫୁଲରେ ସୁସଜ୍ଜିତ । ଏହିପରି ଅନେକ ଗାଡ଼ି ମିବା ଆସିବା କରୁଥା'ନ୍ତି । ଆଜି କୁସୁମୋତ୍ସବ । ଏ ଉତ୍ସବରେ ଫୁଲର ଖୁବ୍ ଆଡମ୍ବର ଦେଖାଯାଇଥାଏ । ଫୁଲ ଫିଙ୍ଗାଫିଙ୍ଗି ହୋଇ ସମସ୍ତେ ଆନନ୍ଦ ଉପଭୋଗ କରିବାରେ ଉନ୍ମତ୍ତ ହୁଅନ୍ତି ।

ସେମାନେ ଫନସିଏର ଛକରେ ପହଞ୍ଚିଲେ । ଏହାହିଁ ହେଉଛି ଉତ୍ସବର କେନ୍ଦ୍ରସ୍ଥଳ । ଏହିଠାରେ ଦୁଇଦଳ ମଧ୍ୟରେ ଯୁଦ୍ଧ ଲାଗେ, ପରସ୍ପରକୁ ଫୁଲ, ଫୁଲମାଳ, ଫୁଲତୋଡ଼ା ଫିଙ୍ଗନ୍ତି । ଯୁଦ୍ଧରେ ଶର ବୃଷ୍ଟି ହେଲାପରି ଏଠାରେ ପୁଷ୍ପ ବୃଷ୍ଟି ହୁଏ । କାହାର ମୁହଁରେ, କାହାର ବାହୁରେ, କାହାର ପିଠିରେ ଫୁଲ ବାଜେ । ଏ ଆଘାତ ସଙ୍ଗେ ସଙ୍ଗେ ହସ ବୃଷ୍ଟି ହେଉଥାଏ । ପିଲାମାନେ ତଳୁ ଫୁଲ ଗୋଟାଇ ନେଇ ପଳାଉଥାନ୍ତି ।

ଆଉ ଦଳେ ଲୋକ ରାସ୍ତା କଡ଼ରେ ଛିଡ଼ା ହୋଇ ଏହି ମନୋରମ ଦୃଶ୍ୟ ଉପଭୋଗ କରୁଥାନ୍ତି ଓ ମଧ୍ୟେ ମଧ୍ୟେ ଆନନ୍ଦ-ସୂଚକ ଚିତ୍କାର କରୁଥାନ୍ତି । ଘୋଡ଼ାସବାର ପୁଲିସ ଦର୍ଶକମାନଙ୍କୁ ଖେଳାଳୀମାନଙ୍କ ପାଖରୁ ଦୂରରେ ରଖିବାପାଇଁ ଉଦ୍ୟମ କରୁଥାନ୍ତି ।

ଗାଡ଼ିରେ ଆସିଥିବା ମହିଳାମାନେ ପରିଚିତ ବାନ୍ଧବୀମାନଙ୍କୁ ଡାକ କଥାବାର୍ତ୍ତା ହୋଇ ପରସ୍ପରକୁ ଫୁଲ ଫିଙ୍ଗନ୍ତି ।

ଗୋଟିଏ ବଡ଼ ଗାଡ଼ିରେ କେତେକ ମହିଳା ସୁନ୍ଦର ଓ ମୂଲ୍ୟବାନ୍ ବେଶଭୂଷାରେ ସଜ୍ଜିତ ହୋଇ ବସିଥିଲେ । ଜଣେ ସୁଦୃଶ୍ୟ ଯୁବକ ସେମାନଙ୍କ ଉପରକୁ ଲକ୍ଷ୍ୟ କରି ଗୋଟିଏ

Digitized by srujanika@gmail.com

ଫୁଲତୋଡ଼ା ଫିଙ୍ଗିଲେ । ମହିଳାମାନେ ଆଖି ଉପରେ ହାତ ରଖି ମୁଣ୍ଡ ନୁଆଁଇ ଦେଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଫୁଲତୋଡ଼ାଟି ସେମାନଙ୍କ ଦେହରେ ନ ବାଜି ବුଲିପଡ଼ି ସେହି ଯୁବକଙ୍କ ହାତକୁ ଫେରି ଆସିଲା ଓ ଯୁବକ ଅନ୍ୟ ଜଣେ ମହିଳାଙ୍କ ଉପରକୁ ତାହା ଫିଙ୍ଗିବାକୁ ପ୍ରସ୍ତୁତ ହେଲେ ।

ପୂର୍ବୋକ୍ତ ମହିଳା ଦୁହିଁଙ୍କର ନଜର ଫୁଲଭଣ୍ଡାର ସରିଗଲା; କିନ୍ତୁ ସେମାନେ ଏଥି ମଧ୍ୟରେ ବହୁତ ଫୁଲତୋଡ଼ା ପାଇସାରିଥିଲେ । ପ୍ରାୟ ଏକଘଣ୍ଟା କାଳ ଯୁଦ୍ଧରେ ବ୍ୟାପୃତ ରହିଲାପରେ ମହିଳାଦ୍ୱୟ କଚୁଆନକୁ କହିଲେ, "ଜୁଆନ ଉପସାଗର କୂଳକୁ ଗାଡ଼ି ଚଳା ।"

ସୂର୍ଯ୍ୟ ଲାଲ ରଙ୍ଗ ଧରି ପର୍ବତ ପଛରେ ଲୁଚି ଯାଉଥିଲେ । ହରିବଲୟ ପର୍ଯ୍ୟନ୍ତ ସମୁଦ୍ରର ଶାନ୍ତ ନୀଳ ଜଳରାଶି ଦେଖାଯାଉଥିଲା । କେତୋଟି ନୌକା ଲଙ୍ଗର ପକାଇ ସ୍ଥିର ଭାବରେ ରହିଥିଲା । ଦୂରରୁ ସେଗୁଡ଼ିକ କୌଣସି ବନ୍ୟ ପଶୁଦଳ ବୋଲି ମନେ ହେଉଥିଲେ ।

ମହିଳାଦ୍ୱୟ କ୍ଲାନ୍ତ ହୋଇ ପଡ଼ିଥିଲେ । ସେମାନେ ଗାଡ଼ିରୁ ଓହ୍ଲାଇ ଏହି ସମୁଦ୍ରତୀରରେ କିଛି ସମୟ ବସି ମଧୁର ସମୀରଣ ଓ ଏହି ଶାନ୍ତ ଦୃଶ୍ୟ ଅନୁଭବ କଲେ ।

କିଛି ସମୟ ପରେ ଜଣେ କହିଲେ, "ଆଜିର ଏ ସନ୍ଧ୍ୟାଟି କେଡ଼େ ସୁଖକର ? ସବୁ ସୁନ୍ଦର ! ନୁହେଁ କି; ମାର୍ଗଟ ?"

ଅପର ମହିଳା ଉତ୍ତର କଲେ; "ହଁ, ସବୁ ଆନନ୍ଦର କଥା, କିନ୍ତୁ ଅବମିଶ୍ର ଆନନ୍ଦ କେଉଁଠାରେ ଥାଏ ? ସବୁବେଳେ ଗୋଟାଏ କିଛି ଅଭାବ ନିଶ୍ଚୟ ରହିଥିବ ।"

Digitized by srujanika@gmail.com

"ଅଭାବ କଅଣ ? ମୁଁ ମନେ କରୁଛି, ମୁଁ ପୂର୍ଣ୍ଣମାତ୍ରାରେ ଆନନ୍ଦିତ । ମୋର କିଛି ହେଲେ ଅଭାବ ଅଛି ବୋଲି ଭାବି ପାରୁନାହିଁ ।"

"ହଁ, ତୁମେ ହୁଏତ ସେପରି ମନେ କରୁଥିବ । ଆମର ଶରୀର ଯେତେ ସୁଖର ଉପାଦାନ ମଧ୍ୟରେ ବୁଡ଼ି ରହିଥିଲେ ସୁଦ୍ଧା ମନ କିଛି ନା କିଛି ଅଭାବ ଅନୁଭବ କରୁଥାଏ ।"

ଅନ୍ୟ ଜଣକ ଟିକିଏ ହସିଦେଇ କହିଲେ, "ହଁ ଟିକିଏ ପ୍ରେମ ଲୋଡ଼ୁଥିବ ।"

"ହଁ, ଠିକ୍ ଅନୁମାନ କରିଛ ।"

ସମୁଦ୍ର ଆଡ଼କୁ ଚାହିଁ ରହି ସେମାନେ କିଛି ସମୟ ପାଇଁ ନୀରବ ରହିଲେ । ଶେଷରେ ମାର୍ଗରିଟ କହିଲେ, "ସତ କହୁଛି, ପ୍ରେମ ବିନା ମୋତେ ଜୀବନଟା ଅସହ୍ୟ ବୋଧ ହୁଏ । ମୁଁ ଚାହେଁ, କେହି ଜଣେ ମୋତେ ଭଲ ପାଉ; ଏପରିକି କୁକୁରଟିଏ ହେଉ ପଛକେ, ତୁମେ ଯାହା କହନା କାହିଁକି, ଆମ ସମସ୍ତଙ୍କର ପ୍ରକୃତି ସମାନ । କେହି ଜଣେ ଭଲ ନ ପାଇଲେ ବଞ୍ଚି ହେବ ନାହିଁ ।

" ନା, ନା, ମୋ ନିଜ କଥା କହୁଛି । ଯିଏ ଇଚ୍ଛା ସିଏ ମୋତେ ଭଲ ପାଇଲେ ମୁଁ ଆଦୌ ସନ୍ତୁଷ୍ଟା ହୋଇପାରିବି ନାହିଁ । ମୁଁ ଚାହେଁ, ମୋତେ ଯିଏ ଭଲ ପାଇବ, ସେ ଜଣେ ସୁନ୍ଦର, ଗୁଣବାନ୍, ବିଖ୍ୟାତ ପୁରୁଷ ହୋଇଥିବା ଦରକାର । ତୁମେ କଅଣ ଭାବୁଛ, ଏ-ଏ-ଏ ମୋତେ ପ୍ରେମ କଲେ ମୁଁ ସୁଖୀ ହୋଇପାରିବି ? "

ଏହି କଥା କହିଲା ବେଳେ ସେ କାହାର ନାମ କହିବେ ବୋଲି ସ୍ଥିର କରି ନପାରି ଚାରିଆଡ଼କୁ ଚାହିଁଗଲେ । କର୍ଣ୍ଣେଲଙ୍କର କୁରୁତାରେ ଲଗିଥିବା ଚକଚକିଆ ବୋତାମ ଉପରେ ତାଙ୍କର ଦୃଷ୍ଟି ପଡ଼ିଗଲା । ସେ ପୂର୍ବ ବାକ୍ୟକୁ ବିଶଦ କରି କହିଲେ,

Digitized by srujanika@gmail.com

"ତୁମେ କଅଣ ଭାବୁଛ—ଏଇ କଚୁଆନ ମୋତେ ପ୍ରେମ କଲେ ମୁଁ ସୁଖୀ ହେବ ? "

ମିସ୍ ମର୍ଗାରେଟ ଗମ୍ଭୀର ଭାବରେ ଉତ୍ତର ଦେଲେ "ମୁଁ କହିପାରେ, ଜଣେ ଚାକର ଯଦି ତୁମକୁ ପ୍ରେମ କରେ ତେବେ ସେଥିରେ ବେଶ୍ ମଜା ଅଛି । ମୋ ଜୀବନରେ ଦୁଇ ତିନି ଥର ଏପରି ଘଟିଛି । ସେମାନେ ଏପରି ଦୃଷ୍ଟିରେ ଚାହାନ୍ତି ଯେ, ଦେଖିଲେ ହସ ମାଡ଼ିବ । ପ୍ରକୃତ ପକ୍ଷରେ ସେ ଯେତିକ ବେଶୀ ଭଲ ପାଉଥାଏ, ତାହା ପ୍ରତି ସେତିକ କଠୋର ବ୍ୟବହାର କରାଯାଏ । ସେପରି ନକଲେ, ଦୁହିଁଙ୍କର ଆଚରଣ ଯଦି କାହାର ଦୃଷ୍ଟିରେ ପଡ଼ିଯାଏ ତେବେ ନିତାନ୍ତ ଅପଦସ୍ଥ ହେବାକୁ ପଡ଼ିବ । "

ମିସ୍ ମାର୍ଗ ତାଙ୍କ ମୁହଁକୁ ଚାହିଁ ରହି ଶୁଣି ଯାଉଥିଲେ । ସେ କହିଲେ—"ନା, ନା, ମୋର ଚାକର ମୋ ପାଦ ତଳେ ତାର ଜୀବନ ସମର୍ପଣ କରିଦେଲେ ସୁଦ୍ଧା ମୁଁ ସନ୍ତୁଷ୍ଟ ହୋଇ-ପାରିବି ନାହିଁ । କହ ଦେଖି, ଚାକରଟି ଯେ ତୁମକୁ ଭଲପାଏ, ସେ କଥା କିପରି ଜାଣିବ ? "

"ଯେ କୌଣସି ପୁରୁଷ ପକ୍ଷରେ ଯାହା, ଚାକର ପକ୍ଷରେ ମଧ୍ୟ ସେଇଆ । ଭଲପାଇ ବସିଲେ ସେମାନେ ନିତାନ୍ତ ବୋକାମୀ ପ୍ରକାଶ କରନ୍ତି । "

କିନ୍ତୁ ଅନ୍ୟ ପୁରୁଷମାନେ ଭଲ ପାଉଥିଲେ ମୁଁ ସେମାନଙ୍କୁ ବୋକା ବୋଲି ଜାଣିପାରେ ନାହିଁ ।"

"ହଁ, ସମସ୍ତେ ବୋକା ପାଲଟି ଯାଆନ୍ତି । ସେମାନେ କଥାବାର୍ତ୍ତା କରି ପାରନ୍ତି ନାହିଁ, ପଚାରିଲେ କିଛି ଉତ୍ତର ଦେଇ ପାରନ୍ତି ନାହିଁ, କିଛି ବୁଝି ପାରନ୍ତି ନାହିଁ ।"

Digitized by srujanika@gmail.com

"ଆଉ ତୁମେ ? କୌଣସି ଗ୍ରାହକର ତୁମକୁ ଭଲ ପାଇବା ଫଳରେ ତୁମ ଉପରେ କି ପ୍ରଭାବ ପଡ଼ିଥିଲା ? ତୁମେ ବିଚଳିତ ହୋଇ ପଡ଼ିଥିଲ ? ନା ମନରେ ଗର୍ବ ଅନୁଭବ କରିଥିଲ ?"

"ନା, ବିଚଳିତ ହୋଇ ନଥିଲି । ତେବେ ଟିକିଏ ଗର୍ବ ଅନୁଭବ କରିଥିଲି ବୋଲି କହିପାରେ । ପୁରୁଷ ଯେ କେହି ହେଉ ନା କାହିଁକି—ଗ୍ରାହକ ହେଉ ପଛକେ— ତା'ଠାରୁ ପ୍ରଶଂସା ଶୁଣିଲେ ମନରେ ଗର୍ବ ହେବା କଥା ।"

"ତୁମେ ଏପରି କଅଣ କହୁଛ ?"

"ହଁ, ସତ କହୁଛି । ଆଚ୍ଛା, ମୋ ଜୀବନର ଗୋଟିଏ ଘଟଣା କହୁଛି । ମୀତ ଲୋକର ଭଲ ପାଇବା ଫଳରେ ନାରୀର କଅଣ ହୁଏ, ତାହା ସେଥିରୁ ବୁଝିପାରିବୁ ।"

"ଗୃହ ବର୍ଷ ତଳର କଥା । ମୋର ଖାସ୍ ଗ୍ରାହକଣୀ ନଥିଲା । ପାଞ୍ଚ ଛଅ ଜଣ ଆଣିଲି । ସେମାନେ ଅଳ୍ପ ଦିନ ଭିତରେ ଜଣକ ପରେ ଜଣେ ବିଦାୟ ନେଲେ । କେହି କାର୍ଯ୍ୟଦକ୍ଷ ଥିବାର ଜଣାଗଲା ନାହିଁ । ଭଲ ଦାସୀଟିଏ ମିଳିବାର ଆଶା ଛାଡ଼ି ଦେଇଥିଲି । ଦିନେ ଖବର କାଗଜର ଗୋଟିଏ ବିଜ୍ଞାପନ ଉପରେ ମୋର ଦୃଷ୍ଟି ପଡ଼ିଲା । ଜଣେ ଯୁବତୀ ଚାକିରି ଚାହାନ୍ତି । ସେ ସୁନ୍ଦର ସୂଚୀକାମ ଜାଣନ୍ତି, ବେଶଭୂଷା କରାଇ ପାରିବେ । ଆଚରଣ ବିଷୟରେ ପ୍ରଶଂସା ପତ୍ର ଅଛି । ସେ ଇଂରେଜୀ ଭାଷା ମଧ୍ୟ କହିପାରନ୍ତି ।"

"ବିଜ୍ଞାପନରେ ଠିକଣା ଦିଆଯାଇଥିଲା । ମୁଁ ସେହି ଠିକଣାକୁ ଲେଖିଲି । ଦୁଇ ଦିନ ପରେ ଜଣେ ଯୁବତୀ ମୋତେ ସାକ୍ଷାତ କରିବାକୁ ଆସିଲେ । ଦେଖିଲି, ଯୁବତୀ ବେଶ୍ ଉଚ୍ଚ, କ୍ଷୀଣଦେହୀ, ଈଷତ୍ ବିବର୍ଣ୍ଣ, ଚକ୍ଷୁ ଦୁଇଟିର ତାରକା ଘନକୃଷ୍ଣ । ଦେହର ବର୍ଣ୍ଣଟି ମଧ୍ୟ ସୁନ୍ଦର । ଦେଖିଲା ମାତ୍ରେ ମୁଁ ସନ୍ତୁଷ୍ଟ

Digitized by srujanika@gmail.com

ହୋଇଗଲି । ସେ କହିଲା ଯେ ଏଥି ପୂର୍ବରୁ ସେ ଲେଡ଼ି ରିଜଓ୍ୱେଲ ନାମକ ଜଣେ ଇଂରେଜ ମହିଳାଙ୍କ ପାଖେ ଥିଲା । ଲେଡ଼ି ରିଜଓ୍ୱେଲଙ୍କ ସାର୍ଟିଫିକେଟରୁ ଜାଣିଲି—ଏହି ଯୁବତୀ ସ୍ୱେଚ୍ଛାରେ କାର୍ଯ୍ୟ ତ୍ୟାଗ କରି ତାର ସ୍ୱଦେଶ ଫ୍ରାନ୍‌ସକୁ ଯାଉଛି । ତାହାର ସ୍ୱଭାବ ଉତ୍ତମ; ଦୀର୍ଘ ଦଶବର୍ଷ କାଳର ଚାକିରି ମଧ୍ୟରେ ତାର କୌଣସି ଦୋଷ ଦେଖା ଯାଇନାହିଁ ।”

“ମୁଁ ସଙ୍ଗେ ସଙ୍ଗେ ତାକୁ ନିଯୁକ୍ତ କଲି । ସେହି ଦିନ ଆସି ସେ କାର୍ଯ୍ୟରେ ଯୋଗଦେଲା । ସେ କହିଲା, ତାର ନାମ ରୋଜ୍ ।”

“ମାସକ ଭିତରେ ମୁଁ ତାର କାର୍ଯ୍ୟରେ ଏକବାରେ ମୁଗ୍‌ଧ ହୋଇଗଲି । ସେ ସୁରୁଚିସମ୍ପନ୍ନ ଭାବରେ ମୋର ମୁଣ୍ଡର ବାଳକୁ ସଜାଉଥିଲା । ସେ ଫ୍ରକ୍ ତିଆରି କରିପାରୁଥିଲା । ଅତି ଅଳ୍ପ ସମୟ ମଧ୍ୟରେ ସେ ମୋର ପୋଷାକ ପରିବର୍ତ୍ତନ କରି ଦେଉଥିଲା, ଅଥଚ ମୋ ଅଙ୍ଗରେ ତାର ହସ୍ତର ସ୍ପର୍ଶ ଅନୁଭବ କରି ହେଉ ନ ଥିଲା । ସେ ଆପାଦମସ୍ତକ ମୋର ପୋଷାକ ବଦଳାଉଥିଲା । ମୋତେ ନିଜେ କିଛି କରିବାକୁ ପଡ଼ୁ ନ ଥିଲା । ସେ ପ୍ରାୟ କିଛି କହୁ ନ ଥିଲା; କେବଳ ଟିକିଏ ଲଜ୍ଜା ପ୍ରକାଶ କରୁଥିଲା । ମୁଁ ଶୋଇଲାବେଳେ ସେ ମୋର ଦେହ ଘଷି ଦେଉଥିଲା । ଦିନକୁ ଦିନ ମୁଁ ତା ପ୍ରତି ଦାସୀ ଭଳି ବ୍ୟବହାର ନ କରି ସଖୀ ପରି ବ୍ୟବହାର କରିବାକୁ ଲାଗିଲି ।

“ଦିନେ ସକାଳେ ଆମ ଚପରାସୀ ଆସି ବିସ୍ମିତ ଭାବରେ ମୋତେ ଡାକିଲା । ତାର ଏପରି ଡାକରେ ମୁଁ ପ୍ରଥମେ ଚକିତ ହୋଇଗଲି । ସେ ଜଣେ ଭୂତପୂର୍ବ ସୈନିକ ଓ ମୋର ସ୍ୱାମୀଙ୍କ ଅଧୀନରେ କାର୍ଯ୍ୟ କରିଥିଲା । ସେ କୁଣ୍ଠିତ ଭାବରେ କହିଲା, ‘ଆଜ୍ଞା, ଜିଲ୍ଲାର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ତଳ ମହଲାରେ ଅପେକ୍ଷା କରିଅଛନ୍ତି ।’

Digitized by srujanika@gmail.com

ମୁଁ ପଚାରିଲି—ସେ କି କାମରେ ଆସିଛନ୍ତି ?

"ସେ ଆମ ଘର ଖାନତଲାସ କରିବେ ବୋଲି କହୁଛନ୍ତି ।"

"ଅବଶ୍ୟ ପୁଲିସ ଆମର ଦରକାର, କିନ୍ତୁ ମୁଁ ପୁଲିସକୁ ଘୃଣା କରେ । ପୁଲିସ ଚାକିରୀକୁ ମୁଁ ଭଦ୍ର ଚାକିରୀ ବୋଲି ମନେ କରେ ନାହିଁ । ମୁଁ ବିରକ୍ତ ହୋଇ କହିଲି, "ଆମ ଘର ଖାନତଲାସ କରିବେ ? କାହିଁକି ? କିଛି ଚୋରି କି ଡକାୟତି ତ ହୋଇନାହିଁ !"

ଚପରାସି ଉତ୍ତର କଲା, "ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କର ବିଶ୍ୱାସ, ଜଣେ ଦାଗୀ ଏଇଠାରେ କେଉଁଠି ଲୁଚିଛି ।"

ମୁଁ ମନେ ମନେ ଟିକିଏ ଭୟ କରିଗଲି । ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତାଙ୍କ ଭ୍ରମ ବୁଝାଇ ଦେବା ଉଦ୍ଦେଶ୍ୟରେ ତାଙ୍କୁ ଉପରକୁ ଡକାଇଲି । ଦେଖିଲି, ଲୋକଟି ଭଦ୍ର, ଶିକ୍ଷିତ, ପୋଷାକରେ ଅନେକ ପ୍ରଶଂସାସୂଚକ ମେଡ଼ାଲ । ସେ ମୋତେ ସମ୍ମାନ ଦେଖାଇ କ୍ଷମା ମାଗି କହିଲେ, "ଆପଣଙ୍କ ଚାକରମାନଙ୍କ ଭିତରେ ଜଣେ ଦାଗୀ ଥିବାର ପ୍ରମାଣ ମିଳିଛି ।"

ମୁଁ ଏକବାରେ ସ୍ତବ୍ଧ ହୋଇଗଲି । କହିଲି, "ମୁଁ ମୋର ପ୍ରତ୍ୟେକ ଚାକରର ସାଧୁତା ବିଷୟରେ ନିଃସନ୍ଦେହ । ତଥାପି ଆପଣଙ୍କ ସନ୍ତୋଷ ନିମନ୍ତେ ମୁଁ ସେମାନଙ୍କୁ ଡକାଇ ଆଣୁଛି ।"

"ଏ ହେଉଛି, ପିଟର କଟନ । ସେ ପୂର୍ବେ ସୈନ୍ୟ ବିଭାଗରେ ଥିଲା ।"

"ନା, ଏ ନୁହେଁ ।"

"ଏ ହେଉଛି ଫ୍ରାନ୍‌ସିସ୍ ପିଙ୍ଗୋ, ମୋର କୋଚୁଆନ । ଏହାର ବାପା ହେଉଛି ଆମର ଜଣେ ରଇତ ।"

"ନା, ଏ ନୁହେଁ ।"

Digitized by srujanika@gmail.com

"ଏ ହେଉଛନ୍ତି, ଆମ ଘୋଡ଼ା ସଇସ । ତାର ଘର ଶାମ୍ପେନରେ । ସେ ସଧ ଆମର ଜଣେ ରଇତର ପୁଅ । ଏମାନଙ୍କ ଛଡ଼ା ଆମର ଜଣେ ଚପରାସୀ ଅଛି । ତାକୁ ଆପଣ ଦେଖି ସାରିଛନ୍ତି ।"

"ମୁଁ ଯାହାକୁ ଖୋଜୁଛି ସେ ଏମାନଙ୍କ ମଧ୍ୟରୁ କେହି ନୁହେଁ ।"

"ମହାଶୟ, ତାହାହେଲେ ଆପଣ ଭ୍ରମରେ ପଡ଼ି ଏଠାକୁ ଆସିଅଛନ୍ତି ।"

"ନା ମହାଶୟ, କ୍ଷମା କରିବେ, ମୋର ଭ୍ରମ ହୋଇ ନ ପାରେ । ମୁଁ ଠିକ୍ ସନ୍ଧାନ ପାଇଛି । ସେ ଲୋକଟିର ଚେହେରା ଏପରି ଯେ କେହି ତାକୁ ଦାଗୀ ବୋଲି ସନ୍ଦେହ କରିବ ନାହିଁ । ଦୟାକରି ଆପଣଙ୍କର ସମସ୍ତ ଚାକର ଓ ଚାକରାଣୀଙ୍କୁ ଆପଣଙ୍କ ନିକଟକୁ ଡକାଇବେ କି ?"

ମୁଁ ଟିକିଏ ଇତସ୍ତତଃ ହେଲି । ଶେଷରେ ସମସ୍ତଙ୍କୁ ଡକାଇଲି ।

ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସମସ୍ତଙ୍କୁ ଥରେ ଚାହିଁଦେଇ କହିଲେ, "ସମସ୍ତେ ଆସି ନାହାନ୍ତି ବୋଲି ମନେହୁଏ ।"

"ହଁ, ମହାଶୟ, କେବଳ ମୋର ଖାସ ଚାକରାଣୀଟି ଆସିନାହିଁ । ତାକୁ ତ ଜଣେ ଦାଗୀ ବୋଲି କେହିହେଲେ ସନ୍ଦେହ କରିବାର କାରଣ ନାହିଁ ।"

"ମୁଁ ତାକୁ ଟିକିଏ ଦେଖି ପାରିବି କି ?"

"ନିଶ୍ଚୟ, ଦେଖିବାରେ କଅଣ ଆପତ୍ତି ଥାଇପାରେ ?"

ମୁଁ ଘଣ୍ଟି ବଜାଇବା ମାତ୍ରେ ରୋଜ୍ ଉପସ୍ଥିତ ହେଲା । ସଙ୍ଗେ ସଙ୍ଗେ ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ସଙ୍କେତ ପାଇ ଦୁଇ ଜଣ

Digitized by srujanika@gmail.com

କନେଷ୍ଟବଳ ଦୁଇ ପାଖରୁ ଆସି ତାର ହାତକୁ ଧରି ହାତକଡ଼ା ପକାଇ ଦେଲେ । କନେଷ୍ଟବଳ ଦୁହେଁ ଆଗରୁ କେଉଁଠାରେ ଲୁଚି ରହିଥିଲେ ମୋତେ ଜଣାନଥିଲା ।

ରୋଜକୁ ଏପରି ହାତକଡ଼ା ଦେଇ ବନ୍ଦୀ କରିବାର ଦେଖି ମୁଁ କ୍ରୋଧ ଓ ବିରକ୍ତିରେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବାଧା ଦେବାକୁ ଯାଉଥିଲି । କିନ୍ତୁ ସେ ଶାନ୍ତ ଭାବରେ କହିଲେ, "ଆପଣ ଉତ୍ତେଜିତ ହୁଅନ୍ତୁ ନାହିଁ । ଆପଣଙ୍କର ଏ ଦାସୀଟି ହେଉଛି ଜଣେ ପୁରୁଷ; ତାର ନାମ ଜନ୍ ନିକୋଲାସ । ଛଦ୍ମବେଶ ଧରି ଏଠାରେ ଚାକିରି କରୁଛି । ୧୮୭୯ ମସିହାରେ ଏକ ନାରୀ ଧର୍ଷଣ ଓ ହତ୍ୟା ଅପରାଧରେ ତାର ମୃତ୍ୟୁଦଣ୍ଡ ଆଦେଶ ହୋଇଥିଲା । ପରେ ସେହି ଆଦେଶ ଯାବଜ୍ଜୀବନ କାରାଦଣ୍ଡରେ ପରିବର୍ତ୍ତିତ ହୋଇଥିଲା । ଚାରିମାସ ତଳେ ସେ ଜେଲ୍‌ଖାନାରୁ ଖସି ପଳାଇ ଆସିଛି । ସେହିଦିନଠାରୁ ଆମେ ତାକୁ ଖୋଜୁଥିଲୁ ।"

ମୁଁ ବିସ୍ମୟରେ ସ୍ତମ୍ଭୀଭୂତ ହୋଇଗଲି । ଯାହା ଶୁଣିଲି, ତାହା ବିଶ୍ୱାସ କରିପାରିଲି ନାହିଁ । ମୁଁ ସୁପରିଣ୍ଟେଣ୍ଡେଣ୍ଟ ଓ ରୋଜ ଦୁହିଁଙ୍କର ମୁହଁକୁ ଚାହିଁରହିଲି । ସୁପରିଣ୍ଟେଣ୍ଡେଣ୍ଟ ମୋର ମନର ସଂଶୟ ଦୂର କରିବା ଉଦ୍ଦେଶ୍ୟରେ ହସି ହସି କହିଲେ, "ଏ ଲୋକଟି ଯେ ସ୍ତ୍ରୀ ନୁହେଁ, ଜଣେ ପୁରୁଷ ଓ ଜଣେ ଦାଗୀ, ତାହାର ଯଥେଷ୍ଟ ପ୍ରମାଣ ଆମ ପାଖରେ ଅଛି । ଏଠାରେ ମୁଁ ଗୋଟିଏ ପ୍ରମାଣ ଦେଉଛି । ତାହାର ଡାହାଣ ହାତର ବାହୁରେ ତାର ନାମ ନାଲି ରଙ୍ଗରେ ଚିତା କୁଟା ହୋଇଛି—ଏଇ ଦେଖନ୍ତୁ ।" ଏହା କହି ସେ ରୋଜ୍‌ର ବ୍ଲାଉସର ହାତକୁ ଉପରକୁ ଟେକିଦେଲେ । ମୁଁ ଦେଖିଲି, ତାର ନାମ ଚିତାକୁଟାହୋଇଛି । ମୁଁ ସ୍ତବ୍ଧ ହୋଇ ରହିଗଲି ।

Digitized by srujanika@gmail.com

ସୁପରିଣ୍ଟେଣ୍ଡେଣ୍ଟ ସାହେବ ବ୍ୟଙ୍ଗ କରି କହିଲେ, "ଆହୁରି ଅନେକ ପ୍ରମାଣ ଅଛି । କିନ୍ତୁ ସେସବୁ ପ୍ରମାଣ ନ ଦେଖି ଏଇ ଗୋଟିକରେ ଆପଣ ସନ୍ତୁଷ୍ଟ ହେବେ ବୋଲି ମୋର ଆଶା ।"

ପୁଲିସ ବ୍ରେଜକୁ ଗିରଫ କରି ନେଇଗଲେ ।

ଗୋଟାଏ ଲୋକ ମୋତେ ଠକି ଦେଇ ଏତେ ଦିନ ଏପରି ମୋ ପାଖରେ ରହିଗଲା, ଏହାହିଁ ମୋର ଦୁଃଖର କାରଣ ହେଲା । ଜଣେ ପୁରୁଷ ମୋତେ ବେଶଭୂଷା କରାଉଥିଲା, ମୋ ଦେହକୁ ବାରମ୍ବାର ସ୍ପର୍ଶ କରୁଥିଲା, ସେଥିପାଇଁ ମୋର ଦୁଃଖ ନ ଥିଲା—ବୁଝିପାରିଲ ?

"ନା, ଠିକ୍ ବୁଝିପାରୁନାହିଁ । ଏଥିରେ ଲଜ୍ଜା ବା ଅପମାନର କଥା କଅଣ ଅଛି ?"

"ଟିକିଏ ଚିନ୍ତା କରି ଦେଖ । ଏ ଯୁବକଟି ନାରୀଧର୍ଷଣ ଓ ହତ୍ୟା ଅପରାଧରେ ଦଣ୍ଡିତ ହୋଇଥିଲା । ଏଭଳି ଜଣେ ଅପରାଧୀ ମୋର ଦାସୀ ହୋଇ ଏତେ ଦିନ ରହି ମୋତେ ଠକି ପାରିଲା ଏହାହିଁ ମୋର ଲଜ୍ଜା ଓ ଅପମାନର କାରଣ ।"

ମିସ୍ ମାର୍ଗଟ କୌଣସି ଉତ୍ତର ଦେଲେ ନାହିଁ । ତାଙ୍କର ଆଖି ଥିଲା ନିଜ ଗୃକରର ଚକଚକିଆ ବୋତାମ ଉପରେ ଆଉ ତାଙ୍କ ଓଠରେ ଥିଲା ଏକ ଅବୋଧ ରହସ୍ୟମୟ ହସ ।

Digitized by srujanika@gmail.com